# ବେଦାନ୍ତା

Spreading Knowledge Amongst Mankind.......

ଫେବୃୟାରୀ – ୨୦୧୭ FEBRUARY - 2017



# ବେଦାନ୍ତୀ

[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର

## ଯୋଗାଯୋଗ

Whatsapp: + 91 9594993733

ଭ୍ରାମ୍ୟଭାଷ - + 91 8828213733

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

# ଏଣୁତେଣୁ......

ଆଜ୍ଞା ଓଡିଆମାନେ ହେଲେ ଖାଦ୍ୟ ପ୍ରିୟ। ନିଜର ପ୍ରିୟ ଖାଦ୍ୟ ପାଇଁ ଅନେକ କଷ୍ଟ କରିପାରନ୍ତି। ତା ସାଙ୍ଗକୁ ନ ତିଅଣ, ଛ ଭଜା ନହେଲେ ନଚଳେ। ଏବେ କିଛି ଦିନ ତଳେ ମୁଁ ଭୁବନେଶ୍ୱରରେ ଥିବାବେଳେ ମୋ ସାଙ୍ଗ କହିଲା - କାଲି ସକାଳେ ତତେ ଟିକେ କଷ୍ଟ ଦେବି। ଠିକ୍ ଆଠଟା ବେଳକୁ ବାହାରିବାକୁ ପଡିବ। ମୁଁ ପଚାରିଲି - କୁଆଡେ। ସେ କହିଲା - ଚିଲିକା କଙ୍କଡା ଆଣିବା। ତା ପରଦିନ ସକାଳୁ ସକାଳୁ ମୋତେ ୭.୩୦ ମିନଟିରେ ଉଠି ରେଡିହୋଇ ସାଙ୍ଗରେ ଯିବାକୁ ପଡିଲା। ୪ ନମ୍ବର  ମାଛମାର୍କେଟ ରେ ପହଞ୍ଚି ସାଙ୍ଗଟି ମୋର କୋଣରେ ଥିବା ଏକ ଦୋକାନରେ ପହଞ୍ଚି ଚିଲିକା କଙ୍କଡା କଥା ପଚାରିବା କ୍ଷଣି ଦୋକାନି ଜଣକ ଏକ ଝୁଡି ଖୋଲି କହିଲା  - ଆଜ୍ଞା, ସବୁ ତାଜା ମାଲ୍, ଏବେ ଆସି ପହଞ୍ଚିଛି। ତାକୁ ଦେଖି ସାଙ୍ଗ ପାଟିରୁ ବୋହେ ଲାଳ ବାହାରିଲା ଏବଂ ୧.୫ କେ.ଜି.ର ଗୋଟିଏ କଙ୍କଡା ଆମେ ଆଣି ଘରକୁ ଆସିଲୁ। କିନ୍ତୁ ନିଜର ପ୍ରିୟ ଜିଅନ୍ତା କଙ୍କଡା ପାଇ ମୋ ସାଙ୍ଗର ଆଖି ଯୋଡିକ ବଡ ହୋଇଯିବା ସଙ୍ଗେ ସଙ୍ଗେ ଗୋଡ ତଳେ ଲାଗୁ ନଥିଲା।

କହିବାର ତାତ୍ପର୍ଯ୍ୟ ଏହିକି ଯେ ଆମେ ଓଡିଆମାନେ ଖାଦ୍ୟ ଖାଇବାରେ କିମ୍ବା ଖୁଆଇବାରେ କେବେ ପାତର ଅନ୍ତର କରିନଥାଉ। ରବିବାର ଦିନ ସକାଳୁ ସକାଳୁ କେବଳ ଭୁବନେଶ୍ୱର ନୁହେଁ, ଏହାର ଆଖପାଖ ଅଞ୍ଚଳ ପର୍ଯ୍ୟନ୍ତ ଲୋକେ ପହଞ୍ଚି ଯାଆନ୍ତି ଭଲ ମାଛ, ମାଂସ ଆଉ ତାଜା ପନପରିବା ପାଇଁ। ତା ପରେ ଓଡିଆ ଗୃହିଣୀଙ୍କର କାର୍ଯ୍ୟ ଆରମ୍ଭ ହୋଇଯାଏ। ତୃପ୍ତିକର ଖାଦ୍ୟ ସାଙ୍ଗକୁ ଦିପହରିଆ ନିଦ ଶରୀରକୁ ବହୁତ ମଜା ଦେଇଥାଏ।

ଓଡିଆମାନେ ପ୍ରଚାର ଓ ପ୍ରସାର ଧର୍ମି ନୁହନ୍ତି। ତେଣୁ ସ୍ୱାଦିଷ୍ଟ ଓଡିଆ ଖାଦ୍ୟ କିଛି ବିଳମ୍ବରେ ବାହାର ଲୋକଙ୍କ ପାଖରେ ଏବେ ପହଞ୍ଚି ପାରିଛି ଏବଂ ଲୋକେ ଏହାକୁ ବହୁତ ପସନ୍ଦ କରୁଛନ୍ତି ମଧ୍ୟ। ଓଡିଶାକୁ ଆସୁଥିବା ପର୍ଯ୍ୟଟକମାନେ ଓଡିଶାରେ ପହଞ୍ଚିବା ପରେ ଖୋଜୁଛନ୍ତି ରସଗୋଲା, ଛେନାପୋଡ, ଛେନାଗଜା, ଛେନା ପକୋଡି, ଛେନା ତାଡିଆ ଇତ୍ୟାଦି। ଏପରିକି ଦହିବରା ଆଉ ଆଳୁଦମ ଖାଇବା ପାଇଁ ଅନେକ ପର୍ଯ୍ୟଟକ କଟକରେ ମଧ୍ୟ ପହଞ୍ଚି ଯାଉଛନ୍ତି। ତା ସାଙ୍ଗକୁ ଶୁଦ୍ଧ ଓଡିଆ ଖାଦ୍ୟ ଯୋଗାଉଥିବା ରେଷ୍ଟୁରାଣ୍ଟ ମାନଙ୍କର ମଧ୍ୟ ଚାହିଦା ଯଥେଷ୍ଟ ବଢି ଯାଇଛି। ଏହାର ଜ୍ୱଳନ୍ତ ଉଦାହରଣ ହେଲା ଯେତେବେଳେ ମୋର ଜଣେ ମହାରାଷ୍ଟ୍ରୀୟାନ ବନ୍ଧୁ ମୋତେ ମୁମ୍ବାଇରେ ଦିନେ କଖାରୁଫୁଲ ଭଜା ଆଉ ବଡିଚୁରା ମୁମ୍ବାଇରେ କେଉଁଠି ମିଳପାରିବ ସେ ବିଷୟରେ ଅନୁସନ୍ଧାନ କରିବା।

ବନ୍ଦେ ଉତ୍କଳ ଜନନୀ।

ଅରବିନ୍ଦ ମିଶ୍ର

# ଏ ସଂଖ୍ୟାରେ....


| | | |
|---|---|---|
| କୃଷ୍ଣ | ଡ. ବିଜ୍ଞାନୀ ଦାସ | ୦୬ |
| ବନ୍ଦଇ ସରସ୍ୱତୀ ପଦକଞ୍ଜ | ହିମାଂଶୁ ଶେଖର ବାରିକ୍ | ୧୫ |
| ହାଟକୁ ଆସିଛି ସଉଦା କରି | ଶଶଧର ମହାପାତ୍ର | ୧୭ |
| କୃପାଗ୍ରାର୍ଘ୍ୟ | କାଳକଙ୍କର | ୧୯ |
| କାଉ | ଆଶା ସାହୁ | ୨୦ |
| ସ୍ମୃତିକଥା | ସନାତନ ମହାକୁଡ | ୨୩ |
| ଜ୍ୟାମିତି ଏମିତି ଏମିତି | ଡ. ସୌମ୍ୟ ରଞ୍ଜନ ମିଶ୍ର | ୨୪ |
| ଛାଇ | ସୁଲୋଚନା ପଟ୍ଟନାୟକ | ୨୬ |
| ତୁମାକୁ ଭୂଲି ପାରୁନ | ନୃସିଂହ ଚରଣ ବେହେରା | ୩୧ |
| ଶାମ୍ବ ଦଶମୀ | ଅନାମ ଚରଣ ସାହୁ | ୩୨ |
| ଭୁଲ କାହାର | ପ୍ରତିଭା ପ୍ରିୟଦର୍ଶିନୀ | ୩୪ |
| ଅଜବ ସହର | ସୁବ୍ରତ କୁମାର ମୁଦୁଲି | ୩୯ |
| ସଦଜ୍ଞାନ | ବରଦା ଦାଶ | ୪୦ |
| ପରଦାର ଅନ୍ତରାଳେ | ଶାନ୍ତିଲତା ମିଶ୍ର | ୪୧ |
| ହେ ମୃତ୍ୟୁ | ଅନୁସୂୟା ମିଶ୍ର | ୪୪ |
| ଝଡ ବି ଉଠିବ ମାତି | ଜିତେନ୍ଦ୍ରୀୟ ବେହେରା | ୪୫ |
| ଅସ୍ତରାଗିଣୀ (ଧାରାବାହିକ) | ପ୍ରଫେସର ଅନତା ପଣ୍ଡା | ୪୬ |
| ଆସିଗଲା ଅଛାଦିନ | ପ୍ରଶାନ୍ତ କୁମାର ନାଥ | ୪୮ |
| ପୃଥ୍ୱୀ | ଅନୁପମ ବେହେରା | ୪୯ |

| | | |
|---|---|---|
| ମାଟିର ସରଗ (ଧାରାବାହିକ ଉପନ୍ୟାସ) | କାଳକଙ୍କର | ୫୦ |
| ନାଟକର ଶେଷ ଦୃଶ୍ୟ | ବିନୟ ମହାପାତ୍ର | ୫୬ |
| ମୋ ଭଗବାନ | ଆଶୁତୋଷ ମେହେର | ୫୮ |
| ଆଇଜଲ୍, ମିଜୋରାମ (ଧାରାବାହିକ ଭ୍ରମଣ କାହାଣୀ) | ପ୍ରିୟବ୍ରତ ପାତ୍ର | ୫୯ |
| କପାଳ ଲିଖନ | ଲିନା ମହାନ୍ତି | ୬୫ |
| ଉଠ୍ ରେ ପୁତା ଉଠ୍ | ଫିରୋଜ କୁମାର ପଟେଲ | ୬୭ |
| ଲ୍ଭ | ଇଂ. ସାରଦା ପ୍ରସାଦ ପରିଡା | ୬୮ |
| ମୁଁ | ପ୍ରବୋଧ ଚନ୍ଦ୍ର ମୁଦ୍ରା | ୬୯ |
| ତୁମ ପାଇଁ | ପ୍ରଦେଶ କୁମାର ପ୍ରଧାନ | ୭୧ |
| ପ୍ରେମ | ସଚ୍ଛିଦା ନନ୍ଦ ବାରିକ | ୭୨ |
| ବାର୍ଷିକ ରାଶିଫଳ | | ୭୩ |
| ପର୍ବପର୍ବାଣୀ | ବେଦାନ୍ତୀ ପରିବାର | ୮୦ |
| ଟିକିଏ ହସନ୍ତୁ | ସଂଗୃହୀତ | ୮୧ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୮୨ |




# କୃଷ୍ଣ



ଡ. ବିଜ୍ଞାନୀ ଦାସ

ଭେନସ୍ ସହରଟା ଖୁବ୍ ଭଲଲାଗୁଥିଲା । ବହୁତ ଦିନପରେ ଭେନସ୍ ସହର ଦେଖିବାର ସ୍ୱପ୍ନ ଆଜି ପୂରଣ ହେବାକୁ ଯାଉଛି । ସେଥିପାଇଁ କଶନ୍ ଅତି ବିହ୍ୱଳ ହୋଇ ବଡଭାଇ ମହାଦେବଙ୍କୁ ଆଲିଙ୍ଗନ କଲେ ।

ମହାଦେବ କିନ୍ତୁ ଏତେଟା ପ୍ରଫୁଲ୍ଲ ନଥିଲେ । ଭାଉଜ ଜୟା ମଧ୍ୟ ଶଙ୍କିତ ଦିଶୁଥିଲେ । ଗତକାଲି ମିଲନ୍ ସହରରେ ଟ୍ରେନରେ ଚୋରି ଘଟଣା ତାଙ୍କ ଭିତରେ ଆନନ୍ଦ ବଦଳରେ ଆଶଙ୍କା ଭରିଦେଇଥିଲା । ସେଥିପାଇଁ ସେ ନିଜ ପର୍ସକୁ ଅତି ସତର୍କ ଭାବେ ଧରିଥିଲେ ଓ ଚାରିଆଡକୁ ନଜର ପକାଉଥିଲେ । କାଳେ କିଏ ଫଲୋ କରୁଥିବ କି କଣ । ସେମାନଙ୍କୁ ବିଦେଶୀ ପର୍ଯ୍ୟଟକ ଭାବି ହୁଏତ କିଏ କେତେବେଳେ ହଇରାଣ କରିବ, କିଏ ଜାଣେ ?

ଏତିକିବେଳେ ନଜରରେ ପଡିଲା ଜଣେ ଲୋକ ପ୍ରାୟ ସେମାନଙ୍କ ପଛେପଛେ ଟ୍ରେନ୍ ଷ୍ଟେସନରୁ ଆସୁଛି । ସେ ବ୍ୟକ୍ତି ଜଣକ ଆଫ୍ରିକାନ୍ ବଂଶଧର ବୋଲି ଜଣା ପଡୁଥିଲା ଓ ପ୍ରାୟ ଛଅଫୁଟ୍ ଉଚ୍ଚାର ଥିଲା । ସିଏ ଗୋଟିଏ ଧଳା ଟି ସାର୍ଟ ଓ ନୀଳ ସର୍ଟ ପିନ୍ଧିଥିଲା । ସେମାନେ ଯେଉଁ ରାସ୍ତାରେ ଯାଉଥିଲେ, ସେ ବ୍ୟକ୍ତି ବି ସେଇ ରାସ୍ତାରେ ଚାଲୁଥିଲା । ଟ୍ରେନ୍ ଷ୍ଟେସନରୁ ପିଆଜା ସାନ୍‌ମାର୍କୋ ପ୍ରାୟ ପଚିଶି ମିନଟ୍‌ର ବାଟ । ଜୁଲାଇ ମାସରେ ସେଠି ବହୁତ ଗରମ ଥିଲା । ହୁଏତ ସେମାନଙ୍କ ଭଳି ସିଏ ବି ପିଆଜା ସାନ୍‌ମାର୍କୋ ଆସୁଛି କି କଣ ? ହେଲେ ବି ଜୟାଙ୍କୁ କାହିଁକି ଡର ଲାଗିଲା । ସେ କହିଲେ, "କଶନ୍, ତମେ ଟିକେ ଧୀରେ ଚାଲ । ଆସ, ଆମେ କିଛି ଦୋକାନରେ ପଶିଯିବା ଆଉ ସେ ଲୋକଟିକୁ ଆଗେ ଚାଲିଯିବାକୁ ଅବସର ଦେବା । ତଥାପି ସିଏ ଯଦି ନଯାଏ, ତେବେ ଜାଣିବା, ସିଏ ଆମକୁ ଫଲୋ କରୁଛି ।"

ଭେନସ୍ ସହର ପୁରା ଗଳିକନ୍ଦିର ସହର । ସେଠି ଚାଲିଚାଲି ହିଁ ଯିବ, ନହେଲେ ପାର୍ଶ୍ୱରେ ଥିବା କେନାଲର ଜଳପଥରେ ଡଙ୍ଗାରେ ଆସି ନିଜନିଜର ଗନ୍ତବ୍ୟସ୍ଥଳୀକୁ ଆସିବ । ଜୟା କ୍ଲାନ୍ତ ହୋଇପଡୁଥିଲେ । ହେଲେ ବି ପାର୍ଶ୍ୱରେ ଥିବା ଦୋକାନ ଗୁଡିକର ଚମତ୍କାରିତା ଓ କେନାଲ୍ ସବୁ ଅତିକ୍ରମ କରିବାର ଅଭିଜ୍ଞତା ତାଙ୍କୁ ମୁଗ୍ଧ କରି ରଖୁଥିଲା । ସେମାନେ ମଝିରେ ରହି ଏକ ଫଳଦୋକାନରୁ ତିନିଟି ଫଳପ୍ଲେଟ୍ ଆଣି ଖାଇଲେ । ସେଠି ରାସ୍ତାରେ ସଙ୍ଗୀତ ଓ ନୃତ୍ୟର ବିଭିନ୍ନ ଶୋ ସବୁ ଚାଲିଥିଲା ଓ ପ୍ରଦର୍ଶକ ମାନେ ଉପଭୋଗ କରୁଥିଲେ ।

ହେଲେ ସେମାନଙ୍କ ପାଖରେ ଏତେ ସମୟ ନଥିଲା । କାରଣ ସେମାନେ ମିଲନ୍‌ରୁ ଟ୍ରେନ୍ ନେଇ ଭେନସ୍ ଆସିଥିଲେ ଓ ଛଅଟା ବେଳେ ଫେରିଯିବାର ଟିକେଟ୍ ହୋଇଥିଲା । ତେଣୁ ସେମାନେ ରାସ୍ତାରେ ନ ଅଟକ, ଖାଲି ଚାଲୁଥିଲେ ।

କଶନ୍ ଆସିଥିଲେ ଗୋଟିଏ କନ୍‌ଫରେନସରେ ଯୋଗଦେବା ପାଇଁ । ସେଇଟା ମିଲନ୍ କନେ୍ଭନ୍‌ସନ୍ ସେଣ୍ଟରରେ ଥିଲା । ହେଲେ କନଭେନସନ୍ ସେଣ୍ଟର୍ ପାଖରେ ସେମିତି କୌଣସି ହୋଟେଲ୍ ନଥିଲା । ସେଥିପାଇଁ ସେମାନେ ମେରିଅଟ୍ ହୋଟେଲରେ, ସିଟି ସେଣ୍ଟର୍ ପାଖରେ ରହୁଥିଲେ । ଭାଇ, ଭାଉଜ ବି କେବେ ପୂର୍ବରୁ ଇଟାଲି ଦେଶ ଆସିନଥିଲେ । ତେଣୁ ସେ ସେମାନଙ୍କୁ ପ୍ରବର୍ତ୍ତାଇ ନେଇଆସିଥିଲେ । ପ୍ରଥମେ ସେମାନେ ସମସ୍ତେ ମିଶି ଦୁଇଦିନ ପାଇଁ ରୋମ୍ ଯାଇଥିଲେ । ତାପରେ କଶନ୍ ଆସି କନ୍‌ଫରେନ୍ସ୍ ଆଟେଣ୍ଡ କରୁଥିଲେ ଓ ଭାଇ, ଭାଉଜ ଅନ୍ୟ ସବୁ ସ୍ଥାନ ପରିଦର୍ଶନ କରୁଥିଲେ । ସେତେବେଳେ ମିଲନରେ ଏକସ୍ପୋ ଚାଲିଥିଲା । ପୃଥିବୀର ବିଭିନ୍ନ ଦେଶରୁ ଲୋକମାନେ ଆସି ସେମାନଙ୍କ ଦେଶର କଳା, ସ୍ଥାପତ୍ୟ, ଖାଦ୍ୟ, ପାନୀୟର ପ୍ରଦର୍ଶନୀ ମେଲାଇଥିଲେ । ସେଥିପାଇଁ ମହାଦେବ ଓ ଜୟା ଦିଅରଙ୍କର ଆଗ୍ରହ ଭାଙ୍ଗିପାରିନଥିଲେ ।

ଏବେ ସେ ଫଲୋ କରୁଥିବା ଭଳ ମନେ ହେଉଥିବା ବ୍ୟକ୍ତି ଜଣକ ଆଉ ଦେଖା ହେଉନଥଲା । ଅତଏବ, କଶନ୍, ମହାଦେବ ଓ ଜୟା ଆଉ ନଡରି ଜୋରରେ ଚାଲିବାକୁ ଲାଗିଲେ । ସେମାନେ ପିଆଜା ସାନ୍‌ମାର୍କୋର ଯେତେ ନକଟତର ହେଉଥାନ୍ତି, ସେତେ ଲୋକ ଗହଳ ବଢୁଥାଏ । ଶେଷରେ ସେମାନେ ସେ ସ୍ଥାନରେ ପହଞ୍ଚିଗଲେ । ସେତେବେଳେ ସାନ୍‌ମାର୍କୋରେ ହଜାର ହଜାର ଲୋକ ଜମା ହୋଇଥାଆନ୍ତି । କଏ ଫଟୋ ନେଉଥାଏ ତ କଏ ଚର୍ଚ୍ଚ ଭିତରକୁ ଯିବାପାଇଁ ଲାଇନରେ ଠିଆ ହୋଇଥାଏ । ଲମ୍ବା ଲାଇନ୍ ଦେଖି, ସେମାନେ ଆଉ ଚର୍ଚ୍ଚ ଭିତରକୁ ଯିବାକୁ ଲାଇନରେ ଠିଆ ହେଲେନ ।

"ହଁ, ସେ ଡୁଓମୋ ଭଳ ଚର୍ଚ୍ଚ ହେଇଥିବତ ଆଉ କଣ ?" - ମହାଦେବ ମନ୍ତବ୍ୟ ଦେଲେ ।

ସେମାନଙ୍କୁ ଗତକାଲିର ଟ୍ରେନରେ ହୋଇଥିବା ଚୋରି ଘଟଣାକୁ ସେଠି ପୋଲିସରେ ରିପୋର୍ଟ କରିବାର ଥିଲା । ସେଠି ପୋଲିସ୍ ପୋଷାକରେ ଠିଆ ହୋଇଥିବା ଜଣେ ଭଦ୍ରବ୍ୟକ୍ତିଙ୍କୁ ପଚାରିବାରୁ, ସିଏ ପୋଲିସ୍ ଷ୍ଟେସନ୍ ଦେଖେଇଦେଲେ । ହେଲେ ଜୟା କହିଲେ, "ମୁଁ ଭାବୁଛି, ଆମେ ଟିକେ ଟୁର୍ ବିଷୟରେ ଅନୁସନ୍ଧାନ କରିବା । ତାପରେ ଫେରିଲାପରେ ଯଦି ବେଳହେବ, ତେବେ ପୋଲିସ୍ ରିପୋର୍ଟ କରିବାକୁ ଯିବା । ପ୍ରଥମେ ତ ପୋଲିସ୍ ରିପୋର୍ଟ

କଲେ କଛି ଲାଭହେବାର ନାହିଁ । ଆଉ ଦ୍ୱିତୀୟରେ ଆମେ ସେଥିପାଇଁ ଅପେକ୍ଷାକଲେ ଆଉ କଛି ଦେଖିପାରିବା ନାହିଁ ?"

ଜୟାଙ୍କ କଥା ସମସ୍ତଙ୍କ ମନକୁ ପାଇଲା । ଅତଏବ ସମସ୍ତେ ଚର୍ଚ୍ଚର ଚାରିପଟେ ଟିକେ ବୁଲାବୁଲି କରି ପ୍ରଥମେ ଚର୍ଚ୍ଚର ଡିଜାଇନ୍‌ର ସୁନ୍ଦରତା ଅନୁଭବ କଲେ । ଚର୍ଚ୍ଚଟି ଆଡ୍ରିଆଟିକ୍ ସମୁଦ୍ର କୂଳରେ ହିଁ ଅବସ୍ଥିତ । ସମୁଦ୍ର କୂଳେକୂଳେ କଛି ସମୟ ବୁଲିବା ପରେ ବିଭିନ୍ନ ଖାଦ୍ୟ ଓ ଟୁରିଜିମ୍ ଷ୍ଟଲ୍ ସବୁ ଦେଖାଗଲା । ସେତେବେଳକୁ ସମୟ ବାରଟା ପନ୍ଦର । ସମସ୍ତଙ୍କୁ ଭୀଷଣ ଭୋକ ହେଉଥାଏ । ସେଇ ସମୟରେ ଗୋଟିଏ ଟୁର୍ କଶନ୍‌ଙ୍କର ଦୃଷ୍ଟି ଆକର୍ଷଣ କଲା । ସେ ଟୁରରେ ଡଙ୍ଗା ବାରଟା ତିରିଶିରେ ଛାଡିବାର ଥିଲା ଓ ଚାରିଘଣ୍ଟା ଭିତରେ ମୋରାନୋ, ବୁରାନୋ ଓ ଟରସେଲୋ ଦ୍ୱୀପ ସବୁ ବୁଲାଇ ଏଠି ଆଣି ଫେରାଇ ପହଞ୍ଚାଇଦେବ । ହିସାବ ଅନୁଯାୟୀ ଚାରିଟା ତିରିଶରେ ସେମାନେ ସାନ୍‌ମାର୍କୋରେ ପହଞ୍ଚିଯିବେ । ଛଅଟାରେ ଟ୍ରେନ୍ ଫେରିବାର ଅଛି । ତେଣୁ ଆଉ କଛି ଅସୁବିଧା ହେବାର ନାହିଁ । ଟୁର୍ ଗାଇଡ୍ ବି ଜଣାଇଦେଲା ଯେ ମୁରାନୋରେ ଯେଉଁଠି ଡଙ୍ଗା ରହିବ, ସେଠି ରେଷ୍ଟୁରାଣ୍ଟ ଅଛି । ତେଣୁ ଯେଉଁମାନେ ଲଞ୍ଚ୍ ଖାଇନାହାନ୍ତି, ସେଠି କଣି ଖାଇପାରିବେ ।

କଶନ୍ ତିନଟା ଟିକେଟ୍ କଣିଦେଲେ ଓ ସେମାନେ ତିନଜଣ ସେ ଟୁରବୋଟରେ ବସିଲେ । ସେ ଟୁରବୋଟରେ ପ୍ରାୟ ଚାଳିଶି ଜଣ ବ୍ୟକ୍ତି ଥିଲେ । ସେଥି ମଧ୍ୟରେ ଆଉଜଣେ ଭାରତୀୟ ଦଂପତ୍ତି ଥାଆନ୍ତି । ସେମାନେ ନେଦରଲ୍ୟାଣ୍ଡରେ ପଢୁଛନ୍ତି । ତିନମାସ ତଳେ ସେମାନଙ୍କର ବିବାହ ହୋଇଛି ଓ ସେମାନେ ହନମୁନରେ ଭେନସ୍ ଆସିଛନ୍ତି । କଶନ୍ ସେମାନଙ୍କ ସହିତ କଥାବାର୍ତ୍ତାରେ ମଜିଗଲେ । ଟୁର୍ ଗାଇଡ୍ ସେ ଅଞ୍ଚଳର ଇତିହାସ କହି ଚାଲିଥାନ୍ତି । ହେଲେ ଗତକାଲିର ଘଟଣା ଜୟାଙ୍କ ସ୍ମୃତିକୁ ଆଚ୍ଛନ କରୁଥାଏ ।

କେତେ ଖୁସିରେ ମହାଦେବ ଓ ଜୟା ଲଞ୍ଚ୍ ପରେ ଆସି ଡୁଓମୋ ଚର୍ଚ୍ଚ ନକଟରେ ବୁଲୁଥାଆନ୍ତି । ଡୁଓମୋ ହେଲା ମିଲନ୍ ସହରର ମୁଖ୍ୟ ଐତିହାସିକ ଓ ଧାର୍ମିକ ପର୍ଯ୍ୟଟନ ସ୍ଥଳୀ । ମେଟ୍ରୋ ଷ୍ଟେସନ୍ ବି ଚର୍ଚ୍ଚର ତଳେ । ତେଣୁ ଏ ସ୍ଥାନରେ ପହଞ୍ଚିବା ବି ସହଜ । ସାଢେ ପାଞ୍ଚଟା ବେଳକୁ କଶନ୍ ଆସି ପହଞ୍ଚିଲେ । ସେମାନେ ବୁଲିବୁଲି କଛି ଫଟୋ ଉଠାଇଲେ ଓ ତାପରେ ଏକ ଭଲ ଭାରତୀୟ ରେଷ୍ଟୁରାଣ୍ଟରେ ଖାଇବାକୁ ଯିବାକୁ ଯୋଜନା କଲେ । କଶନ୍ କହିଲେ, "ଜାଣିଲ ଭାଉଜ, ଏବେ ମୋର ସବ୍ୟ ଓ ଆଦିତି ମନେ ପଡୁଛନ୍ତି । ସେମାନେ ଆସିଥିଲେ ବହୁତ ମଜା ହୋଇଥାନ୍ତା ।"

ଜୟା କହିଲେ, "ହଁ, ତମର ଓ ସବ୍ୟଙ୍କର ତ କୃଷ୍ଣ, ଅର୍ଜୁନ ଜୋଡି ନା, ତାଙ୍କ ବିନା ତମକୁ କଣ ଭଲ୍ ଲାଗୁଥିବ । ହେଲେ ତାଙ୍କର ସାନ ଝିଅଟା ତ ଜମା ବର୍ଷକର । ତାକୁ ନେଇ ଟ୍ରାଭଲ୍ କରିବା ଟିକେ କଷ୍ଟକର ହୋଇଥାନ୍ତା ।"

ସବ୍ୟସାଚୀ, କଶନ୍ ର କଲେଜରେ ସବୁଠାରୁ ଭଲ ସାଙ୍ଗ । ସେମାନେ ଦୁହେଁ ମିଶି ସ୍ୱପ୍ନ ରଚନା କରିଥିଲେ, ଆମେରିକା ଯିବେ, ୟୁରୋପ ଯିବେ, ଇଟାଲି ଓ ଗ୍ରୀସ୍ ଦେଶ ବୁଲି ଐତିହାସିକ ସ୍ଥାନ ସବୁ ଭ୍ରମଣ କରିବେ । ଦୁହେଁ ମୁଭି ଶୋଲେର ଅମିତାଭ୍ ଓ ଧର୍ମେନ୍ଦ୍ରଙ୍କ ଭଳ ଜୋଡି ହୋଇ "ଏ ଦୋସ୍ତି, ହମ୍ ନେହିଁ ତୋଡେଙ୍ଗେ" ଗୀତ ଗାଇ ନଜ ବନ୍ଧୁତାର ଜୟଗାନ କରନ୍ତି ଓ ଭବିଷ୍ୟତର ସୁନେଲି ସ୍ୱପ୍ନରେ ମଜିଯାଆନ୍ତି । ଦୁହେଁ ଆମେରିକା ଆସିଲେ, ଉଚ୍ଚଶିକ୍ଷା ପାଇଲେ, ଆଉ ଯୋଗ ଏମିତି ଯେ, କଶନ୍ ର ମାମୁଁ ଝିଅ ଭଉଣୀ ଆଦିତି ସବ୍ୟକୁ ବାହାହେଲ୍ । ସେଇଥିରୁ, ସବ୍ୟ ସହିତ ବନ୍ଧୁବାନ୍ଧବ ସଂପର୍କ ବି ଜୋଡି ହୋଇଗଲ୍ । ସେ ସଂଯୋଗ ବି କଶନ୍ କର୍‌ଇଥିଲେ ।

ମହାଦେବ କହିଲେ, "ହଁ ମ, ଆମେରିକାରୁ ମିଲନ୍ ତ ଏତେ ଦୂର ନୁହେଁ । ସବ୍ୟ ଓ ଆଦିତିଙ୍କୁ ଧରି ଆଉ କେବେ ଗ୍ଲିଆସିବୁ । ଏବେ ଗ୍ରହ୍ନି ଭ୍ୱେଜନ କଥା ଭ୍ୱବେ ।" - ଏମିତି କହି ସେ ସାରଳା ରେଷ୍ଟୁରାଣ୍ଟ୍ କୁ ଯିବାର ପ୍ରସ୍ତାବଦେଲେ ।

ସେ ସ୍ଥାନରେ ଅନେକ ପ୍ରବାସୀ ଲ୍ୱେକ ବୁଲୁଥାଆନ୍ତି ଓ ସେମାନେ ଭ୍ୱରତୀୟଙ୍କ ଭଳ ଦିଶୁଥାନ୍ତି । ସେମାନେ ସେଲ୍‌ଫି ଷ୍ଟିକ୍, କ୍ୟାମେର୍‌ା, ଏସ୍.ଡି. କାର୍ଡ, ଟି-ସାର୍ଟ, ଛତା ଇତ୍ୟାଦି ବିକୁଥାନ୍ତି । ମହାଦେବ ଜଣେ ଦୋକାନୀଠାରୁ ଦଶ ଇଉର୍ୱେ ଦେଇ ସେଲ୍‌ଫି ଷ୍ଟିକ୍ କଣିଲେ ଓ ତାକୁ ପାଖରେ କଛି ଭ୍ୱରତୀୟ ଭ୍ୱେଜନାଳୟ ଅଛି କ ନାହିଁ ବୋଲି ପଗ୍ୱରିଲେ । ସେ ଫେରିବାଲ୍‌ଟି ବଙ୍ଗଳାଦେଶର ଥିଲ୍ ଓ ଭ୍ୱରତୀୟ ଭ୍ୱେଜନାଳୟ ବିଷୟରେ ଜାଣିନ ବୋଲି କହିଲ୍ ।

ମହାଦେବ ତାଙ୍କ ୱ୍ୱାଲେଟ୍ ପ୍ୟାଣ୍ଟ୍ ର ଡାହାଣ ପାଖ ପକେଟରେ ରଖିଥାନ୍ତି । ସେଇଠୁ ୱ୍ୱାଲେଟ୍ ବାହାରକରି ସେ ଫେରିବାଲ୍‌କୁ ତା' ପାଉଣା ଦେଲେ । ଜୟାଙ୍କ ବାରମ୍ବାର କହିବା ସତ୍ତ୍ୱେ ବି ମହାଦେବ ସେ ଭୁଲ୍ କରୁଥିଲେ । ମିଲନ୍ ଆସିବା ପୂର୍ବରୁ ଜୟା ଆମେରିକା ଷ୍ଟେଟ୍ ଡିପାର୍ଟମେଣ୍ଟ୍ ର ୱ୍ୱେବ୍‌ସାଇଟ୍‌କୁ ଯାଇ ମିଲନ୍ ବିଷୟରେ ସବୁ ବିବରଣୀ ସଂଗ୍ରହ କରିଥିଲେ । ସେଇ ବିବରଣୀ ଅନୁଯାୟୀ ମହାଦେବ ଓ କଶନ୍‌ଙ୍କୁ ସତର୍କ କର୍‌ଇଦେଇଥିଲେ ଯେ ମିଲନରେ ବହୁତ ଗ୍ୱେରି ହୁଏ । ସେଥିପାଇଁ ୱ୍ୱାଲେଟ୍‌କୁ ପକେଟରେ ନରଖି ବ୍ୟାଗରେ ରଖିବ । କଶନ୍ ସେ କଥା ମାନଲେ । ହେଲେ, ମହାଦେବ, ଯେଉଁ ଭ୍ୱେଳାକୁ ସେଇ ଭ୍ୱେଳା ।

''ସାରଳା ରେଷ୍ଟୁରାଣ୍ଟ ନଯାଇ ଆଉ କେଉଁ ପାଖ ରେଷ୍ଟୁରାଣ୍ଟକୁ ଗଲେ ହୁଅନ୍ତାନ ।'' – ଜୟା କହିଲେ ।

ଆଇଫୋନରେ ଚେକ୍ କରି କଶନ୍ କାର୍ଡୋନାରେ ଗୋଟିଏ ଇଣ୍ଡିଆନ୍ ରେଷ୍ଟୁରାଣ୍ଟର ଠିକଣା ପାଇଲେ । ସେମାନେ ରେଡ୍ ଲାଇନ୍ ଟ୍ରେନ୍ ନେଇ ତେଣୁ କାର୍ଡୋନା ଆସିଲେ । ହେଲେ ସେ ରେଷ୍ଟୁରାଣ୍ଟଟି ପାଇଲେନ । ତେଣୁ ସାରଳା ରେଷ୍ଟୁରାଣ୍ଟକୁ ଯିବାକୁ ସେମାନେ ସ୍ଥିରକଲେ । ସେଥିପାଇଁ ଡୁଓମୋକୁ ପୁଣି ଫେରିଲେ । କାରଣ ଡୁଓମୋରୁ ହିଁ ୟେଲୋ ଲାଇନ୍ ନେଇ ସେମାନେ ମିଶୋରି ଷ୍ଟେସନ୍ ଯାଇପାରିବେ ଓ ସେଠୁ ଗ୍ଲିଗ୍ଲି ସାରଳା ରେଷ୍ଟୁରାଣ୍ଟ ଯିବେ ।

ସମସ୍ତେ ନଜନଜର ମ୍ୟାପ୍ ଧରି ଡୁଓମୋ ଷ୍ଟେସନ୍‌ର ଟ୍ରେନ୍‌କୁ ଅପେକ୍ଷା କରି ରହିଲେ । ସେଠାରୁ ୟେଲୋ ଲାଇନରେ ଟ୍ରେନ୍‌ର ପଶିବା ବେଳକୁ ଆଉ ସିଟ୍ ନଥାଏ । ସମସ୍ତେ ଠିଆହୋଇଥାନ୍ତି । ଏହି ସମୟରେ ଦୁଇଜଣ ଯାତ୍ରୀ ସେଇ ବଗିରେ ପଶିଲେ । ଜଣେ ଯାତ୍ରୀର ଚଶମା ମହାଦେବଙ୍କ ଗୋଡ ପାଖରେ ପଡିଗଲା । ସିଏ ନଇଁପଡି ମହାଦେବଙ୍କ ଗୋଡ ପାଖରେ ଖୋଜୁଥାଏ । ଜୟା ମହାଦେବଙ୍କୁ କହିଲେ, “ଟିକେ ସାଇଡକୁ ଘୁଞ୍ଚିଯାଉନ, ସିଏ ତା ଚଶମା ନେଇଯାନ୍ତା ।''

ମହାଦେବ ସାଇଡ୍‌କୁ ଘୁଞ୍ଚିଲେ ବି ସେ ଲୋକ ତଥାପି ଚଶମା ନେଇପାରୁନଥାଏ ।

କଶନ୍ ନଜର ମ୍ୟାପ୍ ଦେଖୁଥାନ୍ତି ଓ କେମିତି ଷ୍ଟେସନ୍‌ରୁ ଓହ୍ଲାଇ ରେଷ୍ଟୁରାଣ୍ଟକୁ ଯିବେ, ଠିକଣା କରୁଥାନ୍ତି । ଏଇ ସମୟରେ ଟ୍ରେନ୍ ଛାଡିବାର ସଙ୍କେତ ଦେଲା ଓ ମହାଦେବଙ୍କର ଚତ୍କାର ଶୁଭିଲା । “ଆରେ ସେମାନେ ମୋ ୱାଲେଟ୍ ନେଇଗଲେ ।''

“କଣ ହେଲା ....?'' – କଶନ୍ ଓ ଜୟା ଉଭୟ ଚକମିପଡିଲେ ।

ମହାଦେବ ଏମିତି କହି ଟ୍ରେନ୍‌ରୁ ବାହାରିବାକୁ ଉଦ୍ୟତହେଲେ । କଶନ୍ ଯଦି ଯାଇ ସାଙ୍ଗେସାଙ୍ଗେ ଧରି ପକାଇନଥାନ୍ତେ, ତେବେ ବଡ ଅସୁବିଧା ହୋଇଥାନ୍ତା । ସାରା ଟ୍ରେନ୍‌ର ଲୋକ ଦେଖୁଥାନ୍ତି । ଗ୍ଲେର ଗ୍ଲେରି କରି ଗ୍ଲିଗଲା । ୱାଲେଟରେ ମହାଦେବଙ୍କର ଡ୍ରାଇଭିଙ୍ଗ୍ ଲାଇସେନ୍ସ୍, ଆମେରିକାନ୍ ଏକ୍ସ୍‌ପ୍ରେସ୍ କ୍ରେଡିଟ୍ କାର୍ଡ, ଭିସା କାର୍ଡ ଓ ଏ.ଟି.ଏମ୍ କାର୍ଡ ରହିଥିଲା । ତା ସହିତ ପ୍ରାୟ ୨୦୦ ଡଲାର୍ ଓ ୩୦୦ ୟୁରୋ ବି ଥିଲା । ସବୁ ଗଲା । ମହାଦେବ ପାଗଳଙ୍କ ଭଳ ହେଉଥାନ୍ତି ଓ ଚନ୍ତିତ ଥାଆନ୍ତି । କଶନ୍ ଆଶ୍ୱାସନା ଦେଲେ । “ବ୍ୟସ୍ତ ହୁଅନ୍ତୁନ ଭାଇ, ଆମେ ଷ୍ଟେସନ୍‌ରୁ ଓହ୍ଲାଇବା ମାତ୍ରେ ଫୋନ୍ କରି କ୍ରେଡିଟ୍ କାର୍ଡ କଂପାନୀକୁ ଡାକ କାର୍ଡ କ୍ୟାନ୍‌ସଲ୍ କରିଦେବା ଓ ମିଲନ୍ ପୋଲିସ୍‌କୁ ବି ଯୋଗାଯୋଗ କରିବା ।''

ସାରଳା ରେଷ୍ଟୁରାଣ୍ଟରେ ଖାଇବାର ଆଗ୍ରହ ସେତେବେଳକୁ ମରିଗଲାଣି । ଜୟା ସଂପୂର୍ଣ୍ଣ ବିବ୍ରତ ଓ ଚକ୍ତିତ । "ହଜାର ଥର ବୁଝେଇଲେ ବି ୟାଙ୍କର ମୁଣ୍ଡରେ ପଶେନ ।" - ମନେମନେ ଏମିତି ଭାବି ସିଏ କେବଳ ଭଗବାନଙ୍କୁ ଡାକୁଥାନ୍ତି ।

ଦେଖୁଦେଖୁ ମିଶୋରି ଷ୍ଟେସନ୍ ଆସିଗଲା । ସେଇଠି ଓହ୍ଲାଇ ସେମାନେ ଛକକୁ ଗଲେ । ସେଠିକାର ପେ-ଫୋନ୍‌ରୁ ପୋଲିସ୍‌କୁ ଡାକ କଣନ୍ ଚୋରି ରିପୋର୍ଟ କଲେ । ହେଲେ ବୟାନ ଦେବାପାଇଁ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିବା ଆବଶ୍ୟକ କହି ପୋଲିସ୍ ସେମାନଙ୍କୁ ସେ ଛକରେ ଦଶ ମିନଟ୍ ଭିତରେ ଭେଟି ବୟାନ ନେବ ବୋଲି କହିଲା । ଏ ଭିତରେ ମହାଦେବ ତାଙ୍କ କ୍ରେଡିଟ୍ କାର୍ଡ କଂପାନୀ ମାନଙ୍କୁ ଡାକ କାର୍ଡ ସବୁ କ୍ୟାନ୍‌ସଲ୍ କରାଇଦେଲେ । ମହାଦେବ ଓ ଜୟାଙ୍କର ସମାନ କାର୍ଡ । ଅତଏବ ଜୟାଙ୍କ କାର୍ଡ ବି ଅକାମୀ ।

ଅଧଘଣ୍ଟାଏ ପର୍ଯ୍ୟନ୍ତ ଅପେକ୍ଷା କଲେ ବି ପୋଲିସ୍ ଆସିଲାନ । ସେତେବେଳକୁ ରାତି ନଅଟା ହେଲାଣି । ଶେଷରେ ଆଉ ଅପେକ୍ଷା ନକରି ରେଷ୍ଟୁରାଣ୍ଟ ଯିବାକୁ କଣନ୍ ସେମାନଙ୍କୁ ବାଟ କଢାଇନେଲେ । ରେଷ୍ଟୁରାଣ୍ଟରେ ପହଞ୍ଚି ଟିକେ ଶାନ୍ତିର ନିଃଶ୍ୱାସ ମାରିଲେ । ବାଟସାରା ଜୟାଙ୍କୁ ଭୀଷଣ ଭୟ ଲାଗୁଥାଏ । ସେତେବେଳକୁ ରାସ୍ତା ସବୁ ପ୍ରାୟତଃ ଫାଙ୍କା । ଦୋକାନ, ବଜାର ବି ବନ୍ଦ । ଗଳିକନ୍ଦି ଅତିକ୍ରମ କରି ସେମାନେ ସେ ରେଷ୍ଟୁରାଣ୍ଟରେ ପହଞ୍ଚିଥିଲେ ।

ଚୋରି ଘଟଣା ଯେତେ ଭୁଲିଯିବାକୁ ଚାହିଁଲେ ବି ଖାଇଲାବେଳେ ପୁଣି ସେ ବିଷୟବସ୍ତୁ ଆଲୋଚନା ହେଲା । କଣନ୍ ବଡଭାଇଙ୍କୁ ବୁଝେଇଲେ, "ଦେଖ ଭାଇ, ଯିଏ ଚୋରି କଲା, ସିଏ ଦରିଦ୍ର ନିଶ୍ଚୟ । ଆପଣଙ୍କ ଅର୍ଥରେ ସିଏ ଯଦି ଆଜି ମୁଠାଏ ଖାଇପାରିବ ବା ତାର ପରିବାରକୁ ଖୁଆଇପାରିବ, ସେଥିରେ କଣ ଆପଣଙ୍କ ଧର୍ମ ହେବନି ? ସେମିତି ଭାବି ଭୁଲିଯାଆନ୍ତୁ । ନହେଲେ ଆମର କାଲିର ଭେନସ୍ ଯାତ୍ରା ବେକାର ହୋଇଯିବ ।"

ଜୟା ପ୍ରତିବାଦ କରି କହିଲେ, "ହାଁ, ହାଁ, ସେକଥା ସିଏ ଭୁଲିଗଲେ ତ ସେଇ ଏକା ଭୁଲ୍ ଆହୁରି ବାରମ୍ବାର କରିବେ । ନାଇଁ, ସେକଥା ସିଏ ଭୁଲିବେ ନାହିଁ । ହେଲେ ଅଯଥାରେ ମନଦୁଃଖ କରି କାଲିର ଭେନସ୍ ଯାତ୍ରାକୁ ଖରାପ କରିବାନି ।"

ଖାଇସାରି ସେଦିନ ରାତିରେ ଫେରି ସେମାନେ ହୋଟେଲରେ ଏ ବିଷୟ ଜଣାଇଲେ । ହୋଟେଲ୍‌ର ରିସେପ୍‌ସନଷ୍ଟ ପୋଲିସ୍‌ର ନମ୍ବର୍ ଦେଲା । ପୋଲିସ୍ ସହିତ ମହାଦେବ କଥାହେଲେ । ସେଠିକାର ପୋଲିସ୍‌ର ବି ସେଇ ଏକା ମନ୍ତବ୍ୟ । "ଆପଣଙ୍କୁ ଆସି ବ୍ୟକ୍ତିଗତ ଭାବେ ଏଠି ବୟାନ ଦେବାକୁ ପଡିବ ।" ସେତେବେଳକୁ ରାତି ବାରଟା । ଭେନସ୍ ପାଇଁ ଟ୍ରେନ୍ ସକାଳ ସାଢେ ଛଟାରେ । ପାଞ୍ଚଟାରେ ନ ଉଠିଲେ, ସେମାନେ ପ୍ରସ୍ତୁତ ହୋଇପାରିବେନି ।

ମହାଦେବ ଏ ସମସ୍ୟା କହିବାରୁ ପୋଲିସ୍ ଜଣାଇଲେ ଯେ ସେମାନେ ଭେନସରେ ଷ୍ଟେସନ୍ ପୋଲିସ୍ ନିକଟରେ ବି ରିପୋର୍ଟ କରିପାରିବେ ।

ସେ ରାତି ବଡ ଦୁଶ୍ଚିନ୍ତାରେ କଟିଲା । କାହାରିକୁ ନିଦ ଭଲରେ ହେଲାନି । ତଥାପି କଣିନଙ୍କ ପାଇଁ ସବୁକିଛି ହାଲୁକା ଲାଗୁଥାଏ । ନହେଲେ ଯଦି ମହାଦେବ ଓ ଜୟା ଏକା ଥାଆନ୍ତେ, ତେବେ ଆହୁରି କେତେ ଅଘଟଣ ଘଟିସାରନ୍ତାଣି । ତା ପରଦିନ ଭେନସରେ ପହଞ୍ଚି ସେମାନେ ପ୍ରଥମେ ଷ୍ଟେସନ୍ ପୋଲିସ୍‌କୁ ଦେଖା କରିବାକୁ ଗଲେ । ଭାବିଥିଲେ, ସେଇଠି କାମ ସରିଯିବ । ହେଲେ, ଷ୍ଟେସନ୍ ପୋଲିସ୍ ସେମାନଙ୍କୁ ସାନ୍‌ମାର୍କୋ ପୋଲିସ୍ ଷ୍ଟେସନ୍‌ରେ ରିପୋର୍ଟ କରିବାକୁ କହିଲା । କେତେବାଟ ଚାଲି କେତେ ପ୍ଲାଟ୍‌ଫର୍ମ ଅତିକ୍ରମ କରି ସେମାନେ ଅଯଥାରେ ଏତେ ଶକ୍ତି ଓ ସମୟ ନଷ୍ଟ କଲେ ।

ହେଲେ ଷ୍ଟେସନ୍ ବାହାରକୁ ଆସି ମନ ବଦଳିଗଲା । ଗ୍ରାଣ୍ଡ କେନାଲର ଜଳ ଓ ଶୀତଳ ପବନ ମନର ସବୁ ଗରମକୁ ଶୀତଳ କରିଦେଲା । ବିଭିନ୍ନ ଟୁର୍ ସବୁ ଜାଞ୍ଚ କରିବାପରେ, ସେମାନେ ସ୍ଥିରକଲେ ଯେ ନିଜେନିଜେ ମ୍ୟାପ୍ ଦେଖି ଭେନିସ୍ ସହରକୁ ଆବିଷ୍କାର କରିବେ ।

"ତମମାନଙ୍କ ସହିତ ସ୍ୱୟଂ ପ୍ରଭୁ ଶ୍ରୀକୃଷ୍ଣ ଥାଉଥାଉ ଚିନ୍ତା କଣ ?" – କଣିନ୍ ଥଟ୍ଟା କରି ମାନଚିତ୍ର ଧରି ଆଗେଆଗେ ବାଟ କଢାଉଥିଲେ ।

କାଲିରାତିର କଥା ଭାବୁଭାବୁ ବୋଟ୍ ଆସି ମୁରାନୋରେ ପହଞ୍ଚିଗଲା । ମୁରାନୋର କାଚକାମ ପୃଥିବୀ ପ୍ରସିଦ୍ଧ । ପ୍ରଥମେ ଟୁର୍‌ଗାଇଡ୍ ସେମାନଙ୍କୁ କାଚକାମର ପ୍ରଦର୍ଶନ ଦେଖାଇବାକୁ ନେଲା । ସେଠି ନିଆଁ ଜଳୁଥାଏ ଓ ବିଭିନ୍ନ କାରିଗର ମାନେ ବସି ଭିନ୍ନଭିନ୍ନ କାଚକାମରେ ବ୍ୟସ୍ତଥାଆନ୍ତି । ସେମାନେ କାଚରେ ରଙ୍ଗଦେବାଠାରୁ ଆରମ୍ଭକରି କାଚକୁ ବିଭିନ୍ନ ଆକୃତିର ଛାଞ୍ଚରେ ଗଢିବାର ପ୍ରଣାଳୀ ସବୁ ବିସ୍ତୃତ ଭାବରେ ବର୍ଣ୍ଣନା କରି ଦେଖାଇଲେ । ତାପରେ ଅନ୍ୟ ଯାତ୍ରୀମାନଙ୍କ ସହିତ ସେମାନେ ଦୋକାନରେ କଣାକଣି କରିବାକୁ ଗଲେ । ସେ ଦୋକାନ ମାନଙ୍କରେ ସବୁ ଜିନିଷ ବଡ ମହଙ୍ଗା ଥିଲା । ତଥାପି ସ୍ମୃତିରକ୍ଷା ପାଇଁ ଜୟା ଗୋଟିଏ ରଙ୍ଗୀନ କାଚଘୋଡା ଓ ହାତୀ କିଣିଲେ । ସେଠିକାର ରେଷ୍ଟୁରାଣ୍ଟରେ ସେମିତି କିଛି ଭଲ ଖାଦ୍ୟ ନଥିଲା । କଣିନ୍ ଓ ମହାଦେବ ପିଜା ଖାଇଲେ । ଜୟା ଗୋଟିଏ ସାଲାଡ୍ କିଣି ଖାଇଲେ । ପ୍ରାୟତଃ ୪୫ ମିନିଟ୍ ରହିବାପରେ, ବୋଟ୍ ମୁରାନୋ ଛାଡିଲା ।

ଦ୍ୱିତୀୟ ଦ୍ୱୀପ ଥିଲା ବୁରାନୋ । ଚମକୁଥିବା ରଙ୍ଗର ଘର ପାଇଁ ବୁରାନୋ ଦ୍ୱୀପର ରମଣୀୟତା ପୃଥିବୀ ପ୍ରସିଦ୍ଧ । ଲେସ୍ କାମ ପାଇଁ ମଧ୍ୟ ବୁରାନୋର ଖ୍ୟାତି ଅଛି । ପ୍ରଥମେ ଟୁର୍ ଗାଇଡ୍ ସେମାନଙ୍କୁ ଗୋଟିଏ ଲେସ୍ ଦୋକାନକୁ ନେଇଗଲେ । ବଡ ସୁନ୍ଦର ଡିଜାଇନ୍‌ର ହାତ ତିଆରି ବିଛଣା ଚାଦର, ପରଦା, ଟେବୁଲ୍ କ୍ଲଥ୍, ସାଲ୍ ଓ ସ୍କର୍ଟ ଇତ୍ୟାଦି ବିକାଯାଉଥିଲା । ସେସବୁର

ମୂଲ୍ୟ ଆକାଶଛୁଆଁ । ବିଶେଷତଃ ହାତ ତିଆରି ହୋଇଥିବାରୁ, ମଣିଷ ଶ୍ରମର ମୂଲ୍ୟ ବି ସେଥିଲେ ମିଶିଥିଲା । ଗୋଟିଏ ବିଛଣା ଗୁଦର କିଣିବାକୁ ମୂଲଗୁଲ କଲେ ଜୟା । ରିହାତି ପରେ ବି ତାର ମୂଲ୍ୟ ହେଲା ୧୮୦ ଡଲାର୍ । ମହାଦେବ କହିଲେ, "କଣ, ଆମେ ରାଜା, ରାଣୀ, ଯେ ଏତେ ଦାମ୍‌ର ବେଡ୍‌ସିଟରେ ଶୋଇବା ?" ଜୟା ଆଉ କଛି କିଣିବାକୁ ମନକଲେନ ।

ସେଠି ଅନେକ ଭାରତୀୟଙ୍କୁ ଦେଖିଲେ ସେମାନେ; ଲାଗୁଥିଲା ହୁଏତ ମୁଭି ସୁଟିଙ୍ଗ୍ ପାଇଁ ଆସିଛନ୍ତି କି କଣ ? ସେମାନେ ଅତି ସୁନ୍ଦର ଭାବେ ସଜ୍ଜିତ ହୋଇ ସେ ଚମକୁଥିବା ରଙ୍ଗର ଘର ସାମନାରେ ବିଭିନ୍ନ ଭଙ୍ଗୀରେ ଫଟୋ ଉଠାଉଥିଲେ । ମଝିରେ ମଝିରେ କେନାଲ ଥିଲା ଓ ସେ କେନାଲ ଉପର ପୋଲରୁ ଦେଖିଲେ ଘରଗୁଡିକ ଆହୁରି ମନୋରମ ଦିଶୁଥିଲା । ସେ ରଙ୍ଗଭରା ଘରଗୁଡିକ ସହିତ କଛି ଫଟୋ ଉଠାଇ ସେମାନେ ଡଙ୍ଗା ନିକଟକୁ ଫେରି ଆସିଲେ ।

ତୃତୀୟ ଦ୍ୱୀପ ଥିଲା ଟୋରସେଲୋ । ସେ ଦ୍ୱୀପଟିରେ ଏକ ପ୍ରସିଦ୍ଧ ପୁରୁଣା ଚର୍ଚ୍ଚ ଥିଲା । ସେଠି ବହୁତ ଗ୍ଭଲିବାକୁ ପଡିଲା । ବାଟରେ ଜଣେ ବାଦ୍ୟକାର ଭାଓଲିନ୍ ବଜାଇ ତାଙ୍କ ସଂଗୀତର ମୂର୍ଚ୍ଛନାରେ ପରିବେଶଟିକୁ ରୋମାଣ୍ଟିକ୍ କରି ରଖିଥାନ୍ତି । ଯିବାଆସିବା କରୁଥିବା ସମସ୍ତ ଯାତ୍ରୀ କଛିକଛି ପଇସା ପକାଇ ମିନଟ୍‌ଟିଏ ଠିଆ ହେଉଥାନ୍ତି ଓ ତାପରେ ଗ୍ଭଲିଯାଉଥାନ୍ତି । ମହାଦେବ ବି ଦୁଇ ୟୁରୋ ପକାଇଲେ । ମହାଦେବ ସେମିତି । ତାଙ୍କର ଦୟା ସବୁବେଳେ ଅସୀମ, ଯଦିଓ ସେ ବେଳେବେଳେ ଏମିତି କଥା କହନ୍ତି ଯେ ଲୋକ ଭାବିବେ, ଏ ମଣିଷଟା ବଡ କଞ୍ଜୁସ୍ ।

"କାଥେଡ୍ରାଲ୍ ଅଫ୍ ସାନ୍ତା ମାରିଆ ଆସୁନ୍‌ଟା" ଓ "ସାନ୍ତା ଫୋସ୍‌କା" ଚର୍ଚ୍ଚ ସେ ସ୍ଥାନର ଦୁଇଟି ପ୍ରସିଦ୍ଧ ଐତିହାସିକ ସ୍ମାରକ । ଏତେ ପୁରୁଣା ଯେ ସେଠି ଗ୍ଭରିଆଡେ ପାରାମାନେ ବସା ବାନ୍ଧିଥିଲେ ଓ ମଳତ୍ୟାଗ କରିଥିଲେ । ଚର୍ଚ୍ଚ ଦେଖିବା ପାଇଁ ପ୍ରାୟ ଦଶମିନଟ୍ ଗ୍ଭଲିଗ୍ଭଲି ଯିବାକୁ ପଡିଲା । ସେ ସ୍ଥାନ ପୂରା ଗାଁ ଭଳି ଲାଗୁଥିଲା । ସେଠିକାର ପରିସ୍ରାଗାର ବ୍ୟବହାର କରିବାପାଇଁ ଦେଢ-ୟୁରୋ ଦେବାକୁ ପଡିଲା । ସେମିତି ଦେଖିଲେ କଛି ବିଶେଷ ଲାଗିବନି, ସବୁ ପୁରୁଣା, ସବୁ ଭଙ୍ଗା । ହେଲେ ବି ୬୩୯ ମସିହାରେ ତିଆରି ସେ କାଥେଡ୍ରାଲ୍ ପାଇଁ ସେଠିକୁ ପର୍ଯ୍ୟଟକ ଆସୁଥିଲେ ।

ପ୍ରାୟ ଗ୍ଭରିଟା ତିରିଶ ବେଳକୁ, ଡଙ୍ଗା ଫେରିଆସି ସାନ୍‌ମାର୍କୋରେ ପହଞ୍ଚିଗଲା । ହାତରେ ଆହୁରି ୪୦ ମିନଟ୍ ଥିଲା । ତେଣୁ ମହାଦେବ ପୋଲିସ୍ ଷ୍ଟେସନ୍ ଗଲେ । ସେ ପୋଲିସ୍ ଷ୍ଟେସନ୍‌ଟି ଗୋଟିଏ ଦୋକାନ ଘର ଭଳି ଦିଶୁଥାଏ । ସେଠିଥିବା ପୋଲିସ୍ କର୍ମଗ୍ଭରୀ ବଡ ବ୍ୟସ୍ତଥିଲେ ଓ କାହା ସହିତ ଫୋନରେ କଥା ହେଉଥିଲେ । ପାଖରେ ଆଉଜଣେ ସ୍ତ୍ରୀ

ପୋଲିସ୍ ଅଧିକାରୀ ବସିଥିଲେ । ସିଏ ବାହାରେ ଅପେକ୍ଷା କରିବାକୁ ପରାମର୍ଶ ଦେଲେ । ଅପେକ୍ଷା କରୁକରୁ ପାଞ୍ଚଟା ବାଜିଲା ।

"ଚାଲ ଆମେ ଫେରିଯିବା ।" – ଜୟା କହିଲେ ।

"ଟିକେ ଅପେକ୍ଷା କର ।" – ଏମିତି କହି ମହାଦେବ ଭିତରକୁ ଗଲେ । ହେଲେ ଆଉ କିଛି ସମୟ ଅପେକ୍ଷା କରିବାକୁ କହି ପୋଲିସ୍ ଅଧିକାରୀ ତାଙ୍କ କାମରେ ମନଦେଲେ ।

କିଶନ୍ ଓ ଜୟା ବ୍ୟସ୍ତ ହୋଇପଡିଲେ । ପୁଣି ଚାଲିଚାଲି ଷ୍ଟେସନ୍ ଫେରିବାକୁ ପଡିବ ।

ଯାହାହେଉ, ପାଞ୍ଚମିନଟ୍ ପରେ ଭିତରୁ ଦରୁଆନ୍ ଆସି ମହାଦେବଙ୍କୁ ଡାକିଲା । ମହାଦେବ ରିପୋର୍ଟ ଲେଖାଇ ଫେରୁଫେରୁ ପାଞ୍ଚଟା କୋଡିଏ । ତରତର ହୋଇ ଫେରିଲେ ସେମାନେ । ବାଟରେ ବାରମ୍ବାର ରାସ୍ତା ପଚାରିବାକୁ ପଡୁଥାଏ, କାରଣ କେତେକ ଗଳି ଏକାଭଳି ଦିଶୁଥାଏ । ହେଲେ କିଶନ୍ ପ୍ରାୟ ସବୁ ଗଳିର ଗୋଟିଏ ଗୋଟିଏ ଚିହ୍ନ ମନରେ ରଖିଥାନ୍ତି । ତେଣୁ, କିଛି କେଉଁଠି ଭୁଲ୍ ହୋଇଗଲେ, ସିଏ ଜାଣି ପାରୁଥାନ୍ତି । ଜୟା ପଛେଇ ଯାଉଥାନ୍ତି । ମହାଦେବ ତ ଅଟକିବାର ଲୋକ ନୁହଁନ୍ତି । କେବଳ କିଶନ୍ ପଛକୁ ଫେରି ଚାହୁଁଥାନ୍ତି ଓ ଭାଉଜଙ୍କ ପାଇଁ ଅପେକ୍ଷା କରୁଥାନ୍ତି । ଶେଷରେ ପାଞ୍ଚଟା ପଚାଶରେ ସେମାନେ ଷ୍ଟେସନରେ ପହଞ୍ଚିଲେ । ମିଲନ୍ ପାଇଁ ଉଦ୍ଦିଷ୍ଟ ପ୍ଲାଟ୍‌ଫର୍ମକୁ ଆସି ନିଜ କଂପାର୍ଟମେଣ୍ଟରେ ନିଜସିଟରେ ବସିଲାପରେ ଶାନ୍ତିର ନିଃଶ୍ୱାସନେଲେ ।ଜୟା ଭାବୁଥିଲେ, କିଶନ୍ ଯଦି ନଥାନ୍ତେ, ଏ ମହାଦେବଙ୍କୁ ନେଇ ଆଜି ବହୁତ ହଟହଟା ହୋଇଥାନ୍ତେ ସିଏ ।

କିଶନ୍ ସବୁବେଳେ ଏମିତି । ସବୁକଥାର ଭଲ ସମାଧାନ କରିଦିଅନ୍ତି । ନହେଲେ ଏମିତି ଭାବେ ଚୋରି ହୋଇସାରିବା ପରେ, ସେମାନେ ଧୈର୍ଯ୍ୟ ରଖି ରେଷ୍ଟୁରାଣ୍ଟରେ ଯାଇ ଖାଇନଥାନ୍ତେ କି ଆଜି ଭେନସ୍ ବୁଲିବାକୁ ଆସିନଥାନ୍ତେ । ହୁଏତ ନିଜ ହୋଟେଲ୍‌ରୁମରେ ବସି ଏତେ ପଇସା ଚୋରି ହୋଇଗଲା ବୋଲି କାନ୍ଦୁଥାନ୍ତେ ଓ ପରସ୍ପରକୁ ଦୋଷାରୋପ କରୁଥାନ୍ତେ । ହେଲେ ସେଥିରେ ଏ ସୁନ୍ଦର ସମୟର ଅନୁଭବ କଣ ଥାଆନ୍ତା, ବରଂ ସେ ସମୟ ସବୁ ଆହୁରି ଦୁଃଖଦ ସ୍ମୃତିରେ ପୁରିଯାଇଥାନ୍ତା ।

ଗତକାଲିର ଚୋରି ଓ ଆଜିର ଭେନସ୍ ଭ୍ରମଣ ଯେତେଯେତେ ଭାବୁଥିଲେ, ଜୟାଙ୍କୁ ସେତେସେତେ ମଜା ଲାଗୁଥିଲା । ଅଭିଜ୍ଞତା ଯାହାବି ହେଉନା କାହିଁକି, ସାଙ୍ଗମାନଙ୍କ ପାଖରେ, ବିଶେଷତଃ, ସବ୍ୟ ଓ ଆଦିତିଙ୍କ ପାଖରେ ଗପିବା ପାଇଁ ଏକ ଚମତ୍କାର ସେଟିଙ୍ଗ୍ ତ ମିଳିଗଲା ।

ଏମିତି ଭାବୁଭାବୁ, ଜୟାଙ୍କ ମୁହଁରେ ସ୍ମିତହସ ଖେଳିଗଲା ।ଟ୍ରେନ୍ ଛାଡିବାର ଘୋଷଣା ହେଲା ।

ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ବନ୍ଦଇ ସରସ୍ୱତୀ ପଦକଞ୍ଜ



ହିମାଂଶୁ ଶେଖର ବାରିକ୍

ବନ୍ଦଇ ସରସ୍ୱତୀ ପଦକଞ୍ଜ
ଶ୍ୱେତ ପଦ୍ମାସନେ ମାତ ବିରାଜ
ବିଦ୍ୟାପ୍ରଦାୟିନୀ ମା ବୀଣାପାଣି
କରୁଣାମୟୀ ଅଭୟଦାୟିନୀ
ଜ୍ଞାନର ଭଣ୍ଡାର ସେ ତ
ଶରଣ ଯାଏ ଯେ ଚରଣେ ତାହାର
ମୂର୍ଖରୁ ହୁଏ ପଣ୍ଡିତ
କାଳଦାସ ମହାମୂର୍ଖ ପୂଜିଣ
ସାହିତ୍ୟ ଶାସ୍ତ୍ରରେ ହେଲେ ନିପୁଣ
ବାଲମିକ ଋଷି ପାଇ ଆଶିଷ
ରଚ ରାମାୟଣ ହେଲେ ହରଷ
ସଦା ପ୍ରସନ୍ନବଦନୀ
ଜାଣି ଭକ୍ତ ମନ କରେ ବରଦାନ
ବରଦା ହଂସ ବାହିନୀ
ଶୁଭ୍ରକାନ୍ତି ଶୁଭ୍ରବସ୍ତ୍ରେ ଆବୃତା
ଚରଣେ ହିଙ୍ଗୁଳ ଶୋଭି ଶାରଦା
କର୍ପୂର ସୁଗନ୍ଧିତ ଅପଘନ
ମସ୍ତକେ ଶୋହେ ଚର୍ଚ୍ଚିତ ଚନ୍ଦନ
ସକଳ ଶାସ୍ତ୍ର ଆୟତ୍ତ
ପୁସ୍ତକ ଧାରିଣୀ ସୌଭାଗ୍ୟ ଦାୟିନୀ
ଶାସ୍ତ୍ରଜ୍ଞା ନାମେ ପୂଜିତ
ତା କୃପା ନାଶେ ଜୀବନେ ଜଡତା
ତ୍ରିତାପ ନାଶିନୀ ଜଗତ ମାତା



ଜଗତବନ୍ଦିନୀ ବିଷ୍ଣୁମୋହିନୀ
ସୁଲୋଚନା ଚତ୍ ଶକ୍ତି ରୂପିଣୀ
ବାଣ୍ଟୁଥାଇ ସ୍ନେହ ପ୍ରେମ
ମଙ୍ଗଳଦାୟିନୀ କଲ୍ୟାଣକାରିଣୀ
ସନ୍ତାନବତ୍ସଳା ନାମ
ଘଣ୍ଟା ଘର୍ଘର ନାଦ ତାର ପ୍ରିୟ
ଘଣ୍ଟା ନିନାଦିନୀ ତା ପରିଚୟ
ଜ୍ଞାନାଲୋକେ କରି ଉଦଭାସିତ
ମାନବ ଚେତନା କରେ ଜାଗ୍ରତ
ଓଁକାର ରୂପିଣୀ ମାତା
ବ୍ରହ୍ମର ସ୍ୱରୂପ ବ୍ରହ୍ମ ସ୍ୱରୂପିଣୀ
ଅଟେ ଅଯୋନି ସମ୍ଭୁତା
ଶ୍ୱେତାଳଙ୍କାର ଭୂଷିତା ଭାରତୀ
ସଦାହାସ୍ୟ ବଦନ ଚନ୍ଦ୍ରକାନ୍ତି
ବାଗିଶ୍ୱରୀ ପଦ୍ମାକ୍ଷୀ ମହେଶ୍ୱେତା
ଯୋଗମାୟା ଦେବଜୁଷ୍ଟା ସସ୍ମିତା
ବାଣୀକଣ୍ଠ ଭଗବତୀ
କଣ୍ଠେ ସଦା ରହି ବିଦ୍ୟା ଦିଅ କହି
ତୋ ପାଦେ କରେ ପ୍ରଣତି



ନଉ ଏ.ଜି. କଲୋନୀ, ନୟାପଲ୍ଲୀ, ଭୁବନେଶ୍ୱର

**"ବେଦାନ୍ତୀ ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ଫେବୃୟାରୀ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା: vedantimagazine@gmail.com"**

# ହାଟକୁ ଆସିଛି ସଉଦା କରି



ଶଶଧର ମହାପାତ୍ର

ଡିହକୁଳା ହାଟ ଆସିଥିଲି ମୁହିଁ
ସଉଦା କରି
ସଉଦା ସରିଲା ଥଳ ଭରିଗଲା
ଯାଉଛି ଫେରି

କେତେ କସମର ଦୋକାନ ବସିଛି
ଧାଡିକଧାଡି
ଗରାଖମାନଙ୍କ ମନ ପସନ୍ଦକୁ
ନେବାକୁ ଭିଡି

କିଏ ଚହ୍ନାଜଣା କିଏ ବି ଅଜଣା
ହୋଇଲେ ଭେଟ
ସମସ୍ତେ କହିଲେ ଯେତେ ଉପାର୍ଜିଲେ
ପୁରେନା ପେଟ

ଲାଭ ଓ କ୍ଷତିର ହିସାବନିକାଶ
କରନ୍ତି ବସି
ଏ କଳିକାଳରେ ଦେବାଠାରୁ ନେବା
ବହୁତ ବେଶୀ

ଠାକୁରଙ୍କୁ ଖାଇ ଖଟୁଳି ଖାଆନ୍ତି
ନପୁରେ ପେଟ
ମିଛ, ଲାଞ୍ଚ ସବୁ ଦୁନିଆରେ ଭାଇ
କରୁଛି ନାଟ

ଅନ୍ଧାର କିବା ଆଲୋକରେ ଭରା
କାହାର ପଥ
ଦୁଃଖରେ, ସୁଖରେ ତାଙ୍କ ଜୀବନରେ
ଗଡୁଛି ରଥ

ଫେରିବା ବାଟରେ ଭେଟିଲି ମୁଁ କେତେ
ଭଉଣୀ ଭାଇ
କିଏ କିଣିଅଛି ଆଳୁ, ବାଇଗଣ
ସଜନାଛୁଇଁ

କସମର ଶାଗ, ଲଙ୍କାମରିଚକୁ
ସାରୁ, କଲରା
ଆଣିଛି କଖାରୁ, କଞ୍ଚା କଦଳୀକୁ
ପିଆଜି, ବରା

ଯେଝା ଯେଝା ନିଜ ଘରକୁ ଫେରିଲେ
ସରିଲା ହାଟ
କାହାଘର ଅଛି ବହୁତ ଦୂର ତ କା'ଘର-
ଅଳପ ବାଟ

ପାଦ ଗଣି ଗଣି ଚାଲୁଛି ରାସ୍ତାରେ ଯିବିକି ପଡି
ଚଞ୍ଚଳ ପାଦ ମୋ' ନରମି ଗଲାଣି
ବେଳତ ଗଲାଣି ଗଡି

ସୂର୍ଯ୍ୟ ଅସ୍ତ ଗଲେ ଅନ୍ଧାର ଏବେତ
ଆସିବ ମାଡି
ଲାଗୁଛି ସତେକି ପ୍ରାଣପକ୍ଷୀ ମୋର
ଯିବକି ଉଡି

ହାଟ ସରିଗଲା ସଉଦା ସରିଲା
ଯାଉଛି ଘର
ବିକଳେ ଡାକୁଛି ତୁମକୁ ପ୍ରଭୁହେ
ମୋ ହାତ ଧର ।



(ଆମ ଗାଁ ନିକଟରେ "ଡିହକୁଳା" ବୋଲି ଗୋଟିଏ ଗାଁ ଅଛି ଯେଉଁଠି ସପ୍ତାହରେ ଦି ଦିନ ହାଟ ବସେ)

ହିଡେନ୍ ଭ୍ୟାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ । ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# କୃପାର୍ଘ୍ୟ



କାଳକଙ୍କର

ବରଷୁଛି ମୂଷଳ ଧାର୍ରେ
ବାଦଲ ଫଟା ପାଣି
ସାର୍ ପୃଥିବୀରେ
ତଥାପି ଧୂଳ ଉଡୁଛି କେଉଁଠି
ବନ୍ୟାରେ ଇନ୍ଦ୍ରଭୁବନ ଭୁଷୁଡି ପଡୁଛି
ବିଶ୍ୱକର୍ମା କହୁଛି
ସରିଗଲ୍ ବେଳକାଳ
ଜଡି ବୁଟି ଚେରମୂଳ
ଉଇ ହୁଙ୍କା ସନ୍ୟାସୀର ଭ୍ବ ।।

ମହାଭ୍ରତ ଆଉ ବାକନାହିଁ
କବିତାର ଛନ୍ଦନାହିଁ ଶବ୍ଦନାହିଁ
ଅଭ୍ବ ଯେ ଭ୍ବର ସମୁଦ୍ର
କୁରୁକ୍ଷେତ୍ର ସଜବାଜ
ବାଜୁନାହିଁ ଶଂଖ ପଞ୍ଚଜନ୍ୟ
କଏ ଅବା କାହାର ଏ ସଂସାରରେ
ବୁଢା ବୁଢୀ ହେଲ୍ପରେ
ଗଛର ଦାମ ବଢେ
ମଣିଷ ଅଦରକାରୀ
ଓଳକଡେ ଅଣଦେଖା ଅତୀତ
କରେ ଆଜି କାଲି ଭବିଷ୍ୟତ ।।

କୃପାର ଥାଳ ଧରି ଛିଡା କୃପାର୍ଘ୍ୟ
ମା ମାଟି କୀଟ ପରିଯନ୍ତ
ବାନପ୍ରସ୍ତ ଲେ୍ଡା ନାହିଁ
ବନସ୍ତେ ଲ୍ଗିଛି ନିଆଁ
ହିମଗିରି ଶୁଖ୍ ଯେ ନୁଖୁର୍
ଶିଶୁର ସିଲଟ ଭଙ୍ଗା
ବହିରେ ଯେ ଲ୍ଗିନ ମଲ୍ଟ
ସିମନ୍ତିନୀ ପୋଛି ଦିଏ କପାଳେ ସିନ୍ଦୁର
ବିନା ଦୋଷେ ନସ୍ତଭ୍ବ
ଏ ମେଦିନୀ ହେଲ୍ ଦୁଇଫାଳ ।।

ମିଛ ନ କହି କବା ଲ୍ଭ
ଆଷାଢିଆ ସନ୍ତ ସନ୍ତ ପାଣିରେ
ସରୀସୃପ ସଲସଲ ଜୀବନଟି କଲବଲ
ବାଇନକୁ ଶୁଖାରେ୍ଗ, ବରଦାକୁ ପାଣିରେ୍ଗ
ବାଙ୍କ ଦେହେ ଶବ୍ଦରେ୍ଗ
ଏଇମିତି ଅନେକ ଯୋଜନ
ସରକାର ଗଢାହୁଏ ଭ୍ଂଗିଯାଏ
ନେତା ଜିତେ ପୁଣି ହାରେ
ଜନତାର ହାର ଜିତ୍ ମିଶାଣ ଫେଡାଣ
ସତକଥା କହି କଆଁ ପୁନେ ବାନପ୍ରସ୍ଥ
ବାପର ବେକରେ ପଘା
ଗିରିଧାରୀ ଭ୍ଂଗି ଦିଅ ଗିରି ଗୁମ୍ଫା ଶୃଙ୍ଗ ।।

ସୌଭଗିନୀ, ରଟିଲେ୍, ରେଂଚ,ପୁରୀ

# କାଉ



ଆଶା ସାହୁ



"ରାତି ପାହିଲାଣି ରାବଇ କାଉ
ଉଠ ଉଠ ମଠ ନକର ଆଉ ।"

"ଡାମରା କାଉରେ ଡାମରା କାଉ
ପର୍ବତେ ପର୍ବତେ ବୋବାଉଥାଉ ।"



ଶରତ୍ ଋତୁର ମିଠା ସ୍ନିଗ୍ଧ ସକାଳ । ନା ଥଣ୍ଡା ନା ଗରମ । ବାଲକୋନି ରେ ଟଙ୍ଗା ହୋଇଥିବା ଦୋଳରେ ବସି ମୋର ଆଠବର୍ଷର ପୁଅ ଗୁଲ୍ଲୁ ଝୁଲି ଝୁଲି ଗାଉଛି । ତା ସହିତ କଛି ହୋମ୍ ଟାସ୍କ ଲେଖି ପକାଉଛି । ରୋଷେଇ ଘରେ ମୁଁ ବାପପୁଅ ଦୁହିଁଙ୍କ ପାଇଁ ଟିଫିନ ରେଡି କରୁଛି । ମଝିରେ ମଝିରେ ତାକୁ ତାଗଦା କରୁଛି, "ଶୀଘ୍ର ଲେଖିସାରି ଗାଧୋଇ ପା, ନହେଲେ ବସ୍ ପଳେଇବ ଯେ ।"

ମନେ ମନେ ମୁଁ ଗର୍ବ ଅନୁଭବ କରେ ଯେ, ପୁଅ ମୋର ଇଂଲିଶ୍ ମିଡିୟମ ସ୍କୁଲରେ ପଢିଲେ ସୁଦ୍ଧା ଓଡିଆ ଭାଷା ପ୍ରତି ତାର ଗୋଟିଏ ଜନ୍ମଜାତ ଆକର୍ଷଣ ରହିଛି । ସେଥିପାଇଁ ମୁଁ ତା ପାଇଁ ଓଡିଶା ଯାଇଥିଲା ବେଳେ "ମଧୁ ବର୍ଣ୍ଣବୋଧ" କିଣି ଆଣିଥିଲି । ସେ ଓଡିଆ ଲେଖି ମଧ୍ୟ ଶିଖିଲାଣି । କବିତା ସବୁତ କଣ୍ଠସ୍ଥ । ହଠାତ୍ ସେ ଦଉଡିଆସି ମୋତେ ବାଲକୋନିକୁ ଟାଣିନେଲା ।

"ମାମା, ଦେଖିଲ ସେଇ ଛୁଆ କାଉଟିର ଡେଣାଟିଏ ଭାଙ୍ଗି ଯାଇଛି । ସେ ଉଡି ପାରୁନି ।" ଭାରି ବ୍ୟସ୍ତ ହୋଇ କହିଲା ସିଏ । ମୁଁ ଦେଖିଲି ସତକୁସତ କାଉଟିର ଗୋଟିଏ ଡେଣା ଭାଙ୍ଗି ଝୁଲି ପଡିଥାଏ । ଡେଣାଟିକୁ ବାରମ୍ବାର ସେ ଉପର ତଳ କରୁଥାଏ ଓ ଛଟପଟ୍ ହୋଇ କରୁଣ ସ୍ୱରରେ ରାବୁଥାଏ । ମୋତେ ଲାଗିଲା ରାଇନିଜ୍ ମଞ୍ଜାଲଗା ଗୁଡି ସୁତାରେ ବୋଧେ ତାର ଡେଣାଟି କଟିଯାଇଚ ।

ମୁଁ ପଚାରିଲି, "ହଇରେ, ସେଟା ଛୁଆ କାଉ ବୋଲି ତୁ କେମିତି ଜାଣିଲୁ ?"

"ଶୁଣୁନ, ତାର ରାବ କେମିତି ଛୋଟ ଛୁଆଭଳ ଶୁଭୁଛି, ତା ଛଡା ବଡ କାଉଙ୍କ ପରି ତାର ପର ଅସନା ନୁହେଁ, କେତେ କଳା, ଚକ୍ ଚକ୍ ମାରୁଛି ।" ସେ କହିଲା ।

ବାସ୍ତବିକ୍ ତାର ଧାରଣା ଥିଲା ନିଖୁଣ । ଛୁଆ କାଉଟିଏ, ବୋଧହୁଏ ଅନୁଭବହୀନତାରୁ ତାର ଏ ଅବସ୍ଥା ।

ପୁଅ ଜିଦ୍ ଧରିଲା, "ମାମା, ତାକୁ ଘରକୁ ଆଣି ତାର ଚିକିତ୍ସା କରାଇବା ।" ତାର ଟିକି ମନରେ ଆଘାତ ନଦେବା ଉଦେଶ୍ୟରେ ମୁଁ ତାର ବାପାଙ୍କୁ ଅନୁରୋଧ କଲି କାଉଟିକୁ ଘରକୁ ଆଣିବାକୁ । ସେ ମଧ ପୁଅର ଆଗ୍ରହକୁ ଅଦେଖା କରି ପାରିଲେନି । ଅଗତ୍ୟା ସେ ପୁଅକୁ ନେଇ ତଳକୁ ଗଲେ । ହେଲେ ସେମାନେ ଯେମିତି ସେ କାଉ ପାଖକୁ ଯାଇଛନ୍ତି, ଦଳଦଳ କାଉ ତାଙ୍କ ଉପରକୁ ଝାମ୍ପି ଆସିଲେ ସେ ଦୁଇଜଣଙ୍କୁ ଖୁମ୍ପିବାକୁ ।

କାଉମାନେ ବୋଧେ ଭାବିଲେ ଏମାନେ ଛୁଆ କାଉଟିର ଅନିଷ୍ଟ କରିବେ । ବାପପୁଅ ଦିଜଣ ଲେଉଟି ଆସିଲେ ଆମେ କାଉଙ୍କର ଏକତା ଦେଖି ଆଶ୍ଚର୍ଯ୍ୟ ହେଲୁ ।

ସେହି ଦିନଠାରୁ ସେଇ କାଉଟିର ଖବର ନେବା, ତାର ଗତିବିଧି ନିରିକ୍ଷଣ କରିବା ଆମ ମାଆପୁଅଙ୍କର ଅଭ୍ୟାସରେ ପରିଣତ ହେଲା ।

ସେ କାଉଟି ସେଇ ଚଗ୍‌ଚ ଗଛଟିରେ ସେହିପରି ରହିଥାଏ । ଦିନଯାକ କା..କା.. ରାବ ଛାଡି ସେହି ଗଛଟିରେ ଏ ଡାଳରୁ ସେ ଡାଳ, ଉପରତଳ ହେଉଥାଏ । ରାତିରେ ଘଞ୍ଚ ପତ୍ରଗହଳରେ ଲୁଚ ବସେ । ମୁଁ ଭାବୁଥାଏ ଭୋକଉପାସରେ ରହି ସେ ହୁଏତ କିଛିଦିନପରେ ମରିଯିବ । ପୁଅ ସେକଥା ଭାବି ଭାବୁକ ହୋଇପଡେ । କିନ୍ତୁ ମୁଁ ଧ୍ୟାନ ଦେଇ ଦେଖିଲି କାଉମାନେ ତାକୁ ପାଳକରି ଖୁଆଉଛନ୍ତି, ତାର ମାଆବାପା ତଥା ଅନ୍ୟାନ୍ୟ କାଉମାନେ ମଧ । ଯାହାହେଉ ଆମର ଚିନ୍ତାଗଲା ।

ବଡି ସକାଳୁ ସନ୍ଧ୍ୟାହେଲା ପର୍ଯ୍ୟନ୍ତ ଦୁଇତିନୋଟି କାଉ ତାକୁ ଜଗି ବସିଥାଆନ୍ତି । କିଏ ଇଲେକ୍ଟ୍ରିକ୍ ତାର ଉପରେ ତ କିଏ ଗଛ ଡାଳରେ । କୌଣସି ଚଗଲା ପିଲା ତା ପାଖକୁ ଗଲେ ତାକୁ ଖୁମ୍ପିବାକୁ ପଳେଇ ଆସୁଥାଆନ୍ତି । ବିଶେଷ ଭାବରେ ସକାଳୁ ସକାଳୁ ସେମାନେ ବେଶି ଆକ୍ରାମକ ହୋଇଥାଆନ୍ତି । ଚଗ୍‌ଚ ଗଛରୁ ଫୁଲ ତୋଳିବା ବନ୍ଦ ହୋଇଗଲା ସମସ୍ତଙ୍କର ।

ଦିନେ ମୋ ପୁଅ କହିଲା, "ମାମା, ଦେଖିଲ, କାଉଟା କେମିତି ଚଗ୍‌ଚ ଗଛରୁ ଉଡିଆସି ଅମୃତଭଣ୍ଡା ଗଛର ଅଗରେ ବସିଛି । ମୁଁ ନୋଟିସ୍ କଲି କାଉଟି ନିଶ୍ଚୟ ଖଣ୍ଡିଉଡା ଦେଇ ଶିଖିଲାଣି । କାରଣ ଚଗ୍‌ଚ ଗଛ ଓ ଅମୃତଭଣ୍ଡା ଗଛ ପାଖାପାଖି ଥିବା ସତ୍ତ୍ୱେ ଅମୃତଭଣ୍ଡା

ଗଛରେ ଚଢିବାର କୌଣସି ସାଧନ ନଥିଲା । ଗୁଡ୍ଡୁ ଭାରି ଖୁସି ହୋଇଗଲା ଯେ କାଉର ଡେଣାରେ ବ୍ୟଥା କମି ଆସିଲାଣି ।

ଧିରେ ଧିରେ କାଉଟି ଏ ଗଛ ସେ ଗଛ ଛୋଟ ଖଣ୍ଡି ଉଡା ଦେଉଥିଲା । କନ୍ତୁ ତଳକୁ ଓହ୍ଲାଇ ଖାଦ୍ୟ ସଂଗ୍ରହ କରିବାକୁ ତାର ସାହସ ହେଉନଥିଲା । ଏ ପର୍ଯ୍ୟନ୍ତ ମଧ୍ୟ କାଉମାନେ ତାର ଖାଇବା ପିଇବା ଓ ସୁରକ୍ଷାର ଦାୟିତ୍ୱ ତୁଲାଉଥିଲେ । ମୁଁ ତାଙ୍କର ପରସ୍ପର ସହଯୋଗ ଓ ସହୃଦୟତା ଦେଖି ଅଭିଭୂତ ହୋଇପଡୁଥିଲି । ଅନ୍ୟାୟସରେ ମୋର ମନ ଗ୍ଭଲିଯାଉଥିଲା ମଣିଷର ସ୍ୱାର୍ଥପରତା ତଥା ଇର୍ଷା ଦ୍ୱେଷମୟ ମାନସିକତା ଦିଗକୁ । ଆଜିକାଲି ଆମେ ଏତେ ହୃଦୟହୀନ ହୋଇଗଲୁଣି ଯେ ପରସ୍ପରକୁ ସାହାଯ୍ୟ କରିବା ତ ଦୂରର କଥା, ନିଜର ମାଆବାପାଙ୍କୁ ମଧ୍ୟ ବୋଝ ମଣୁଛୁ । ସେମାନେ ଅକର୍ମଣ୍ୟ ଓ ଅସହାୟ ହୋଇଗଲେ ଆମ ଉପରେ ତାହା ଅଭିଶାପ ବୋଲି ଭାବୁଛୁ । ତାଙ୍କୁ ଘରେ ମାନସୀକ ଅବହେଳନା ଭିତରେ ରଖୁଛୁ, ନହେଲେ ବୃଦ୍ଧାଶ୍ରମରେ ଅନ୍ୟମାନଙ୍କ ଦୟାରେ ଛାଡିଦେଉଛୁ । ଏବେତ ଲୋକଙ୍କର ମାନସୀକତା ଏମିତି ହେଲାଣି ଯେ ଦୁର୍ଘଟଣାଗ୍ରସ୍ତ କୌଣସି ମୁମୂର୍ଷୁ ବ୍ୟକ୍ତିକୁ ମଧ୍ୟ ସାହାଯ୍ୟ ଦେବାକୁ ଲୋକେ ଭାବୁନାହାନ୍ତି । ନିଜର ବହୁମୂଲ୍ୟ ସମୟରୁ ଦଶମିନଟ ରହିଯାଇ ଏମ୍ବୁଲାନ୍ସଟିଏ ଡାକଦେବାକୁ ମଧ୍ୟ ତାଙ୍କର ମନ ଡାକୁନାହିଁ । ଏସବୁ କଥା ଭାବି ଭାବି ମନଟା ମୋର ତିକ୍ତ ଓ ଭାରାକ୍ରାନ୍ତ ହୋଇ ପଡିଲା । ମଣିଷ ଜାତି ଜଣ ଏ କାଉମାନଙ୍କଠାରୁ ହୀନ? ମନକୁ ହାଲକା କରିବାକୁ ଚେଷ୍ଟା କରି ମୁଁ ଘର କାମରେ ମନଦେଲି ।

ଧିରେ ଧିରେ ସେ କାଉଠାରୁ ଆମ ମନ ଅପସରି ଆସିଲା । ଆମେ ନିଶ୍ଚିନ୍ତ ହୋଇଯାଇଥିଲୁ ଯେ ସେ ଅବଶ୍ୟ ସ୍ୱାସ୍ଥ୍ୟ ଲାଭ କରିବ ।

ଏହା ମୋର ଧାରଣାର ବହିର୍ଗତ ଥିଲା ଯେ ମୋର ସ୍ୱାମୀ ମଧ୍ୟ ସେ କାଉ ଉପରେ ନଜର ରଖିଛନ୍ତି । ତେଣୁ ମୁଁ ଦିନେ ଚମକ ପଡିଲି ତାଙ୍କର ହର୍ଷୋତ୍ଫୁଲ୍ଲ ସ୍ୱର ଶୁଣି ।

"ଆରେ ଗୁଡ୍ଡୁ, ଦେଖ୍, ଦେଖ୍, ଆସି ଦେଖିଯା । ତୋର କାଉ ଆମ ବାଲକୋନିରେ ଆସି ବସିଛି । ପୁଅ ସହ ମୁଁ ମଧ୍ୟ ଧାଇଁଗଲି । ସତକୁସତ, ସମ୍ପୂର୍ଣ୍ଣ ସୁସ୍ଥ ହୋଇ କାଉଟି ମୁଣ୍ଡ ବଙ୍କାକରି ବସି ଟେରା ଆଖିରେ ଆମକୁ ଅନେଇ ରହିଛି । ତାର ଆଘାତପ୍ରାପ୍ତ ଡେଣାଟି ଟିକେ ତଳକୁ ଝୁଲି ରହିଛି ଯାହା । ଖୁସି ହୋଇଯାଇ ଗୁଡ୍ଡୁ ଘରଭିତରକୁ ଯାଇ ପାଉରୁଟି ଟୁକୁଡାଟିଏ ଆଣି ବାଲକୋନରେ ରଖିଲା । ତରକ ତରକ କାଉଟି ଆସି ତାକୁ ଥଣ୍ଟରେ ଉଠାଇ ନେଇ ଉଡିଗଲା ଡିମିରି ଗଛ ଉପରକୁ ।

**ବସନ୍ତବିହାର, ନୂଆଦିଲ୍ଲୀ**

# ସ୍ମୃତିକଥା

## ମୂଳ ରଚନା (ବଙ୍ଗଳା)

## ଅସୀମ ଭୁଁଇୟା



ସନାତନ ମହାକୁଡ

ଭୁଲ ଘଡିର ଗଭୀରତାରେ ତାରକାର ଯାଆ ଆସ...

ହାତ ପାପୁଲିରେ ଭାଙ୍ଗୁଛି ନଦ୍ରତା ।

ଧୀରେ ଧୀରେ ଫିକା ହୋଇ ଆସେ ସମସ୍ତ ସ୍ମୃତିକଥା

ବେରୁଆଁବାରୀ, ନୟାଗଡ, ଓଡିଶା

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାର୍ ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com

# ଜ୍ୟାମିତି ଏମିତି ଏମିତି




ଡ. ସୌମ୍ୟ ରଞ୍ଜନ ମିଶ୍ର

ପିଲାଦିନେ ମୋର ଭୂଗୋଳରେ ଭଲ ହେଉଥିଲା
ହେଲେ ଆମର ଥାଏ ମୋଟ କେତେ ଜମିବାଡି
ମୋତେ ବିଲକୁଲ୍ ମାଲୁମ ନଥିଲା
କେଉଁଠି ଦିଆଯାଏ ଖଜଣା
କେଉଁଠି ହୁଏ ଜମି ଖର୍ଦ୍ଦ ବିକ୍ରି
ଏକଥା ନଥିଲା ବି ଜଣା ।

ଭୂମିର ପୁରୁଣା ମାପ ଏବେ ବି ମୋ ବୋଧିର ବାହାରେ
ଯଦିଓ ବର୍ଗଫୁଟ ହିସାବରେ ଭୁବନେଶ୍ୱରରୁ ବହୁଦୂରରେ
ଜାଗାଟିଏ ପକାଇଛି
ଭଡାଘରବାଲାଙ୍କ ଦୌରାତ୍ମ୍ୟର ବାହାନା କରି
ପରିବାର ଲୋକ ବାରବାର ଜିଦ୍ କଲାପରେ ।

ବନ୍ଧୁବାନ୍ଧବୀଙ୍କ ମନରେ ମୋ ଠାରୁ ଅଧିକ ପୁଲକ
ଭୁବନେଶ୍ୱରରେ ନଜର ବୋଲି ଜାଗାଟିଏ କ ଘରଖଣ୍ଡେ
ସମାଜରେ ଗଣତିକୁ ଆସିଲ
ନହେଲେ ହାତରୁ ପାଟି ବଞ୍ଚୁଥିବା
ତୁମେ ଜଣେ ସାଧାରଣ ଲୋକ ।

ଅଭିଜ୍ଞ ଶୁଭେଚ୍ଛୁଙ୍କ ପର୍‌ମର୍ଶ
ବାଉଣ୍ଡରୀ କାମଟା ଆଗ ଦିଅ ସାରି
ର୍‌ଜଧାନୀ ପରିବେଶ ଭଲ ନୁହେଁ
ଇଚ୍ଛା କଲେ କଛା କାଟିଦେବେ
ସବୁ ଏଥି ଦୋନମ୍ବରୀ ।




ଜୀବନର ଅଙ୍କ କଷାରେ ନହାତି ସଫଳ
ଲୋକଗୁଡା କନ୍ତୁ, ଜ୍ୟାମିତିର ପରିଧି ବି ଛୁଅନ୍ତିନ
ସେମାନେ ବୋଧହୁଏ ଜାଣିନାହାଁନ୍ତି
ଉପରକୁ ଦେଖାଯାଉଥିବା ସବୁ ପାଚେରୀ
ତଳେତଳେ ବହୁତଳେ
ଗୋଟିଏ ବିନ୍ଦୁରେ ନଷ୍ଟୟ ପ୍ରଣୟ ରଚନ୍ତି
ସେଥିପାଇଁ ବେଶୀ ଉଚ୍ଚ ମୁଣ୍ଡ ଟେକ ପାରନ୍ତିନ ।

ମଧଖଣ୍ଡୀ, ଶ୍ରୀ ବଳଦେବ ଜୀୟୁ, କେନ୍ଦ୍ରାପଡା

"ବେଦାନ୍ତୀ ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି
ଫେବୃୟାରୀ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା:
vedantimagazine@gmail.com"

# ଛାଇ



ସୁଲୋଚନା ପଟ୍ଟନାୟକ

ଘରକୁ ଫେରିବା ପରେ କେମିତି ଗୋଟାଏ ଅଶ୍ୱସ୍ତି ଆସିଗଲା । ନିଜ ଘର, ନିଜ ବିଛଣାରେ ପଡିଗଲେ ନିଦ ଆସିବାକୁ ଡେରି ହୁଏନି ଅବା ସେଇ ଭଳିଆ ମନେ ହୁଏ । କିନ୍ତୁ ଶାନ୍ତି ଲାଗେ ନିଶ୍ଚୟ । ଦୁଇ ଚାରି ଦିନ ମନେ ହେଲା ଅନେକ ଦିନ ପରି । ଘର ବାହୁଡା ଗାଇ ପରି, ବାଛୁରୀର ହମା ରଡି ଶୁଣୁ ନ ଶୁଣୁ ଗୋଡ ତ ପାଦେ ନ ପଡି ପାହୁଣ୍ଡେ ପଡି ଯାଉଥାଏ । ମନର ଚଞ୍ଚଳତା ପ୍ରକାଶ କରି ହେଉ ନ ଥାଏ । କୁମୁଦିନି ଘରେ ପହଞ୍ଚୁ ପହଞ୍ଚୁ କେମିତି ରୁଟି ଦୁଇଟା ଆଉ ସନ୍ତୁଳା ଟିକିଏ କରି ଦେବେ ସେଇଆ ଭାବୁଥାନ୍ତି । ସୁମିତାର କଥା ଅଲଗା । ଖାଇବା ଚିନ୍ତା ତା ମନକୁ ଆସୁ ନଥାଏ । ଡିନର ହୋଇ ନାହିଁ କି ଡୋଲ ନାହିଁ । ତାର ସବୁଥିରେ ଖୁସି । ଗାଁକୁ ଫେରି କେମିତି ସାଙ୍ଗ ମାନଙ୍କୁ ତାର ଅଭିଜ୍ଞତା ବଖାଣିବ, ତାର ସେଇ ଚିନ୍ତା । ପିଲା ମନ । ଖୁବ୍ ଅଳ୍ପରେ ସନ୍ତୁଷ୍ଟ ହୁଏ, ପୁଣି ଅଳ୍ପ ସମୟରେ ସବୁ ଭୁଲିଯାଏ । ସେଭଳି ନିଷ୍ପାପ ହୃଦୟ ନଥିଲେ ତାହା ସମ୍ଭବ ହୁଅନ୍ତା ନାହିଁ । ଛୋଟ କଥାଟିକୁ ଜାବୁଡି ଧରି ମଣିଷ ତାକୁ କିମ୍ଭୁତ କିମ୍ଭାକାର ରୂପ ଦିଏ । ଆଲୋଚନା ସମାଲୋଚନା କରି ଖିଅ ନଥିବା କଥାରୁ ଶହେ ଖିଅ ବାହାର କରି ନିଜକୁ ସେଇଥିରେ ବୁଡାଇ ପକାଏ । ଅନ୍ୟମାନଙ୍କୁ ଦୋଷ ଦିଏ । ବୁଢିଆଣୀର ଜାଲରେ ଛନ୍ଦି ହୋଇ ପୋକଟିଏ ଅସ୍ତବ୍ୟସ୍ତ ହୋଇ ଯେମିତି ପଡିଥାଏ ଜୀବନ ଗଲା ପର୍ଯ୍ୟନ୍ତ, ସେମିତି ଜାଲ ଭିତରେ ଛନ୍ଦି ହୋଇ ପଡିଥାଏ । ସେଥିରୁ ମୁକ୍ତି ପାଇବାର ଉପାୟ ଖୋଜୁ ଖୋଜୁ କେତେବେଳେ ଜୀବନରୁ ମୁକ୍ତି ମିଳିବ ସେଇ ଚିନ୍ତାରେ ଜୀବନ ବିତିଯାଏ ।

ଆଜି ସୁମିତାର ମନ ଯେ ଦୁଃଖ, ତା ନୁହେଁ । କିନ୍ତୁ ସିଏ ଖୁସି ହୋଇ ପାରୁନାହିଁ କାହିଁକି ? ଏ "କାହିଁକି" ର କାରଣ ଜାଣିବାକୁ କଷ୍ଟ ଲାଗୁଛି । ମନ ଭିତରେ ଏକ ଅଜଣା ଭୟ ଆସି ତାକୁ

କାବୁ କରି ପକାଉଛି । ମନଟା ଯେମିତି ଛାଡି ହୋଇ ଆସିଛି କେଉଁଠି । ନୈରାଶ୍ୟ ଏକାକୀ ଜୀବନରେ ଆଶାର ଦୀପଟିଏ ବେଳେ ବେଳେ ଜଳଉଠୁଛି । ବାହାରେ ଆକାଶର ଗମ୍ଭୀର ରୂପ ନାହିଁ । କିନ୍ତୁ ଘର ଭିତରେ କଛାଟିଆ ଶୂନ୍ୟତା କେମିତି ଭରି ଆସୁଛି । ଅଜଣା ସମ୍ଭାବନା କାୟା ବିସ୍ତାର କରୁଛି ଶୂନ୍ୟତାର ଗୋଟିଏ କୋଣରୁ । ସୁମିତା ଦେଖୁଛି । ପରଖୁଛି - ତାର ଡେଣାରେ ଜୋର ଅଛି ତ? ସିଏ କଣ ମୁକ୍ତ ଆକାଶରେ ଛୋଟିଆ ବିହଙ୍ଗଟିଏ ହୋଇ ଉଡି ପାରିବ? ନୀଳମାଧବ ବାବୁ ବାରମ୍ବାର ମନକୁ ଆସିଯାଉଛନ୍ତି । ତାଙ୍କର ସ୍ୱର ଶୁଭିଯାଉଛି...."ଯଦି ଚାହିଁବେ, ମୁଁ ଆପଣଙ୍କୁ ଭୁବନେଶ୍ୱରକୁ ବଦଳର ବ୍ୟବସ୍ଥା କରି ଦେଇ ପାରିବି...." । ଭୁବନେଶ୍ୱର? ଓଡିଶାର ରାଜଧାନୀ? ରାଜଧାନୀର ଚାକଚକ୍ୟ ଭିତରେ ଗୋପାଳପୁର ଗାଁରେ ରହୁଥିବା ସୁମିତା ଚଳି ପାରିବ ତ? ଭାଇ ବନ୍ଧୁ କେହି ନାହାନ୍ତି ତାର ସେଠି । ଖୋଜିଲେ ହୁଏତ ଗାଁର କିଏ ସେଠି ନିଶ୍ଚୟ ରହୁଥିବେ । କିନ୍ତୁ ଦରକାର ବେଳେ ସାହାଯ୍ୟ ସହଯୋଗ କରିବାକୁ କିଏ ଆଗେଇ ଆସିବ? ଏଠି କୁମୁଦିନଙ୍କ ଘରେ ଘଣ୍ଟ ଘୋଡାଇ ରହିଲା ପରି ସିଏ ରହିଯାଇଛି । ଦେହ ଖରାପ ହେଲେ ମାଉସୀ ଆସି ସଂଜ ସକାଳେ ଦେଖି ଦେଇଯାଆନ୍ତି । ଔଷଧ ଟିକିଏ ଦରକାର ହେଲେ ତାକୁ ସବୁବେଳେ ବଜାର ଯିବାକୁ ପଡେନ । ଦାଣ୍ଡକୁ ଯାଇ କାହାକୁ କହିଦେଲେ ବା ପଡିଶା ଘରୁ କିଏ ବାହାରକୁ ଯାଉଥିଲେ ନେଇ ଆସନ୍ତି ଦରକାରୀ ଜିନିଷ । ଆଜି ପର୍ଯ୍ୟନ୍ତ ସିଏ ଖୁବ୍ ଜଗି ରଖି ଚଳୁଛି । କେହି ତାକୁ ପଦେ ଖରାପ କରି କହି ନାହାନ୍ତି । ବ୍ୟାଙ୍କରେ ସମସ୍ତଙ୍କ ସହ ଭଲ ସମ୍ପର୍କ ତାର । ମାନସିକ ଦାମ୍ଭିକତା ନେଇ ସିଏ କାମ ସୁରୁଖୁରୁରେ କରି ଚାଲିଛି । ଆଜି ମନେ ହେଉଛି ଜୀବନକୁ ସେତିକରେ ସୀମାବଦ୍ଧ କରିଦେଲେ ଆଗକୁ ଯାଇ ହେବନି । ଆଗକୁ ଯିବାକୁ ହେଲେ ଏକ ସାହାସୀ ପଦକ୍ଷେପ ନେବାକୁ ହେବ । ନୀଳମାଧବ ବାବୁଙ୍କର ଅଯାଚିତ ଦାନକୁ ଗ୍ରହଣ କରିବାରେ କ୍ଷତି କଣ? ସୁମିତା ଭାବୁଛି, ଭଗବାନଙ୍କର ବରଦ ହୁଏତ ତାହା ହୋଇପାରେ । ମନକୁ ଦୃଢ କରିବାକୁ ହେବ । ଭାବିକି ବସି ରହିଲେ ଚଳିବନି ।

ସେତିକିବେଳକୁ ରିନା ଦଉଡି ଦଉଡି ଆସି କହିଲା, "ମା, ମାମୁଁ ପଚାରୁଛନ୍ତି, "ତୁ ଚା କରୁଛୁ କି? ଯଦି କରୁଛୁ ତାଙ୍କ ପାଇଁ କପେ ବସାଇ ଦେ । କାରଣ ଆଇ ବର୍ତ୍ତମାନ ସଞ୍ଜ ଦେବ ଓ ତାପରେ ରୁଟି ଫୁଟି କରିବ । ଆଇ ବୋଧେ ହାଲିଆ ହୋଇଯାଇଛି" । ସୁମିତା ଆଗ୍ରହରେ "ହଁ ଆଣୁଛି କହି ଦେ" କହି ଚା ବସାଇଲା । ଫ୍ରୀଜରୁ ଅଦା ଖଣ୍ଡେ ଆଣିଲା । ଦେଖିଲା ବେଳକୁ

ଶୁଖିଲା ଅଦା ଖଣ୍ଡେ ମାତ୍ର ପଡିଥିଲା । ତାକୁ ହେମଦସ୍ତାରେ ଛେଚ ଚାହା ପାଣିରେ ପକାଇ ସିଝାଇଲା । ଅଦା ଚା ମାଉସୀଙ୍କୁ ଭଲ ଲାଗେ । ଚାହା ଛାଣୁ ଛାଣୁ ଦେଖିଲା ଜୀବନ ବାବୁ ଆସି ବାରଣ୍ଡାରେ ପହଞ୍ଚିଲେଣି । "ଆସନ୍ତୁ, ବସନ୍ତୁ, ମୁଁ ଚା ଆଣୁଛି" କହି ସେ ଟ୍ରେରେ ଦୁଇ କପ ଚା ଧରି ଆସି ବସିଗଲା । ଜୀବନ ବାବୁ ସେତେବେଳକୁ ଚେଆରରେ ବସିଗଲେଣି । ରିନା ହାତରେ କୁମୁଦିନଙ୍କ ପାଇଁ କପେ ଚା ସୁମିତା ପଠାଇଦେଲା । ବ୍ରିଟାନିଆ ବିସ୍କୁଟରୁ ଚାରି ଖଣ୍ଡ ପ୍ଲେଟରେ ଆଣି ଛୋଟ ଟି ପୟ ଉପରେ ରଖିଲା । ଜୀବନ ବାବୁ କଥା ଆରମ୍ଭ କଲେ । "ମୁଁ କୁକ ବେଶି ଖାଏନି ମିଠା ଯୋଗୁ । କିନ୍ତୁ କଣ ପଚାରୁଥିଲି କି, ଏଇ ତୁମ ଭୁବନେଶ୍ୱର ଟ୍ରାନସଫର୍ କଥା । କଣ ଭାବୁଛ ? ନୀଳମାଧବ ଦାଦା ଭାରି କାମିକା ଲୋକ । କହିଛନ୍ତି ମାନେ ସିଏ କରିକି ହିଁ ରହିବେ । କଥାରେ ତାଙ୍କର ଜୋର ଯେମିତି ଲୋକବଳ ବି ତାଙ୍କର ସେମିତି । ମୁଁ ଭାବୁଛି ତୁମେ ହଁ କହିଦେଲେ ସିଏ କାମରେ ଲାଗିଯିବେ । ହୁଏତ ସିଏ ଲାଗି ବି ସାରିବେଣି କିଏ ଜାଣେ ? ସୁମିତା ଉତ୍ତର ଦେବା ପୂର୍ବରୁ ସିଏ ଚା କପରୁ ସିପ୍ ଟିଏ ନେଇ ପୁଣି କହିଲେ, ଅବଶ୍ୟ ଯାହା ଦେଖୁଛି, ବୋଉ ହୁଏତ ଏକୁଟିଆ ହୋଇଯିବ । ରିନା ଓ ତୁମ ସହ ସିଏ ଯେମିତି ଏକା ଘର ପରି ଚଳୁଛି, ତୁମେ ସବୁ ଚାଲିଗଲେ ତାକୁ ହୁଏତ ଏକୁଟିଆ ଲାଗିପାରେ । କିନ୍ତୁ ତୁମେ ଭୁବନେଶ୍ୱର ଗଲେ ସିଏ ବି ମଝିରେ ମଝିରେ ସେଠି ଯାଇ ବୁଲି ଆସିବ । ଘରୁ ବାହାରିବାକୁ ତାକୁ ବି ଗୋଟେ ବାହାନା ମିଳିଯିବ । ସବୁଆଡୁ ଭଲ ହେବ । କଣ କହୁଛ ? ସୁମିତା ପାଟି ଖୋଲିନି, ଦେଖିଲା ରିନା ଆଈ ସହ ଚା କପ ଧରି ପହଞ୍ଚିଲାଣି । କଥାଟା ଆଉ କୁଆଡେ ମୋଡ ବୁଲାଇବ ବୋଲି ସିଏ ଭାବୁଥିଲା । କିନ୍ତୁ କୁମୁଦିନ ପୁଅଠୁ କଥା ଛଡାଇ କହିଲେ, "ମୋର କଣ ଅସୁବିଧା ହେବ ? ରିନା ପାଇଁ ଭଲ ହେବ । ବଡ ହେଲେ ସିଏ ବଡ ସ୍କୁଲ କଲେଜରେ ପଢିବ । ପାଠ ପଢି ତୋ ପରି ଆମେରିକା ଯିବ । ମୁଁ ମଝିରେ ମଝିରେ ଯାଇ ବୁଲି ଆସୁଥିବି" । ସୁମିତାକୁ ଆଉ ଚିନ୍ତା କରିବାକୁ ପଡିଲାନି । ଦେଖିଲା ସମସ୍ତେ ତା ପାଇଁ ଚିନ୍ତା କରି ସାରିଛନ୍ତି । ତେଣୁ କହିଲା, "ଆପଣମାନେ ସମସ୍ତେ ଯଦି କହୁଛନ୍ତି, ମୁଁ ଆଉ ନାହିଁ କରିବି କେମିତି ? ଆଉ ଦୁଇ ଚାରି ଦିନରେ ମୁଁ ନୀଳମାଧବ ବାବୁଙ୍କୁ ଜଣାଇଦେବି । ତାହେଲେ ଆଉ ହେଳା କାହିଁକି କରିବା ? ଶୁଭସ୍ୟ ଶୀଘ୍ରମ୍ କହି ଜୀବନବାବୁ ସଙ୍ଗେ ସଙ୍ଗେ ଫୋନ କାଢ଼ୁ କାଢ଼ୁ କହିଲେ, ଆଜିକାଲି ସମସ୍ତଙ୍କର ମୋବାଇଲ ଫୋନ୍ ଓଡିଶାରେ । ଫୋନ୍ ଟିଏ ବିନା ଯେମିତି ଜୀବନ ଅଚଳ ହୋଇଯିବ । ଯୋଗ କେତେ ବଦଳିଗଲାଣି । ଆମେରିକା ଯିବା ପୂର୍ବରୁ କାହା

ଘରେ ଫୋନଟିଏ ବି ନଥିଲା । ବର୍ତ୍ତମାନ ଘରେ ଘରେ ଖାଲି ଫୋନ ନୁହେଁ, ସମସ୍ତଙ୍କ ହାତରେ ଫୋନ । ସେଥିରେ ପୁଣି ଆଇ ଫୋନ! ସେପଟୁ ନୀଳମାଧବ ବାବୁଙ୍କ ସ୍ୱର ଶୁଣାଗଲା "ହାଲୋ" । ସେଦିନ ତାଙ୍କ ଘରେ ରାତିଟା ଭଲରେ କଟିଗଲା କହି ସୁମିତାର ବଦଳ ବିଷୟରେ ଆଉ ଦୁଇ ପଦରେ ଜୀବନ ବାବୁ କଥା ଶେଷ କରିଦେଲେ । କ୍ଷୀଣ ହେଲେ ବି ସୁମିତା ତାଙ୍କ ସ୍ୱର ଶୁଣି ପାରୁଥିଲା । ସେ ସ୍ୱରରେ ଏକ ଉଚ୍ଛାଟତା ଥିଲାଭଳି ତାର ମନେହେଲା । ଜୀବନ ବାବୁ ଫୋନକୁ ପକେଟରେ ରଖୁ ରଖୁ କହିଲେ, "ନୀଳମାଧବ ଦାଦା ଇଛା କଲେ ସବୁ କରିଦେଇପାରିବେ । ଦୁଇ ଦିନର କାମ ରହିଁଲେ ଦୁଇ ଘଣ୍ଟାରେ ବି ଶେଷ ହୋଇଯିବ । ସୁମିତା ମନେ ମନେ ଖୁସି ହେଲା । କଜର ଆଗାମୀ ଭବିଷ୍ୟତ କଣ ଆଣିଦେବ ଭାବି ସିଏ ମୂହୁର୍ତ୍ତିଏ ଅନ୍ୟମନସ୍କ ହୋଇଗଲା । ଜୀବନବାବୁ ଏବଂ କୁମୁଦିନ ଏକ ସ୍ୱରରେ କହିଲେ, "ସୁମିତା, ତୋର ଗୋପାଳପୁରରେ ରହିବା ପ୍ରାୟ ଦିନ ଗଣନ୍ତା ଜାଣ । ରିନାର ସ୍କୁଲ ବଦଳାଇବାର ଦିନ ବି ଆସିଗଲା । ହୁଏତ ନୂଆ ସ୍କୁଲରେ ରିନାକୁ ସାଙ୍ଗ ପାଇବାକୁ କଷ୍ଟ ହୋଇପାରେ । ସବୁବେଳେ ପରିବର୍ତ୍ତନରେ କଛି ନା କଛି ଘାତ ପ୍ରତିଘାତ ଆସିଥାଏ । କନ୍ତୁ ଏଥିପାଇଁ ଏବେଠୁ ପ୍ରସ୍ତୁତ ହୋଇଗଲେ ବେଶୀ ବାଧିବନ । ତେଣୁ ଏବେଠୁ ପ୍ରସ୍ତୁତ ହୋଇଯାଅ" । ସୁମିତା ତଳକୁ ମୁହଁ କରି ସବୁ ଶୁଣୁଥାଏ ।

ସମସ୍ତେ ଗ୍ରହା ପିଇବା ଶେଷ କରିସାରିଥିଲେ । କୁମୁଦିନ ସଂଧ୍ୟାଦେବାକୁ ଡେରି ହୋଇଯିବ କହି ବାହାରିଲେ । ସୁମିତା କହିଲା, "ମାଉସୀ ଆପଣ ଆଉ ରାତି ଖାଇବା ନେଇ ବ୍ୟସ୍ତ ହେବେନ । ମୁଁ ଏଇଠି ସମସ୍ତଙ୍କ ପାଇଁ ରୁଟି ତରକାରି କରିଦେବି । ରିନା ହାତରେ ଦୁଇଟା ଆଳୁ ପଠାଇ ଦିଅନ୍ତୁ । ମୁଁ ଘଣ୍ଟାକରେ ସବୁ ରାନ୍ଧି ପଠାଇଦେଉଛି । ଜୀବନ ବାବୁ କହିଲେ, "ହଉ ତମେ ସବୁ ସେକଥା ବୁଝାବୁଝି ହୁଅ । ମୁଁ ବଜାର ଆଡୁ ବୁଲି ଆସେ" । ସମସ୍ତେ ବାହାରିଗଲେ ଏକା ସଙ୍ଗେ । ରିନା ତା ରୁମ୍ କୁ ଗ୍ଲଲିଗଲା । ସୁମିତା କପ ଆଉ ପ୍ଲେଟକୁ ଏକାଠି ଟ୍ରେରେ ଧରି ରୋଷେଇ ଘରକୁ ଗଲା । ଜୀବନ ବାବୁ ରାତିରେ ଡେରିରେ ଖାଆନ୍ତି ନାହିଁ, ତେଣୁ ହେଳା କଲେ ଚଳବନ କହି ସିଏ ଅଟା ଦୁଇକପ କାଢି ଦଳ ଦେଇ ରଖିଦେଲା । ରିନାଠାରୁ ଆଳୁ ନେଇ ବାଇଗଣ ଓ କଖାରୁ ଖଣ୍ଡେ କାଟି ସନ୍ତୁଳା କରିବାକୁ ଠିକ୍ କଲା । ସରୁ ସରୁ ଆଳୁ କାଟି ଦୁଇଟା ଭାଜିଦେଲା । ରିନା ହାତରେ ଖାଇବା ପଠାଇବା ପୂର୍ବରୁ ଦେଖିଲା କୁମୁଦିନ ଆସୁଛନ୍ତି । ହାତରେ ଗୋଟେ ଛୋଟ ତାଟିଆ । "ଜୀବୁ ବଜାରରୁ ରସଗୋଲା ଦିଇଟା ନେଇ ଆସିଛି ଆଉ କହିଲା,

"ଚାଲ ସମସ୍ତେ ଏକାଠି ବସି ଖାଇବା"। ଛୋଟ ଖାଇବା ଟେବଲ୍ ରେ ସମସ୍ତେ ବସିଲେ। ରିନା ପାଣି ଗ୍ଲାସ ଗୁଡିକ ଥୋଇଦେଲା। ଏକା ପରିବାର ଭଳି ସମସ୍ତେ ଖାଇ ବସିଲେ। ରିନା ମାମୁଁ ପାଖରେ ବସି ଆମେରିକା କଥା ପଚାରୁଥାଏ। ପଶୁ ପକ୍ଷୀ, ଘର ଦ୍ୱାର, ପନ ପରିବା - ଯାହା ତା ମନକୁ ଆସିଲା! ସୁମିତାର ବାରଣ ଯେମିତି ତା କାନକୁ ପଡୁ ନଥାଏ। ଖାଇବା ପର୍ବ ତ ସରି ଯାଇଥାଏ। ରାତି ଡେରି ହେଲାଣି କହି କୁମୁଦିନ ବାହାରିଲେ। ଜୀବନ ବାବୁ ବି ବାହାରିଲେ, କହିଲେ, "ରିନା ସହ କିଛି ଦିନ କଟାଇ ଭାରି ଭଲ ଲାଗିଲା। କେମିତି ଗୋଟାଏ ମାୟା ଲଗାଇ ଦେଲାଣି ପିଲାଟା"।

ପରଦିନ ସକାଳୁ ସୁମିତା ଡେରିରେ ଉଠିଲା। ମନଟା ତାର ଖୁସି ଥାଏ। ଅନେକ ଦିନପରେ ସେଭଳି ଅନୁଭବ ନୂଆ ମନେ ହେଉଛି। ଏମିତି ଲାଗିଥିଲା ନୂଆକରି କଲେଜ ହଷ୍ଟେଲରେ ରହିଲାବେଳେ ଆଉ ନୂଆ ହୋଇ ବାହାହୋଇ ଶାଶୁଘରକୁ ଗଲାବେଳେ। ଏ ଅଜଣା ଅହେତୁକ ଖୁସିର କାରଣକୁ ସଂଧାନ କରିବାକୁ ତାର ଇଛା ହେଲାନାହିଁ। ହେଉ ପଛେ କ୍ଷଣିକ - ଖୁସି ତ! ସେଇ ଖୁସିରେ ହଜିଯିବାକୁ ଇଛା ହେଲା ସୁମିତାର। ଜୀବନର ଏକ ନୂତନ ଅଧ୍ୟାୟର ହୁଏତ ଇଏ ଆରମ୍ଭ ମାତ୍ର। ସେ ଅଧ୍ୟାୟର ମୁଖବନ୍ଧରେ କଏ ଅଛି ତାର ଭାବିବାକୁ ଇଛା ହେଲା। କାହିଁକି କେଜାଣି ନୀଳମାଧବ ବାବୁଙ୍କ ରୂପଟା ଝାପସା ଝାପସା ହୋଇ ଭାସି ଆସୁଥାଏ। ଜୀବନ ବାବୁଙ୍କର "ସୁମି ଡାକ" କାନକୁ ବାରମ୍ବାର ଶୁଣାଯାଉଥାଏ। ସୁମିତାର ଅସ୍ତିତ୍ୱ ସେଇ ଦୁଇ ଛାଇ ଭିତରେ ଛୋଟ ଛାଇଟିଏ ହୋଇ କେଉଁଠି ମିଶିଗଲା।



ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ତୁମକୁ ଭୂଲି ପାରୁନ



ନୃସିଂହ ଚରଣ ବେହେରା

ରୂପ ଅପରୂପା ଗୁଣରେ ଅନନ୍ୟା
ନାଁଟି ତାର ଅନୁପମା
ହୃଦୟର ରାଣୀ ମୋ ମନର ମାନସୀ
ସେ ଅଟେ ମୋର ପ୍ରିୟତମା ।

ତା ସାଙ୍ଗରେ ଦିନେ କଥା ନହେଲେ
କଟେ ନାହିଁ ଦିନ ମୋର
ଅପେକ୍ଷାରେ ଥାଏ ଶୁଣିବା ପାଇଁକି
ମୁଁ ତାର କଣ୍ଠସ୍ୱର ।



ଭରି କଷ୍ଟଲାଗେ ଧୀରେ ଧୀରେ ମୋତେ
ରାତି ଯେତେ ଯେତେ ବଢେ
ତୁମେ ବିନା ପ୍ରିୟା ଲାଗେ ନାହିଁ ଭଲ
ଯେବେ ତୁମ କଥା ମନେପଡେ ।

ଛଟପଟ କରେ ଅଝଟ ପବନ
ଝରକାରେ ଆସେ ପଶି
ଆଲୁଅ ଲିଭିଲେ ଅନ୍ଧାର ଭିତରେ
ପ୍ରିୟା ମୁହଁ ଯାଏ ଦିଶି ।

ସପନରେ ତୁମେ ଯେତେ ଆସିଲେ ବି
ରାତି ମୋ ଜମା ସରେନ
ଯେତେ ଚେଷ୍ଟା କଲେ ଭୂଲିବା ପାଇଁକି
ତୁମକୁ ଭୂଲି ପାରୁନ ।।

ଭୋଇନଗର, ଭୁବନେଶ୍ୱର

# ଶାମ୍ବ ଦଶମୀ



ଅନାମ ଚରଣ ସାହୁ

### ପ୍ରଥମ ପାଖୁଡା

ଭକତର ବାଞ୍ଛା ପୂର୍ଣ୍ଣ ପାଇଁ ପ୍ରଭୁ
ଋକ୍ଷରାଜ ସଙ୍ଗେ ଯୁଦ୍ଧ କରି
ସ୍ୟମନ୍ତକ ମଣି କରିଲ ଉଦ୍ଧାର
ଦ୍ୱାରକା ଫେରିଲ ଗିରିଧାରୀ ॥ ୧ ॥
ଜାମ୍ବବାନ କନ୍ୟା ଜାମ୍ବବତୀ ସଙ୍ଗେ
କନକ ବେଦୀରେ ହେଲ ବିଭା
ଆନନ୍ଦ ଉଲ୍ଲାସେ ରାଜ୍ୟ ପ୍ରକମ୍ପିତ
ମହକଲା ସରପର ଶୋଭା ॥ ୨ ॥
ଔରସେ ତୁମ୍ଭର ମାତାଙ୍କ ଜଠରୁ
ଶାମ୍ବ ଜନ୍ମ ହେଲେ ଦ୍ୱାରକାରେ
ତ୍ରିପୁର କମ୍ପିଲା ମହା ଆନନ୍ଦରେ
ବ୍ରାହ୍ମଣ ବିଦାୟ ଦକ୍ଷିଣାରେ ॥ ୩ ॥
ଶଶି ପରି ବଢି ହେଲେ ସେ ଯୁବକ
ବଳେ ବଳୀୟାନ ମହାବୀର
ପିତା ଖୁସି ହୋଇ କାର୍ଯ୍ୟଭାର ଦେଲେ
ଜଗିଲା ସେ ଦୁର୍ଗ ଅନ୍ତଃପୁର ॥ ୪ ॥
ପରିସ୍ଥିତି ହେଉ ଯେତେ ବି ବିଷମ
ନ ଛାଡିବ ଦେବ କମ୍ପା ନରେ
ଆଜ୍ଞା ହେଲେ ମୋର କରି ଉପଗ୍ରର
ଆଣିବ ପାଚ୍ଛୋଟି ଦରବାରେ ॥ ୫ ॥

### ଦ୍ୱିତୀୟ ପାଖୁଡା

ତହୁଁ ଉପଗତ ହେଲା ଏକଦିନ
ପହଞ୍ଚି ଦୁର୍ବାସା ଋଷିବର
ଏକ୍ଷଣି ଶ୍ରୀକୃଷ୍ଣ କରାଅ ସାକ୍ଷାତ
ବଚନ କହିଲେ କ୍ରୋଧାତୁର ॥ ୬ ॥
ରାଜି ନହୁଅନ୍ତେ ଶାମ୍ବ ମହାବୀର
ଅଭିଶାପ ଭୟ ହେଲେ ଋଷି
ଭୟଭୀତ ହୋଇ ଗୋପାଳ ତନୟ
ପିତା ଅନ୍ତଃପୁରେ ଗଲେ ପଶି ॥ ୭ ॥
ସେହି ସମୟରେ ପିତାମାତା ତାଙ୍କ
କାମ ସମ୍ଭୋଗରେ ଥିଲେ ରତ
ପରିସ୍ଥିତି ଚକ୍ର ନ ବୁଝି ତୁରନ୍ତ
ଶାପଦେଲେ ପୁତ୍ରେ ନନ୍ଦସୂତ ॥ ୮ ॥
କୁଷ୍ଠରୋଗ ତୋତେ ଗ୍ରାସକରୁ ବୋଲି
ଗୋବିନ୍ଦ ମୁଖରୁ ଶୁଣିବାଣୀ
ଜନକେ ତାହାର ଉପଗ୍ରର ପାଇଁ
ପଗ୍ରରି ବୁଝିଲେ ଧନମଣି ॥ ୯ ॥
ନିଜ ଦୋଷ ଏବେ ବୁଝିଲେ ନରେଶ
ଦୁର୍ବାସାଙ୍କୁ ସିଏ କଲେ ପୁଛା
କପରି କୁମର ହେବ ଶାପମୁକ୍ତ
ଜଣାଅ ତୁରିତେ କଲ୍ପବାଞ୍ଛା ॥ ୧୦ ॥

## ତୃତୀୟ ପାଖୁଡ଼ା

ତହୁଁ ଋଷିବର କରି ତପଘୋର
ଉପଗ୍ମର ତାର ଦେଲେ କହି
କଳଙ୍ଗ ଗ୍ରଇଜ ସ୍ଥାନ ଅର୍କକ୍ଷେତ୍ର
ସୂରୁଜ ଦେବଙ୍କ ପୂଜା ଯହିଁ ॥୧ ॥
ପବିତ୍ର ସେ ସ୍ଥାନ ଅଟଇ ମହାନ
ଅର୍କ ଶିରୋମଣି ବାସସ୍ଥାନ
ପୂଜିଲେ ପୟର ହୋଇ ଭକ୍ତିଭର
ମନୋବାଞ୍ଛା ନଶ୍ଚେ ହେବ ପୂର୍ଣ୍ଣ ॥୧୨ ॥
ଯେତେ ଦୁର୍‌ରୋଗ୍ୟ ଅଛିଏ ସଂସାରେ
ଭାସ୍କର ଦେବଙ୍କ ତେଜପାଇ
ଯୌବନ ବିଳସେ ବ୍ୟାଧିନାଶ ଯାଏ
ମୁନୀ ଋଷିଗଣ ଗଲେ କହି ॥୧୩ ॥
ସକଳ ଶକତି ଆଧାର ଅଟନ୍ତି
ସଂସାର ଧାରକ ସେହି ପ୍ରଭୁ
ପାତକ ନାଶନ୍ତି ମୁକତି ଦିଅନ୍ତି
ଦେଇ ଭକତଙ୍କୁ ନଜ ବିଭୁ ॥୧୪ ॥



ବିଭୁତିପୁର, କାକଟପୁର, ପୁରୀ

ବେଦାନ୍ତୀର ହ୍ୱାସଟଆପ୍ (**Whatsapp**) ନମ୍ବର ହେଲା-

**9594993733**

ଆପଣମାନେ ଏଥିରେ ଆମକୁ ସମ୍ପର୍କ କରିବା ସହ ନଜ ନଜର ମତାମତ ଆଉ ଲେଖା ମଧ୍ୟ ପଠାଇପାରିବେ ।

# ଭୁଲ କାହାର



ପ୍ରତିଭା ପ୍ରିୟଦର୍ଶିନୀ

ଚା କପ ଟା ସାମ୍ନାରେ ରହି ରହି ସର୍ବତ ହେଲା। ସନ୍ଧ୍ୟା ଗଡି ରାତି ହେଇଗଲାଣି, କିନ୍ତୁ ଲୋରା ଏଯାଏଁ ଭାବନା ରୁ ଫେରି ପାରୁନାହିଁ। ଭିତରେ ଅତୀତ ସହିତ ବର୍ତ୍ତମାନ ର କେସ୍ ଚାଲିଛି। ଫଇସଲା ହେଇପାରୁନି ଭୁଲ୍ କାହାର! ତା ନିଜର, ଏଲି ର, ସାମ୍ ଙ୍କର, ମମତା ଆଣ୍ଟିଙ୍କର ଅବା ତା ବାପାଙ୍କର। ଆଜିର ଏ ପରିସ୍ଥିତି ଦେଖିଲେ ଲାଗୁଛି ତା ନିଜ ଅତୀତ ଯେମିତି ଝାଡି ଝୁଡି ହେଇ ନୂଆ ଚେହେରା ମାନଙ୍କୁ ଧରି ଠିଆ ହେଇଛି, ଠିକ୍ ପୂର୍ବଭଳି। ସେତେବେଳେ ବାପାଙ୍କ ମାର୍ଗଦର୍ଶନ ରେ ସେ ଯାହା କରିଥିଲା, ସାମ୍ ସେଥିରେ ସହଯୋଗ କରିଥିଲେ। ଆଉ ଏଲି ଆଜି ସେମିତି କିଛି କରିବାକୁ ଚାହେଁ। ବର୍ତ୍ତମାନ କିନ୍ତୁ ସେ କିମ୍ବା ସାମ୍ ତାକୁ ସହଯୋଗ କରିପାରୁନାହାନ୍ତି। ସୋହମ୍ ବି ସହମତ ନୁହନ୍ତି ଏଲି ସହିତ। ତେବେ କ'ଣ ଉଚିତ ହେବ ଏଲିର ସୁଖମୟ ଭବିଷ୍ୟତ ଲାଗି? ଏମିତି ଗୁଡାଏ ଚିନ୍ତାରେ ଘାଣ୍ଟି ହେଉଥାଏ ଲୋରା।

ଏଲିର ଭବିଷ୍ୟତ ଦେଖିବାକୁ ଚେଷ୍ଟା କଲାବେଳେ ତାକୁ ନିଜ ଅତୀତ ଦିଶୁଥିଲା। ବାପା ମା ଙ୍କର ଏକମାତ୍ର କନ୍ୟା ଲୋରା। ଲୋରା ଦାସ, ରୂପ ଗୁଣରେ ବାରିହୁଏ ଆଭିଜାତ୍ୟ ର ସ୍ପଷ୍ଟ ଛାପ। ଦେଖିବା ଲୋକକୁ ମୁଗ୍ଧ କଲାଭଳି ଚେହେରା। ବିଶ୍ୱବିଦ୍ୟାଳୟ ରେ ପଢିବା ସମୟରେ ପରିଚୟ ଓ ପରିଚୟ ରୁ ବନ୍ଧୁତା, ପରେ ପ୍ରେମ ସମ୍ପର୍କ ହୋଇଥିଲା ସାମ୍ ଙ୍କ ସହିତ। ସାମ୍, ସୌମ୍ୟକାନ୍ତ ମହାପାତ୍ର। ପ୍ରକୃତରେ ସେ କେବଳ ସୌମ୍ୟ କାନ୍ତ ହିଁ ନଥିଲେ, କଥାବାର୍ତ୍ତା ଆଚାର ବ୍ୟବହାର ସବୁଥିରେ ଥିଲେ ସୌମ୍ୟ। ବିଚକ୍ଷଣ ବୁଦ୍ଧି। ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣପଦକ ସହିତ ଯେତେ ଫେଲୋସିପ୍ ଏବଂ ପୁରସ୍କାର ଥିଲା ସବୁ ତାଙ୍କରି ପାଇଁ ଉଦ୍ଦିଷ୍ଟ ଥିଲା ଯେମିତି। ଗବେଷଣା ପାଇଁ ୟୁରୋପ ଗଲାବେଳକୁ ଲୋରା ସହ ସମ୍ପର୍କ ଘନିଷ୍ଠ ହୋଇସାରିଥିଲା। ଲୋରା ର ବାପା ସାମୁଏଲ୍ ଦାସ ଅବସରପ୍ରାପ୍ତ ଇତିହାସ ପ୍ରାଧ୍ୟାପକ। ସୌମ୍ୟ ତାଙ୍କୁ ଖୁବ୍ ପସନ୍ଦ ହୋଇଥିଲେ। ଯେବେ ବିବାହ ପ୍ରସ୍ତାବ ନେଇ ସାମୁଏଲ୍ ବାବୁ ସୌମ୍ୟଙ୍କ ପରିବାର ନିକଟକୁ ଗଲେ, ସମସ୍ୟା ସେଇଦିନରୁ ଆରମ୍ଭ ହେଲା।

ସୌମ୍ୟଙ୍କ ବାପା ଦେବଦତ୍ତ ମହାପାତ୍ର। ନୈଷ୍ଠିକ କୁଳୀନ ବ୍ରାହ୍ମଣ। ଜଏଣ୍ଟ ସେକ୍ରେଟାରୀ ଭାବେ ସରକାରୀ ପଦରୁ ଅବସର ନେଇଥିଲେ ମଧ୍ୟ ତାଙ୍କ ପରିଚତି ଥିଲା ଜଣେ ପ୍ରବଚକ ଓ ଦେବୀସାଧକ ଭାବରେ। ପ୍ରାଣପ୍ରତିଷ୍ଠିତ ଅଷ୍ଟଭୂଜା ଦୁର୍ଗା ଘରେ ତାଙ୍କର ପୂଜା ପାଆନ୍ତି। ସମ୍ପୂର୍ଣ୍ଣ ଘର ଯେମିତି ମାତୃକରୁଣା ରେ ପୂତ। ମମତା ଦେବୀ (ସୌମ୍ୟଙ୍କ ମା) ମଧ୍ୟ ଖୁବ୍ ନିଷ୍ଠା ଓ ଶ୍ରଦ୍ଧାରେ ପରିବାର ପାଳନ ଏବଂ ଦେବୀପୂଜନ କାର୍ଯ୍ୟ କରନ୍ତି। ମା ଙ୍କୁ ସମର୍ପଣ ନକରି ସାରା ପରିବାର କୌଣସି ଖାଦ୍ୟ ଖାଆନ୍ତିନି। ସାମୁଏଲ୍ ବାବୁ ବିବାହ ପ୍ରସ୍ତାବ ରଖନ୍ତେ, ଦେବଦତ୍ତ ବାବୁ ଙ୍କ ଏକକ ସର୍ତ୍ତ ଥିଲା, ବୋହୁ ହେବାପରେ ଲେସ୍ରା ତାଙ୍କ ପରିବାର ର ଆସ୍ଥା କୁ ସମ୍ମାନ ଦେବ।  ମମତା ଦେବୀଙ୍କ ମାତୃ ହୃଦୟ ସର୍ତ୍ତକୁ କୋହଳ କରିଦେଇଥିଲେ ଯେ, କେବଳ ଏଇଠି ରହିବା ସମୟତକ ଶ୍ୱଶୁରଙ୍କ ଇଛାକୁ ସମ୍ମାନ ଜଣାଇ ପାରିଲେ ସବୁ ସହଜ ହେଇଯିବ। ବାହାରେ ସେ ନିଜ ପସନ୍ଦର ଜୀବନଶୈଳୀ ସ୍ୱଚ୍ଛନ୍ଦରେ ବଞ୍ଚିବ। ସେଦିନ ସାମୁଏଲ୍ ବାବୁ ତାଚ୍ଛଲ୍ୟ କରି କହିଥିଲେ, "ମୋ ସ୍ତ୍ରୀ ସବୁଦିନ ଦୁଇଓଳା ଘଣ୍ଟି ବଜାଇ, ଶଙ୍ଖ ବଜେଇ ଘର ର ଶାନ୍ତି ଭାଙ୍ଗୁଥିଲେ। ବିଭିନ୍ନ ବ୍ରତ ଉପବାସ କରି ଅସ୍ୱାଦି ଖାଦ୍ୟ ଖୁଆଉଥିଲେ। କ'ଣ ନା ଈଶ୍ୱର ଆଶିର୍ବାଦ ମିଳବ। ମତେ ଏସବୁ ଅତିଷ୍ଠ ଲାଗିଲା ବୋଲି ମୁଁ ଧର୍ମ ପରିବର୍ତ୍ତନ କରିଦେଲି। ସେ ରାଜି ହେଲେନି। ଧର୍ମକୁ ଜାବୁଡି ଧରି କ'ଣ ପାଇଲେ? ମାତ୍ର ୪୭ ବର୍ଷରେ ଧର୍ମକୁ ଝୁରି ହୋଇ ତାଙ୍କ ଭଗବାନଙ୍କ ପାଖକୁ ଚାଲିଗଲେ। ଆପଣଙ୍କ ଏସବୁ ସର୍ତ୍ତ ମୋ ଝିଅ ମାନିପାରିବ ନାହିଁ। ସେ ତା ସ୍ୱଚ୍ଛାରେ ବଞ୍ଚିଚ ଓ ଆଗକୁ ବଞ୍ଚିବ। ଏଠି ହେଉ ଅବା ବାହାରେ। ସାମ୍, ଆଇ ମିନ୍ ସୌମ୍ୟ ଭଳି ଜଣେ ଉଚ୍ଚଶିକ୍ଷିତ ଓ ବିଦେଶ ଫେରନ୍ତା ପିଲା ଖୋଲା ବିଚାରର ସମ୍ପର୍ଣ୍ଣ। ସେ ମଧ୍ୟ ଆପଣଙ୍କ ଏଭଳି ନାଜିବାଦି ଚନ୍ତାଧାରାକୁ ନାପସନ୍ଦ କରି ଲେସ୍ରା ସପକ୍ଷରେ ଠିଆହେବ ନିଶ୍ଚୟ। ପିଲାଙ୍କ ଖୁସିରେ ଏଭଳି ଅସଙ୍ଗତ ସର୍ତ୍ତ ରଖନ୍ତୁନି ମିଷ୍ଟର ମହାପାତ୍ର।" ଅସମ୍ଭବ ବିରକ୍ତ ହୋଇଯାଇଥିଲେ ଦେବଦତ୍ତ ବାବୁ। ସେହିକ୍ଷଣି ତାଙ୍କ ଘରୁ ଚାଲିଯିବାକୁ କହିଥିଲେ ସାମୁଏଲ୍ ବାବୁଙ୍କୁ।

ୟୁରୋପ ରେ ବେଶ ଭଲ ଚାକରି ମିଳଥାଏ ସୌମ୍ୟଙ୍କୁ। ନିଜର ଏତେବଡ ଖୁସିକୁ ପ୍ରେୟସୀ ଲେସ୍ରା ସହିତ ବାଣ୍ଟିବାକୁ ଉଚାଟ ହେଉଥିଲା ମନ। ତେଣୁ ସ୍ୱଦେଶ ଫେରି ପ୍ରଥମେ ଛୁଟିଗଲେ ଲେସ୍ରା ପାଖକୁ। ସାମୁଏଲ୍ ବାବୁ ପ୍ରସ୍ତାବ ନେଇ ତାଙ୍କ ଘରକୁ ଯିବା ଓ ସେଠିକାର ସମସ୍ତ ଘଟଣା ସହିତ ସାମୁଏଲ୍ ବାବୁଙ୍କୁ ଅପମାନିତ କରି ବିତାଡିତ କରାଯାଇଛି ବୋଲି ବେଶ୍ ନାଟକୀୟ ଢଙ୍ଗରେ ଲେସ୍ରା ଶୁଣେଇଦେଲା। ବାପାଙ୍କ ଏଭଳି ବ୍ୟବହାର କଥା ଜାଣି ସେ ଖୁବ୍

ମର୍ମାହତ ହୋଇଥିଲେ। ବାପା ସର୍ତ୍ତ ରଖିଛନ୍ତି ବୋଲି ବ୍ୟସ୍ତ ହେଉଥିଲାବେଳେ ଲୋର୍ ମଧ୍ୟ ସର୍ତ୍ତ ବାଢ଼ିଦେଲା ସୋହାଗ ର ପୁଟ ଦେଇ। ସେ ମଧ୍ୟ ପରିବାର ଓ ନିଜ ଭିତରୁ ଗୋଟିକୁ ବାଛିନେବାପାଇଁ କହିଦେଲା ସୌମ୍ୟଙ୍କୁ। ସୌମ୍ୟ ଘରେ ପହଞ୍ଚି ବୋଉ ଠାରୁ ସମସ୍ତ ଘଟଣା ଜାଣିଲା ପରେ ମଧ୍ୟ ପ୍ରେମବିହ୍ୱଳ ମନ ପ୍ରେମିକା ର ପୁଟଦିଆ ଅଭିବ୍ୟକ୍ତି କୁ ପୂର୍ଣ୍ଣସତ୍ୟ ଓ ବୋଉ ପକ୍ଷ କୁ ପାଣିଚଆ ସତ ଭାବରେ ଦେଖୁଥିଲା। ଯେତେବେଳେ ବାପାଙ୍କୁ ବୁଝେଇବା ପାଇଁ ଗଲେ, ସ୍ୱାଭିମାନୀ ଦେବଦତ୍ତ ବାବୁ କିନ୍ତୁ ସାମୁଏଲ୍ ଙ୍କ ତାଚ୍ଛଲ୍ୟ କୁ ଭୁଲିପାରିଲେ ନାହିଁ। ସେ ମଧ୍ୟ ସୌମ୍ୟଙ୍କୁ ସେଇ ସର୍ତ୍ତ ପୁଣି ଶୁଣାଇଲେ। ଉତକ୍ଷିପ୍ତ ସୌମ୍ୟ ସେଦିନ ବାପାଙ୍କ ସାମ୍ନାରେ ପଇତା ଛିଣ୍ଡେଇ ଫିଙ୍ଗି ଦେଇଥିଲେ, ସୁତା କେତେ ସୋରି ଲୋର୍ ଠାରୁ ତାଙ୍କୁ ଭିନ୍ନ କରିବାକୁ ଅସମର୍ଥ କହି। ତା ପରଠୁ ଦୀର୍ଘ ୨୮ ବର୍ଷ ହେଲାଣି, ସେ ନିଜ ଘରକୁ ଯାଇନାହାନ୍ତି।

ଖୁବ୍ ନିରାଡମ୍ବର ରେ ଲୋର୍‌କୁ କୋର୍ଟରେ ବାହାହେଲେ ଓ ଦୁହେଁ ୟୁରୋପ ଚାଲିଗଲେ। ବାହାଘର ପରେ ବୋଉ ସହ କଥାହେଲାବେଳେ ସେ ଅଜସ୍ର ଆଶିର୍ବାଦ ରେ ପୋତି ପକେଇଥିଲେ ପୁଅ ବୋହୁଙ୍କୁ। ସମସ୍ତ ଟଣାଓଟରା ଏବଂ ଜିଦ୍ ର ଯୁଦ୍ଧ ଭିତରେ ମମତାଙ୍କ ମମତା ହିଁ ପେଷି ହେଉଥିଲା। ସେଦିନ ପ୍ରଥମଥର ପାଇଁ ଲୋର୍ ତାଙ୍କ ସହିତ କଥାହେଲା। ଶାଶୁ ଖୁବ୍ ଆଗ୍ରହ ରେ କହିଥିଲେ,"ମା ରେ, ତୁ ମୋ ଝିଅ ଭଳି। ଏ ଘର ସଂସାର ସବୁ ତୋ'ର। ମୁଁ କେତେଦିନ ବା ରହିବି ଆଉ। ଶ୍ୱଶୁରଙ୍କ ମାନ ରଖିବାକୁ ହଁ ଭରିଦେ ତାଙ୍କ କଥାରେ। ତୋତେ କ ସତରେ ପୂଜାପାଠ କରିବାକୁ କହିବି ମୁଁ! କେତେଟା ଦିନ ନିରାମିଷ ଖାଦ୍ୟ ଖାଇ ଆମପାଖେ ଚଳିଗଲେ ସବୁ ସମସ୍ୟା ସମାଧାନ ହେଇଯିବ। ତୋତେ କ'ଣ ଏଠି ଅଟକେଇବି! ତୁ ତ ମୋ ସୋମୁ ସାଙ୍ଗରେ ରହି ତା ଯତ୍ନ ନେବୁ, ତା ସୁଖ ଦୁଃଖର ସାଥିହେବୁ। କହ ମା, ମୋ'ର ଏତିକି କଥା ରଖିପାରିବୁ?"

ଲୋର୍ ସିଧା ସିଧା ଶୁଣେଇ ଦେଇଥିଲା ସେଦିନ,"ଦେଖନ୍ତୁ ଆଣ୍ଟି, ଆପଣଙ୍କ ପୁଅକୁ ମୁଁ ଅପହରଣ କରି ଅବା ବାଧକରି ବାହା ହୋଇନାହିଁ। ପରିବାର ଓ ମୋ ଭିତରେ ସେ ମୋତେ ବାଛିଛନ୍ତି, ତେଣୁ ଆପଣ ମୋତେ ମିଛକହି କାହା ମନ ରଖିବାକୁ କୁହନ୍ତୁନି। ମୁଁ ଏସବୁ ଦେଖାଣିଆ କାମ କରିପାରିବି ନାହିଁ।" ତିନିବର୍ଷ ପରେ ଲୋର୍ ଓ ସୌମ୍ୟ ଭାରତ ଫେରି ଆସିଥିଲେ। ଦୁଇ ଜାଆଁଳା ଝିଅ ଏଲି ଓ ଶେଲି ଙ୍କ ଜନ୍ମ ହୋଇଥିଲା। ଛୁଆ ଦୁହିଙ୍କ ଆସିବା ରେ ଖୁସିରେ ଆତ୍ମହରା ମମତା ଦେବୀ ଫୋନ୍ କରି ନାତୁଣୀ ମାନଙ୍କୁ ସ୍ନେହାଶିର୍ବାଦ କରି ବଡ

ଉତ୍ସାହରେ କହିଥିଲେ,"ସୋମୁରେ ତୋ ଘରକୁ ମା ଦୁର୍ଗା ଆସିଛନ୍ତି। ଝିଅ ଦୁଇଟି ତୋ'ର ଶାମ୍ଭବୀ ଆଉ ଭୈରବୀ।'' ଏକଥା ଶୁଣି ଲୋଭ୍ ଖୁବ୍ ହସିଥିଲା ସେଦିନ। ନିର୍ଦ୍ଧୁମ ହସି ହସି ସୌମ୍ୟଙ୍କୁ କହିଥିଲା,"ଶୁଣୁଛ ସାମ୍, ମମତା ଆଣ୍ଟିଙ୍କ କଥା! ଏଇ ରୂଢ଼ିବାଦୀ ପରମ୍ପରା ଭଲ ଲାଗିଲାନି ବୋଲି ବାପା ଧର୍ମ ପରିବର୍ତ୍ତନ ସହ ନାମ ପରିବର୍ତ୍ତନ ବି କରିଥିଲେ। ସୋମନାଥ ରୁ ସାମୁଏଲ୍ ଆଉ ମୀରା ରୁ ଲୋଭ୍ ହୋଇଗଲା ଆମ ଦୁହିଁଙ୍କ ପରିଚୟ। ସୌମ୍ୟ ଭଳି ଆଉଟଡେଟେଡ୍ ଏବଂ ଚରିତ୍ରିତ ନା ଅପେକ୍ଷା ସାମ୍ ବେଶୀ ଟ୍ରେଣ୍ଡି ଓ ୟୁନିଭର୍ସାଲ ଲାଗୁଛି, ନୁହେଁକି? ମୋ ପିଲାଙ୍କର ଏମିତି ଧାର୍ମିକ ନାମ ରଖି ମୁଁ ତାଙ୍କୁ ସଙ୍କୁଚିତ ପରିଚୟ ରେ ବାନ୍ଧିପାରିବିନି। ନା କ'ଣ କହୁଛ?'' ଅନ୍ୟ ସବୁକଥା କଥା ଭଳି ସୌମ୍ୟ ଏଥିରେ ବି ନୀରବ ସମର୍ଥନ ଜଣାଇଲେ। କାହିଁକି ସହମତ ହେଲେ ସୌମ୍ୟ? କେବେତ ତାକୁ ଆକଟି ଥାନ୍ତେ! ନିଜ ସ୍ୱାମୀତ୍ୱ ଜାହିର କରିଥାନ୍ତେ। ଶ୍ୱଶୁରଙ୍କ ସର୍ବମୟ କର୍ତ୍ତୃତ୍ୱ କୁ ସାଦର ସମ୍ମାନ ଜଣାଇ ମାନିନେବା ବେଳେ ନିଜ ଅଭିମତ ବି ରଖିପାରିଥାନ୍ତେ। ନିଜର ଓ ପିଲା ଦୁହିଁଙ୍କ ଜୀବନର ନିୟନ୍ତ୍ରଣ ସମ୍ପୂର୍ଣ୍ଣ ଲୋଭ୍ ହାତକୁ ଟେକିଦେଇ ସେ ନିଶ୍ଚିନ୍ତ ହୋଇଗଲେ।

ଏବେ ଏଲି ମଧ୍ୟ ଠିକ୍ ସେଭଳି ପରିସ୍ଥିତି ରେ। ସେ ପସନ୍ଦ କରିଥିବା ପିଲାଟି ପଞ୍ଜାବୀ। ତାଙ୍କ ପରିବାର ଚାହାନ୍ତି ବିବାହ ପ୍ରଥମେ ଗୁରୁଦ୍ୱାରରେ ହେବ ଏବଂ ପରେ ହିନ୍ଦୁ ସଂସ୍କାର ରେ। ଏଲି କିନ୍ତୁ ଏଥିରେ ସମ୍ପୂର୍ଣ୍ଣ ଅରାଜି। ବିବାହ ପରେ ନାଁ ବଦଳେଇବା କୁ ସେ ଟେକଠୋକ ନାସ୍ତିବାକ୍ୟ ଶୁଣେଇଦେଲା। ସୋହମ୍ ର ପରିବାର କିଛି କହିବା ଆଗରୁ ସେ ନିଜେ ସ୍ପଷ୍ଟ କରିଦେଇଛି ଯେ ଏଲି ତା ସହିତ ତା ପରିବାର କୁ ଆପଣେଇବାକୁ ରାଜି ନହେଲେ ବିବାହ ହେବନାହିଁ। ଏଲିକୁ ନପାଇ ସେ ଚିର ଅବିବାହିତ ରହିବ ପଛେ, ନିଜ ମାତାପିତାଙ୍କୁ ଦୁଃଖ ଦେଇ ଖୁସି ହେବାକୁ ଚାହିଁବନି। ଏଲି ମଧ୍ୟ ନିଜ ଜିଦ୍ ରେ ଅଟଳ। ସେ କୌଣସି ଅନୁଚିତ ପଦକ୍ଷେପ ନ ନେଉ, ସେଇ ଚିନ୍ତାରେ ଲୋଭ୍ ଓ ସୌମ୍ୟ ବ୍ୟସ୍ତ।

ଆଜି ସକାଳୁ ଏଲି ଯେବେ ଲୋଭ୍‌କୁ କହିଲା,"ମାମା, ତୁମ କେସ୍ ରେ ବି ପରିସ୍ଥିତି ଏହିଭଳି ହିଁ ଥିଲା। ପାପା ତାଙ୍କ ଫ୍ୟାମିଲି ଠୁ ଦୂରେଇରହିଲେ ପଛେ, ତୁମକୁ ଛାଡିଲେନି। ଫ୍ୟାମିଲି କୁ ନେଇ କେବେ ରିଆକ୍ଟ ବି କରନ୍ତିନି। ହେଲେ ସୋହମ୍ ଏତେ ସେଣ୍ଟି ହେଉଯାଉଛନ୍ତି ଯେ, ସମ୍ପର୍କ ଧ୍ୱସ୍ତ କରିବା କୁ ମଧ୍ୟ ଭୟ ନାହିଁ ତାଙ୍କର। ଲାଇଫ୍ ମୋ ସହିତ ବିତେଇବେ, ତେଣୁ ମୋ ମତାମତ କୁ ଅଗ୍ରାଧିକାର ଦେବା ଉଚିତ ନୁହେଁ କି ତାଙ୍କର!'' ସେତେବେଳୁ ଲୋଭ୍ ଭାବୁଛି, ସେ ଯଦି ସର୍ତ୍ତ ରଖି ନଥାନ୍ତା, ଶ୍ୱଶୁରଙ୍କ ମାନ ରଖିବାକୁ କେତେଟାଦିନ ତାଙ୍କ

ହିସାବରେ ଚଳ ଯାଇଥାନ୍ତା, ଶାଶୁଙ୍କୁ କଠୋର ପ୍ରତ୍ୟୁତ୍ତର ନଦେଇ ସହଜ ବ୍ୟବହାର କରିଥାନ୍ତା, ବାପାଙ୍କୁ ନିଜ ବିବାହିତ ଜୀବନରେ ପ୍ରଚ୍ଛନ୍ନ ହସ୍ତକ୍ଷେପ କରିବାକୁ ନଦେଇଥିଲେ ସେମିତିକିଛି ଅସୁବିଧା ହେଇନଥାନ୍ତା। ପରିବାରକୁ ଖୁବ୍ ବେଶୀ ଝୁରିହୁଅନ୍ତି ସାମ୍। ଦେଖି ନଦେଖିବାର ଅଭିନୟ କରେ ଲୋର୍। ସେ ତାଙ୍କୁ ବାଧକରି ପରିବାର ପାଖକୁ ନେଇପାରିଥାନ୍ତା। ମମତା ଆଣ୍ଟିଙ୍କୁ ବୋଉ ବୋଲି ଡାକଦେଇଥିଲେ ସେ ମଧ୍ୟ ଶାନ୍ତିରେ ମରିପାରିଥାନ୍ତେ। ଆଉ ସାମ୍, ଲୋର୍ କୁ ଦେଇଥିବା ପ୍ରତିଶ୍ରୁତି ପାଇଁ ପରିବାର ଠାରୁ ଦୂରେଇ ଗଲେ, କେବେ ବି କର୍ତ୍ତୃତ୍ୱ ଜାହିର ନକରି ତା ମତକୁ ସମ୍ମାନ ଦେଇଆସିଛନ୍ତି, କିନ୍ତୁ ଦୁଇ ପକ୍ଷ ର ବୈଗ୍ଯରିକ ଅସହମତି ହେଉ ବା ଜିଦ୍, ସେ ନିଜ ସ୍ନେହମୟୀ ଜନନୀ ଙ୍କ ମୃତ୍ୟୁପରେ ଶେଷ ଦର୍ଶନ ବି କରିପାରିଲେ ନାହିଁ।

ନା, ସବୁ ଭୁଲ୍ ମୋ'ର, କେବଳ ମୋ'ର!! ପାଟିକରି କହୁ କହୁ ପ୍ରକୃତିସ୍ଥ ହେଲା ଲୋର୍। ଘର ଭିତରୁ ଏଲି, ସୋହମଙ୍କ ସହିତ ଯୁକ୍ତିତର୍କ କରୁଥିବା ଶବ୍ଦ ଶୁଣାଗଲା। ପାଖକୁ ଯାଇ ଲୋର୍ ଫୋନ୍ ନିଜ ହାତକୁ ନେଲା ଏବଂ ସୋହମ କୁ ଆଶ୍ୱସ୍ତ କରି କହିଲା,"ବାବା, ଏଲି ତରଫରୁ ମୁଁ କ୍ଷମା ଚାହୁଁଛି ଏବଂ କଥାଦେଉଛି, ଏଲି ତୁମ ପରିବାର କୁ ଆପଣେଇବ, ନିଶ୍ଚୟ ଆପଣେଇବ। ତା'କୁ ପ୍ରସ୍ତୁତ କରିବା ଦାୟିତ୍ୱ ମୋ'ର। ଘରେ ଜଣାଇଦିଅ। ଆସନ୍ତା ସପ୍ତାହରେ ସାମ୍ ଓ ମୁଁ ଯାଇ ସବୁକଥା ପକ୍କା କରିଆସିବୁ।" ଏଲି ସ୍ତବ୍ଧ ହୋଇ ଶୁଣୁଥାଏ। ସଦ୍ୟ ଘରେ ପହଞ୍ଚିଥିବା ସାମ୍, ନା ନା ସୌମ୍ୟ, ଲୋର୍ କଥା ଶୁଣିଲେ, ପ୍ରଶାନ୍ତିର ସ୍ମିତ ହସ ଧାରେ ତାଙ୍କ ମୁହଁକୁ ଉଜ୍ଜ୍ୱଳ କରୁଥିଲା।

http://www.cnslounge.com/writer/pratibha-priyadarshini/
ଶକ୍ତି ନଗର, ଲିଙ୍କ୍ ରୋଡ୍, କଟକ

ଚଳନ୍ତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ।

# ଅଜବ ସହର



ସୁବ୍ରତ କୁମାର ମୁଦୁଲି

ଝିପଝିପ ବର୍ଷା ପଚପଚ ରାସ୍ତା । ସେପଟେ ସପିଙ୍ଗ ମଲ ଆଉ ନୋ ପାର୍କିଂ ଏରିଆ । ଭାରି ଭଲ ଲାଗେ ରାସ୍ତା ଏ ପାଖରୁ ଦେଖିବାକୁ ଅଜବ ସହରର ଗଜବ ରୂପକୁ । ପରିବା ମାର୍କେଟର ପ୍ରବେଶ ଦ୍ୱାରରେ ହରିଭାଇ ଚା ଦୋକାନ, ଭଣଭଣ ମାଛି ସହିତ ମୁଁ ଆଉ ହରିଭାଇ ହାତରେ ମୋର ଥିଲା କପେ ଗରମ ଚା । ଆଗରେ ବାଡିରେ ବଢେଇ ଥିବା କୋଶଳା ଶାଗରୁ ପାଞ୍ଚବିଡା ଧରି ବିଳାସୀ ନାନୀ ସକାଳ ପ୍ରହରୁ ବର୍ଷାରେ ତିନ୍ତୁଥିଲା ହେଲେ ଗରାଖଙ୍କର ଦେଖା ଦର୍ଶନ ନଥିଲା । ମୁଁ ଜାଣେ ବିଳାସୀ ନାନୀର ଦୁଃଖ । ଅଧାବାଟରେ ସ୍ୱାମୀ ତା' ହାତ ଛାଡି ଆଉ ଗୋଟେ ବାହାହେଇ କୁଆଡେ ଗଲା ଯେ ତା'ର ପନ୍ଦର ବର୍ଷ ହେଲା କିଛି ପତ୍ତା ନାହିଁ । ପୁଅ ବାହା ହେଲାରୁ ମା'କୁ ଅଲଗା କରିଦେଲା ବିଚାରୀ ..... ।

ମୋ'ର ଚା ପ୍ରାୟତଃ ଶେଷ ଢୋକ ବାକିଥିଲା । ବିଳାସୀ ନାନୀ ମୁହଁରେ ଟିକେ ହସ ଦେଖି ମୋ'ର ନଜର ପୁଣି ଫେରିଲା ତା'ରି ଆଡେ । ବାବୁ ଜଣେ ଶାଗ କିଣିବାକୁ ତା'ସହ ମୂଲଚାଲ କରୁଥିଲେ । ରାସ୍ତାକଡରେ ଠିଆ ହୋଇଥିବା ତାଙ୍କ କାରରେ ଭରା ହୋଇଥିଲା ସପିଙ୍ଗ ମଲରୁ କିଣା ହୋଇଥିବା ଅନେକ ସାମଗ୍ରୀ । କାର ଭିତରେ ବାବୁଙ୍କ ପୁଅ ମୋବାଇଲରେ ଗେମ ଖେଳୁଥିଲା ଆଉ ବାବୁଙ୍କ ସ୍ତ୍ରୀ ଭାରି ବ୍ୟସ୍ତରେ ଚାହିଁ ରହିଥିଲେ ବାବୁଙ୍କର ଫେରିବା ବାଟକୁ । ବିଳାସୀ ନାନୀ ଶାଗବିଡାକର ମୂଲ୍ୟ ଦଶଟଙ୍କା ରଖିଥିଲା ହେଲେ ବାବୁଜଣକ ରାଜି ହେଉ ନଥିଲେ । ଶେଷରେ କଥା ଛିଡିଲା ତିରିଶ ଟଙ୍କା ଦେଇ ବାବୁ ସବୁତକ ଶାଗ କିଣିଲେ । ମୁଁ ବାବୁଙ୍କୁ କିଛି କହିବାକୁ ଚାହୁଁଥିଲି । ହେଲେ କହିବା ପୂର୍ବରୁ ବାବୁ ଜାଗା ଛାଡି ସାରିଥିଲେ । କାର ଥିବା ଜାଗାରେ ତଳେ ପଡିଥିଲା ଗୋଟେ ଅଧାଖିଆ ପିଜା । ମନେ ମନେ ଦୁଃଖକଲି । ବର୍ଷା ବଢିବା ଆରମ୍ଭ କରି ଦେଇଥିଲା, ବିଳାସୀ ନାନୀ ବି ଯାଇ ସାରିଥିଲା । ମୁଁ ପ୍ରସ୍ତୁତ ହେଉଥିଲି ଘରକୁ ଫେରିବା ପାଇଁ । କେଜାଣି କାହିଁକି ମୋ'ର ନଜରକୁ ବାରମ୍ବାର ଆସୁଥିଲା ରାସ୍ତା ଆରପାଖ ସପିଙ୍ଗ ମଲ ଆଗରେ ଲାଗିଥିବା ସେଇ ହୋର୍ଡିଙ୍ଗ । ବର୍ଷାରେ ଅସ୍ପଷ୍ଟ ଦେଖା ଗଲେ ବି ମୁଁ ଠିକ ଦେଖି ପାରୁଥିଲି ସେଥିରେ ଲେଖାଥିଲା *''ମନସୁନ ସ୍ପେଶାଲ ଭେଜ ପିଜା ଷ୍ଟାର୍ଟ୍ସ ଆଟ ଦ ରେଟ ନାଇଣ୍ଟି ନାଇନ ରୁପିସ ଓନଲି ''* ।

ଦେଉଳ,ଏରସମା,ଜଗତସିଂହପୁର

# ସଦଜ୍ଞାନ

ବରଦା ଦାସ

ଧର୍ମ ଆମର ହିନ୍ଦୁ, ଆମେ ସନାତନ

ଆମ ସଂସ୍କୃତିଆମ ଐତିହ୍ୟ ଅତି ମହାନ ॥

ରଚଥିଲେ ସ୍ୱୟଂ ପରଂବ୍ରହ୍ମ ବେଦଶାସ୍ତ୍ର ମହାନ

ଭୁଲିଗଲୁ ଆମ୍ଭେ ନିଜ ଧର୍ମ, ଦିନକୁଦିନ ॥



ଧର୍ମଶାସ୍ତ୍ର ବାଇବେଲ, କୋରାନ ଆଦି

ଯେତେ ଅନୁଗାମୀ ସ୍ୱପୀଠେ କରନ୍ତି ଅଧ୍ୟୟନ ॥

ଆମେ କିନ୍ତୁ ବୁଝୁନାହୁଁ ହୋଇ ହିନ୍ଦୁଜନ

ମୋକ୍ଷ ନିର୍ବାଣ, ପାପ-ପୂଣ୍ୟର ତତ୍ତ୍ୱ ଗହନ ॥

ଯେବେ ଶିଖିବା ସଦାଗୁରୁ ସଙ୍ଗେ ବେଦଜ୍ଞାନ

ତେବେହିଁ ପାଇବା ସଦଜ୍ଞାନ ସନ୍ଧାନ ॥

ଅମୂଲ୍ୟ ମଣିଷ ଜୀବନ ଧନ୍ୟ ହେବ ଆମ

ସଦଜ୍ଞାନ ବଳେ ଅପସରିଯିବ ଯାବତିୟ ଅଜ୍ଞାନ ॥

କେଶବପୁର (ମହାନ୍ତିଲେନ), କଟକ-୧

# ପରଦାର ଅନ୍ତରାଳେ



ଶାନ୍ତିଲତା ମିଶ୍ର

ମିଛ ଯେ ଏତେ ଶକ୍ତିଶାଳୀ ସେ ଏଇ ପ୍ରଥମ ଥରେ ବୁଝିଲେ । ତାର ମାନେ ନୁହେଁ ଯେ ସେ ପୂର୍ବରୁ କେବେ ଏ ବିଷୟରେ ଜାଣି ନଥିଲେ ବା ମିଛ କୁ ବ୍ୟବହାର କରି ନଥିଲେ ବା ତାର ପ୍ରଭାବ ବିଷୟରେ କିଛି ଜାଣି ନଥିଲେ । ନିତ୍ୟ ପ୍ରତ୍ୟ ଜୀବନରେ ମିଛର ଆବଶ୍ୟକତା ଯେ କେତେ ଥର ପଡେ ଦିନକୁ, ତାର ହିସାବ ସେ କେବେ ରଖି ନଥିଲେ ।

ଏଇ ଯେମିତି ବୋଉର ଭାତ, ପାଣିଆ ଡାଲି ସଙ୍ଗେ ଶାଗ ବା ସନ୍ତୋଳା ଦେଖି ଭୋକ ମରିଯାଏ ତାଙ୍କର, ପେଟ ଖରାପର ବାହାନା ଦେଖେଇ ବୋଉକୁ, ଯାଇ ବାହାରେ ହୋଟେଲରେ ଭାତ ମାଛ ଭଜା, ମାଂସ ଝୋଳ, କୋବି ଭଜାରୁ ପେଟେ ଖାଇ ଦେଇ ଆସନ୍ତି ।

ସାଙ୍ଗମାନଙ୍କ ଘରକୁ ପାଠ ପଢାର ବାହାନାରେ ଯାଇ କେତେଥର ସିନେମା ଦେଖା, ଭିଡିଓ ଗେମ୍ ଖେଳା, ଟିଭି ଦେଖା, ବିୟର ବି ପିଆ ହୋଇଛି ତାର ହିସାବ ନାହିଁ । ବୋଉ କେବେ ତାର ଟେର୍ ପାଇନ । ଏତେ ଗୁଡାଏ ଖାଣ୍ଟି ମିଛ କହି ବି ସେ ସବୁକୁ ସେ କେବେ ମିଛ ବୋଲି ଭାବୁ ନଥିଲେ । ତାହା ଆତ୍ମରକ୍ଷା ବା ପରିସ୍ଥିତି କବଳରୁ ରକ୍ଷା ବୋଲି ଭାବନ୍ତି ।

କିନ୍ତୁ ଆଜିର ମିଛ ଟା ପ୍ରାଣ ରକ୍ଷାକାରୀ ସଂଜିବନ ସୁଧା ପରି ମନେହେଲା । ସବୁ ମୂଳରେ ଥିଲା ସତୀଶ୍ । ତାକୁ ରକ୍ଷା କରିବାକୁ ଯାଇ ମିଛ ଉପରେ ମିଛ, ତା ଉପରେ ମିଛ । ମିଛ କହି କହି ପ୍ରାଣାନ୍ତକ ମଣିଷ । ସବୁବେଳେ ସବୁକାଳେ ସତ୍ୟର ହିଁ ଜୟ ହୁଏ ବୋଲି ସେ ଶୁଣି ଆସିଛନ୍ତି, ପଢିଛନ୍ତି ମଧ୍ୟ । ଯାହା ବି ହେଉ ଶେଷରେ ଆଜି ମିଛର ହିଁ ଜୟ ହେଲା ।

ସତୀଶର ତା ହେଡ୍ ଅଫିସ୍ ବାଙ୍ଗାଲୋର ଅଫିସର ଜଣେ ମହିଳା ବନ୍ଧୁ ଯିଏକ କଛି ଅଫିସିଆଲ କାମରେ ତାଙ୍କ ଅଫିସକୁ ଦି ଦିନ ପାଇଁ ଆସି ସପ୍ତାହେ ରହିଯାଇଥିଲେ । ଭଲ ଲାଗିଥିଲା ତାଙ୍କୁ ଓଡିଶା । ସତୀଶ ତା ଘରେ ଅଫିସ୍ କାମରେ ବାହାରକୁ ଯିବ କହି ଦିନଯାକ ତାର ଏହି ମହିଳା ବନ୍ଧୁଙ୍କ ସହିତ ସିନେମା, ହୋଟେଲ୍, ପାର୍କରେ ବୁଲୁଥିବା ସମୟରେ ତାର ଶଳାଙ୍କ ଆଖିରେ ପଡିଗଲା । ତାର ମୋଟୁ ଗୁଣ୍ଡା ଶଳାଙ୍କ ତାଣ୍ଡବ ଲିଳା ଦେଖି ସେ ଡରରେ ବିଜୁର ନାଁ ନେଇଥିଲା, ତାର ମହିଳା ବନ୍ଧୁ ବୋଲି କହିଥିଲା । ଏବେ ବିଜୁ କାଠ ଗଡାରେ ଠିଆ ହୋଇ ଜେରା ଉପରେ ଜେରାର ସମ୍ମୁଖିନ । ସେ ଡରରେ ସଙ୍ଗେ ସଙ୍ଗେ ରବିର ବାନ୍ଧବୀ ବୋଲି କହିଦେଲା । ଏବେ ରବି ଘରେ ପାଳି । ସେ ବି ଝାମେଲାରୁ ମୁକ୍ତି ପାଇବା ପାଇଁ କୈଳାସର ନାଁ, ପରେ କୈଳାସ ଶଙ୍କରର ନାମ, ଏହିପରି ସବୁସାଙ୍ଗ  ଆ ନାଁ ତା ନାଁ କହି ଶେଷରେ ହରିଶ୍ ନାମରେ ସବୁ ଅଠା ବୋଳ ଦିଆଗଲା । କାରଣ ହରିଶ୍ ବିଭିନ୍ନ ମିଠା ଖଟା ମିଛ ଦ୍ୱାରା ପୂର୍ବରୁ ଅନେକ ଅହେତୁକ ସମସ୍ୟାରୁ ନଜକୁ ଓ ସାଙ୍ଗମାନଙ୍କୁ ରକ୍ଷା କରିଛି ।

ଯୋଉ ଝାମେଲାକୁ ଡରି ସତୀଶ୍ ଘରେ ସତ କଥା କହିନଥିଲା, ସେଇ କଥା ଏବେ ବାଟେ ପଡି ଘାଟେ ଗଡ ଗଡୋଉଛି । ସବୁ ବନ୍ଧୁଙ୍କର ସ୍ତ୍ରୀମାନେ ଏକାଠି ଫୋନରେ କଥାବାର୍ତ୍ତା କରି ସତ୍ୟତା ଜାଣିବା ପାଇଁ ହରିଶ୍ ର ଘରେ ହାଜର । ପ୍ରକୃତରେ ସେ ମହିଳା ଜଣକ କଏ ସେ । ଏମାନଙ୍କ ସହିତ ତାଙ୍କର କ ସଂପର୍କ ।

ଆଉ ତ ଆଉ....ବାଙ୍ଗାଲୋର ବାନ୍ଧବୀ “ସତ୍ୟା”ଙ୍କୁ ପୁରୀ, କୋଣାର୍କ ନେଇ ସେଠାରେ ଦୁଇଦିନ ହୋଟେଲରେ ବି ସତୀଶ ରହି କ ଆସିଛି । ଶଳାଙ୍କଠୁ ସବୁ ଶୁଣି ତା ସ୍ତ୍ରୀ ଘର ଛାଡି ଚାଲି ଯିବାକୁ ଯିଦି ଧରି ବସିଛନ୍ତି । ଘଟଣାର ସତ୍ୟତା ଜାଣିବା ପାଇଁ ସବୁ ସାଙ୍ଗମାନଙ୍କ ସ୍ତ୍ରୀମାନେ ଆସି ହରିଶ୍ ଘରେ ହାଜର ।

“ସତ୍ୟା” କାହାର ପ୍ରକୃତରେ ବାନ୍ଧବୀ ନୁହେଁ । ସେ ଥରେ ଏକାକ ସଂଧାରେ ଯାଉଥିବା ବେଳେ ଦଳେ ଗୁଣ୍ଡା ପ୍ରକୃତିର ଲୋକ ତାଙ୍କୁ ହଇରାଣ କରୁଥିବାର ଦେଖି ଏମାନେ ସେଇ ବାଟେ ଫେରୁଥିବା ବେଳେ ଏହା ଦେଖି ତାଙ୍କୁ ଗୁଣ୍ଡାମାନଙ୍କ କବଳରୁ ରକ୍ଷା କରିଥିଲେ ମାତ୍ର ।

ବାଙ୍ଗାଲୋର ରୁ ପ୍ରଥମ କରି ଆସିଛନ୍ତି କିଛିଦିନ ପାଇଁ କିଛି ବ୍ୟକ୍ତିଗତ କାମରେ ଓଡିଶା । କେହି ଚିହ୍ନାଜଣା ନଥିବାରୁ ବିଚ୍ଚରୀ ବହୁତ ଡରି ଯାଇଥିଲେ । ତାଙ୍କମନରୁ ଗୁଣ୍ଡାମାନଙ୍କର ଡର ନଗଲା ପର୍ଯ୍ୟନ୍ତ ସେମାନେ ପାଳ କରି ତାଙ୍କୁ ସାହାଯ୍ୟ ଓ ଦେଖା ରଖା କରୁଥିଲେ । କେବଳ ମାନବିକତା ଦୃଷ୍ଟିରୁ ।

ଅଯଥା ଝାମେଲା ଅଶାନ୍ତି ନହେବା ପାଇଁ ସେମାନେ ଘରେ କହି ନଥିଲେ । ଓଃ, ସମସ୍ତଙ୍କ ସ୍ତ୍ରୀମାନେ ଆହା ଆହା ବିଚ୍ଚରି କହି ଦୟାରେ ତରଳ ଯାଇ ନଈ ପରି ବୋହିଗଲେ । ଏତେ ବିରାଟ ମିଛକୁ ସମସ୍ତେ ସତ ବୋଲି ଭାବି ନେଲାପରେ ଆଉ ଡରିବାର କିଛି ନଥିଲା । ସେଠାରେ ଥିବା ସବୁ ମହିଳାଙ୍କ ସ୍ୱାମୀମାନେ ଯେ ଜଣେ ଜଣେ ଦେବତା ସନ୍ଦେହର ଅବକାଶ କାହାର ରହିଲାନ । ଏପରି ଜଣେ ଅସହାୟା ମହିଳାକୁ ବିପଦରୁ ରକ୍ଷା କରି ମହାନ୍ ପୁରୁଷ ପଣିଆର ପ୍ରମାଣ ଦେଇଛନ୍ତି ମାନ୍ଦ ।

ସତୀଶ୍ ତା ମହିଳା ବନ୍ଧୁକୁ ନେଇ ଷ୍ଟେସନରେ ଛାଡି ଦେଇ ଆସିଲା ପରେ କ ଆଶ୍ୱସ୍ତ । ପୁଣି ଥରେ ଜିତି ଯାଇଥିବାରୁ ସବୁ ସାଙ୍ଗମାନେ ଏକାଠି ହୋଇ ସେଲିବ୍ରେସନ କରିଥିଲେ ସେଦିନ ସନ୍ଧ୍ୟାଟି, ବିୟର ଦି ଦି ବୋତଲ ପିଇ ।

ସେତେବେଳେ ସବୁ ସାଙ୍ଗ ଏକାଠି ଗାଇ ଉଠିଥିଲେ, "ତୁମ୍ ନେହିଁ....ଗମ୍ ନେହିଁ...କିନ୍ତୁ ସଗ୍ବ ଅଛି" । ବେଶ୍ ଅଧରାତି ପର୍ଯ୍ୟନ୍ତ ହସଟା ଜାରି ରହିଥିଲା ସତୀଶର ତଳ ମହଲାର ବନ୍ଦ କୋଠରି ଭିତରେ । ବନ୍ଦ କୋଠରି....!!! ଯଦିଓ ସ୍ତ୍ରୀ ଘରେ ନଥିଲେ, ଦୁଇ ଦିନ ପାଇଁ ବାପ ଘରକୁ ଯାଇଥିଲେ ଅସୁସ୍ଥ ମା ଙ୍କୁ ଦେଖିବାକୁ । ତଥାପି ଡରଟା ତ ଥିଲା କାଳେ ଅକସ୍ମାତ ଚ୍ଚଲି ଆସି ପାରନ୍ତି ବୋଲି । ମିଛ ଆଉ ଡର ସବୁବେଳେ ଆଗ ପଛ ହୋଇ ଚ୍ଚଲୁଥାଆନ୍ତି ।

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

# ହେ ମୃତ୍ୟୁ



ଅନୁସୂୟା ମିଶ୍ର

ନା ଜାଣିଛି, ନା କେବେ ଦେଖିଛି
ତଥାପି, ଅନୁଭବ କରିଛି ତୁମକୁ
ଅନେକ ରୂପରେ
ପାଖରୁ ହେଉ ବା ଦୂରରୁ ।
କେବେ, ଭୀଷ୍ମଙ୍କର ଇଚ୍ଛାକୃତ ମୁକ୍ତି
କେବେ ଅବା,
ଅଭିମନ୍ୟୁର ଅସହାୟତାର ପରିସମାପ୍ତି,
ହେ ମୃତ୍ୟୁ, କୁହ ଦେଖି
ବୁଝିବି କପରି, ତୁମେ କେମିତି ?
ଅନନ୍ତ ବିଶ୍ରାମର ଅବିଚ୍ଛିନ୍ନ ଶାନ୍ତି
ବା ଅଧାଲେଖା କାହାଣୀର ଅସୀମ ଅତୃପ୍ତି ?
ଇତିହାସ ସାକ୍ଷୀ
ପତିର ଚତାରେ ତୁମେ, ସ୍ୱର୍ଗୀୟ ଏକ ସ୍ୱୀକୃତି ।
ମୁଁ କିନ୍ତୁ ଦେଖିଛି
କୁତ୍ସିତତାର ବାହୁପାଶେ ତୁମେ
କଳଙ୍କିତ ଏକ ଇତିବୃତ୍ତି ।
କେବେ, ନିର୍ବାସିତ ବାର୍ଦ୍ଧକ୍ୟର
ବହୁ ପ୍ରତିକ୍ଷିତ ଏକ ପ୍ରାପ୍ତି ।
କେବେ ଅବା, ଅପରାହ୍ନେ ଅସ୍ତମିତ
ଅସରନ୍ତି ସ୍ୱପ୍ନର ତୁମେ ସ୍ମୃତି ।
ପୋଥି କୁହେ, ସ୍ୱାଭାବିକ ପ୍ରକ୍ରିୟା ମାତ୍ର
ଆତ୍ମାରୁ ଆଚ୍ଛାଦନ ଅପସାରଣର ।
ମୁଁ କିନ୍ତୁ ଶୁଣିଛି, ଜୀଇଁବାର ଶେଷମୁହୂର୍ତ୍ତେ ତୁମେ
ଜୀବନର, ଅନିବାର୍ଯ୍ୟ ଏକ ରୂପାନ୍ତର ।
କାହାରେ ବା ପଚାରି ବୁଝିବି
ଭେଟିଛି ଯେ ଥରେ କେବେ ଆସିନି ଲେଉଟି,
ଭେଟିନି ଯେ, ଭେଟିବାକୁ ଚାହିଁନି କେବେବି ।

ହେ ମୃତ୍ୟୁ, କୁହ ଦେଖି
କେବେ ଯେବେ ଭେଟ ହୁଏ
ଚହ୍ନିବି କେମିତି, ତୁମେ କିଏ ?
ସମୟ ସ୍ରୋତରେ ମୋର
ଆକସ୍ମିକ ଅସମୟଟିଏ,
ବା ମୁଦା ଆଖି ଅନ୍ତରାଳେ
ପରିତୃପ୍ତ ଆଶାରୁ ଆଖିଏ,
ଅବା, ନିଃଶ୍ୱାସର ନିଃଶେଷରେ ତୁମେ
ନୂଆ ଏକ ନାଟକର ସୂତ୍ରଧରଟିଏ ?
ତଥାପି,
ଯେବେ ଆସ, ଯେଉଁ ରୂପ ଧରି
ପ୍ରସ୍ତୁତ ମୋ ଚିନ୍ତା ଓ ଚେତନା,
ସ୍ଥିର ମୋର ସବୁ ଉଦ୍ଦିପନା,
କଥା ଦେଲି,
ଦୁଇବାହୁ ମେଲି, ନିଷ୍ଠେ ନେବି ମୁଁ ଆଦରି ।

ଶତାବ୍ଦୀ ନଗର, ୟୁନିଟ୍-୮,
ଭୁବନେଶ୍ୱର

# ଝଡ଼ ବି ଉଠିବ ମାଟି



ଜିତେନ୍ଦ୍ରୀୟ ବେହେରା

ଆମ ହାତେ ଦିଅ ତୋପ ଓ ବନ୍ଧୁକ
ଦିଅ ବୁଲେଟ ଓ ଗୁଳ
ଆମ ଅଧିକାର ନ ପାଇଲେ ଆମେ
ନଆଁ ଦେବୁ ନଷ୍ଟେ ଜାଳ ।

ମୁକ୍ତି ପଥର ଯାତ୍ରୀ ଆମେରେ
ସହିଛୁ କଷଣ ଯେତେ
ମାନ, ଅପମାନ, ଜେଲ୍ ,ଜୋରିମାନା
ପିଠି ତ ଫାଟିଛି କେତେ ।

ବୋହିଛି ରକତ , ନଦୀର ସ୍ରୋତ
ଜୁଆର ଆସିଛି ମାଡ଼ି
ଖାଇଅଛୁ କେତେ ଲାଠି ପ୍ରହାର
ହାତରେ ପିନ୍ଧିଛୁ ବେଡ଼ି ।

ନଦାଘର ତେଜ ସହିଛୁ ବି ଆମେ
ଶ୍ରାବଣର ବାରିଧାର୍
ଦେହରୁ ନଗାଡ଼ି ଲୁଣିଆ ରକ୍ତ
ଶସ୍ୟରେ କଲୁ ଭର୍ ।

ନଖିଳ ଜୀବନ ପରିତୋଷ୍ଟୁ ବୋଲି
ଆମ ଛୁଆ ଭୋକେ ମରେ
ଗଢ଼ିଅଛୁ ବୋଲି ରମ୍ୟ ଅଟ୍ଟାଳକା
ଘର ଫାଙ୍କେ ବର୍ଷାଝରେ ।

ମଶା, ଡ଼ାଆଁଶ, ଓଡ଼ଶରେ ଭର୍
ଟାଇଲ ର ଫାଙ୍କେ କଣା
ଜହ୍ନର ଜୋଛନା ଝରଇ ନଯୁତ
ଘର ଭିତରକୁ ସିନା ।

ଛାତି କୁ ପଥର କରି କାରଖାନେ
ଆଉଟିଲୁ ଲୁହା ଆମେ
ସପନ ଆମର ନଷ୍ଟ ହୋଇଛି
ଶୋଷଣର କୃର ଭୂମେ ।

ଆମରି ହାତର ସ୍ପର୍ଶେ ହସଇ
ଭୋକେ ଯାଉ ଆମେ ସଢ଼ି
ମାଲିକ , ହାକମ, ସାଆନ୍ତ ଶାସନେ
ଯାଉ ଆମେ ମରି ମରି ।

ଆଉ ନ ପାରିବୁ ସହି ଏ କଷଣ
ଜାଗିଛୁ ଶ୍ରମିକ ଜାତି
ନୂଆ ଦୁନଆ ର ନବଦିନ ବାର୍ତ୍ତା
ଭରିଛି ବିଦ୍ରୋହ ତାତି ।

ଯାଉ ପଛେ ଛାଡ଼ି ଏ ଦେହରୁ ମୁଣ୍ଡ
ସମଶାନ ମାଟି ପରେ
ହକ୍ ଅଧିକାର ନପାଇବା ଯାଏଁ
ମରଣ ର ବେଦୀ ମୂଳେ- ।

-ଧରିଥିବୁ ହାତେ ମୁକ୍ତିକାମୀ ର
ଉଗ୍ର ଗରିଲା ଗୁଳ
ଏଇ ସର୍ବହରା ପ୍ରଚଣ୍ଡ ଆଘାତେ
ବିଦ୍ରୋହ ଉଠିବ ଜଳ ।

ଗର୍ଜି ଉଠିବ ଜନ ସମୁଦ୍ର
ଲାଲ ହେବ ଏଇ ମାଟି
ମୁକ୍ତି ସଂଗ୍ରାମେ ମତୁଆଲା ହୋଇ
ଝଡ଼ ବି ଉଠିବ ମାଟି ।

ଡ଼ଖର, ଗୋପ, ପୁରୀ-୭୫୨୧୨୧

# ଅସ୍ତରାଗିଣୀ

(ଧାରାବାହିକ)



ପ୍ରଫେସର ଅନିତା ପଣ୍ଡା

## (ଭାଗ – ୯ )

ୟା ଭିତରେ ୨-୩ ବର୍ଷ ଗଡିଗଲାଣି । ଈଶୁ ଭାଇର କିଛି ଖବର ନାହିଁ । କିଏ କହେ ସେ ଜେଲ୍, କିଏ କହେ ଏତେ ବଡ ଦୁଃଷ୍କର୍ମଟାଏ କରିବା ପରେ ଆଉ ଦୁନିଆକୁ ମୁହଁ ଦେଖାଇ ପାରିଥାଆନ୍ତା! ଆତ୍ମହତ୍ୟା କରିଛି ।

ଆଉ ଦିନକର କଥା । ଦାଦା ରିନ ଦେଈର ଚୁଟୀ ଧରି ଘୋସାଡି ଘୋସାଡି ଆଣି ଅଗଣାରେ ଗୋଟିଏ ଦଉଡିଆ ଖଟ ଉପରକୁ ଫୋପାଡି ଦେଲେ । ତା ପରେ ବର୍ଷଣ ହେଲା ଗୁପୁଡା, ଖୁନ୍ଦା, ଗୋଇଠା । ଖୁଡୀ ଆସି ବାରଣ କରିବାରୁ ତାଙ୍କ ଉପରେ ବି ଦିଟା ଉତ୍ତମ ମଧ୍ୟମ ପଡିଗଲା । କାଳମୁହାଁକୁ କହିଦିଅ, ବାହା ହବା କଥା ଭୂଲିଯାଇ ମୋ କହିବା କଥାରେ ରାଜି ହେଇଯାଉ । ବେଧେଇକୁ ବସି ଖୁଆଇବାକୁ ମୋ ପାଖରେ ଧନନାହିଁ । ବିଶୁକୁ ଦେଖି ତାଙ୍କର ରାଗ ଆହୁରି ପଞ୍ଚମକୁ ଉଠିଗଲା । ୟାରି ବାପ ଯୋଗୁ ଆଜି ମତେ ଏଇ ଅବସ୍ଥା ଭୋଗିବାକୁ ପଡୁଛି । ମୂଳୁ ମାରିଲେ ଯିବ ସଲ, ଦେବଙ୍କ ସଙ୍ଗେ କମ୍ପା ଗୋଳ, ଜନ୍ମରୁ ତଣ୍ଟି ଚପି ଦେଇଥିଲେ ଏ ଚୋକୀ ଗୁଡାଙ୍କୁ---

କାହାକୁ କାହିଁ ଦୋଷ ଦୋଉଛ ? ସୁନ୍ଦରୀ ଝିଅର ଧିଅ ବିକ ପଇସା କମେଇବ ବୋଲି ତ ତାକୁ ସୁନୀ, କୁନଙ୍କ ସାଙ୍ଗରେ ବିକଲନ । ଆଜି ସବୁ ଭୂଲିଗଲ ?

ସେଇୟା ତ କହୁଛି । ଭଲରେ ଭଲରେ ମାନଗଲେ ଅୟସ କରନ୍ତା, ତାକୁ ସେ କଥା ବୁଝେଇ ଦିଅ ।

ଖୁଡୀ ଆଉ ବେଶୀ କଛି ନ କହି ରିନ ଦେଇକୁ ଉଠାଇ ଘର ଭିତରକୁ ନେଇଗଲେ । ପଛେ ପଛେ ଗ୍ଲିଲ୍ ବିଶୁ ।

ବିଶୁ ଗାଲରେ ଠାଏ କରି ଗୋଟାଏ ଚଟକଣୀ ମାରି କହିଲେ ଦାଦା, ତୁମେ କୁଆଡେ ଗ୍ଲିଲ ?

କଛି ନକହି ବିଶୁ ଚୁପ୍ ଗ୍ଵପ୍ ଛିଡା ହୋଇ ରହିଲ୍ ।

ଏଇ ନେ---ଆଜି ଠୁ ତୁ ଏଇ ଲୁଗା ପିନ୍ଧିବୁ କହି ବିଶୁ ଉପରକୁ ଶାଢୀ ବ୍ଲାଉଜ୍ ଇତ୍ୟାଦି ଫୋପାଡି ତା ପିନ୍ଧିଥିବା ହାପ୍ ପ୍ୟାଣ୍ଟଟିକୁ ଟାଣି ବାହାର କରିଦେଲେ ।

ଏ ଗୁଡା ତ ରିନ ଦେଇର । ମୁଁ କାହିଁକି----।

ମୁହଁ ଉପରେ ଜବାବ୍ ଦେଉଛି ଟୋକା? ରଇଥା – ଆଜିଠୁ ତତେ ଆଉ ଟୋକା କରି ରଖେଇ ଦେବିନ । ହାତରେ ଗୋଟାଏ ବଡ ଛୁରୀ ଧରି ଲଙ୍ଗଳା ବିଶୁ ଆଗରେ କଂସେଇ ଭଳ ଛିଡା ହୋଇଗଲେ ଦାଦା । ଦେବୀଙ୍କ ପାଖେ ବୋଦାବଳ ଦେବା ପୂର୍ବରୁ ବିଚର୍ ଜୀବଟିକୁ ନ ହଲିବା ପାଇଁ ସବୁ କଛି ବ୍ୟବସ୍ଥା କର୍ ଯାଇଥାଏ । ମାତ୍ର ବିଚର୍ ବିଶୁ---ସବୁ କଛି ଉନ୍ମୁକ୍ତ-ହଠାତ୍ ତାର ଆଖି ପଡିଥିଲ୍ ହିମ ଦସ୍ତାରେ ଅଧାକୁଟା ଲଙ୍କା ଗୁଣ୍ଡ ଉପରେ । ଯାହା କୁଟି ଗୁଣ୍ଡ କରି ରଖିବା ଦାୟିତ୍ଵ ତା ଉପରେ ଥିଲ୍ । ସେଇ ଗୁଣ୍ଡରୁ କଛିଟା ଦାଦାଙ୍କ ଆଖି ଉପରକୁ ଫୋପାଡି ଦେଇ ନଜ ପ୍ୟାଣ୍ଟ ଖଣ୍ଡକ ତଳୁ ଉଠାଇ ଦୌଡି ଦୌଡି ପଳାଇ ଆସିଥିଲ୍ ବିଶୁ । ଦୁନଆରେ ସମସ୍ତେ ଈଶ୍ଵରଙ୍କର ସନ୍ତାନ ସନ୍ତତି । ଭଗବାନ ତାଙ୍କର ପିଲ୍ମାନଙ୍କର ଦୁଃଖ ଦେଖି ପାରନ୍ତିନ । ସେଇଥିପାଇଁ ବୋଦିଏ ତାକୁ ଆରଣ୍ୟକଙ୍କ ସାମନା କର୍ଇ ଦେଇଥିଲେ ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ଆସିଗଲା ଆଛାଦିନ



ପ୍ରଶାନ୍ତ କୁମାର ନାଥ

କଳା ସାମ୍ରାଜ୍ୟର ଅନ୍ତ କରିବାକୁ
ମୋଦୀଙ୍କ ଥିଲା ଆହ୍ୱାନ
କହିଥିଲେ ସିଏ ଆସୁଛି ଆଗକୁ
ଭାରତର ଆଛାଦିନ ।
ଲାଗେ ଆଜି ସତେ ଆସି ପହଞ୍ଚିଛି
ସେହି ଆଛାଦିନ ବେଳ
କଳାଧନ ସବୁ ଧଳା କରିବାକୁ
ଟଙ୍କାତ ହେଲା ଅଚଳ ।
କଳାଧନ ଯେତେ ରଖିଥିଲେ ପୋତି
କଳାର ବଜାରୀ ମାନେ
ଜାଣିସେ ନଥିଲେ କଳାଧନ ସବୁ
ଏମିତି ହୋଇବ ଦିନେ ।
କଳା ସାମ୍ରାଜ୍ୟର ଅନ୍ତ କରିବାକୁ
ନେଲେ ଯେଉଁ ପଦକ୍ଷେପ
ଚନ୍ଦ୍ରାଧାର୍ ତୁମ ଧନ୍ୟ ହେ ମାହାତ୍ମ୍ୟ
କଳାଧନ ହେଲା ଲୋପ ।
ହେ ଚର ନମସ୍ୟ ମୋଦୀ ସରକାର
ହସୁଛି ସବୁରି ମନ
ଭାରତରେ ଆସି ପହଞ୍ଚି ଯାଇଛି
ସ୍ୱପ୍ନରସେ ଆଛାଦିନ ।



ସୁନ୍ଦରପୁର, ଉତ୍ତରକୂଳହାଟ୍, ପ୍ରୀତିପୁର, ଯାଜପୁର

# ପୃଥ୍ୱୀ



ଅନୁପମ ବେହେରା

ଅନନ୍ତ ଯୋଜନ ବ୍ୟାପି ଅନ୍ଧକାର ଏକ ମୁଲକରେ,
ନୀଳ ବର୍ଣ୍ଣର ଏକ ବିଶାଳ ଗୃନ୍ଦୁଆ ତଳେ
ଦୋଳାୟମାନ ଅବସ୍ଥାରେ ହୁତ୍‌ହୁତ୍ ହୋଇ ଜଳୁଥାଏ ବର୍ତ୍ତୁଳାକାର ଏକ ଅଗ୍ନିପିଣ୍ଡ ।
କ୍ରମାଗତଭାବେ ଅଗ୍ନି ନିର୍ବାପିତ କରି ଯେବେ
ଏହା ବିଶ୍ରାମ ନିଏ ବିଶାଳ ପର୍ବତମାଳାର ବକ୍ଷଦେଶରେ,
ସମଗ୍ର ନୀଳ ଗୃନ୍ଦୁଆଟି ସଜେଇ ହୋଇଯାଏ
ଅଗଣିତ କୁନି କୁନି ହୀରକ ଖଣ୍ଡରେ ।
ଶୁଭ୍ର ବସ୍ତ୍ର ପରିହିତା ଦୁଗ୍ଧବର୍ଣ୍ଣର ଅପରୂପା ସୁନ୍ଦରୀ ତରୁଣୀର ଘଟେ ଆବିର୍ଭାବ
ତା ପ୍ରେମବୋଳା କୋମଳ ଶୀତଳ ପରଶରେ ଭାରୀ ହୋଇଯାଏ ପୃଥ୍ୱୀର ଆଖିପତାଦ୍ୱୟ
ସେଇ ଗୃନ୍ଦୁଆତଳେ ସ୍ୱଚ୍ଛ ଧବଳ ପୁଷ୍ପଗୁଚ୍ଛ ମେଳରେ ଲୁଚକାଳି ଖେଳୁ ଖେଳୁ,
ସେ ବି ଲୁଚିଯାଏ ନୀଳ ସାଗର ଗର୍ଭରେ...
ଯେବେ ପୂର୍ବ ଦିଗରେ ଲୋହିତ ବର୍ଣ୍ଣର ଗୋଲକ ପିଣ୍ଡଟିଏ
ସୁନେଲି ଆଲୋକ ବିଚ୍ଛୁରିତ କରି
ନିଜ ଉପସ୍ଥିତି ଜାହିର୍ କରେ ନୀଳ ଗୃନ୍ଦୁଆ ତଳେ ।

ବଘିଆପଡା, ବୌଦ୍ଧ, ଓଡିଶା

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ମାଟିର ସରଗ

(ଏକ ଭିନ୍ନ ସ୍ୱାଦର ଉପନ୍ୟାସ )



କାଳକଙ୍କର

## (ବାଆର)

ପାକସ୍ତାନ ହଠାତ୍ ଭାରତ ଉପରେ ଅଧିକ ଆତଙ୍କବାଦୀ ଆକ୍ରମଣ କଲା । ସବୁଦିନ ସୀମା ସେ ପାରିରୁ ଗୁଳଗୁଳା ବର୍ଷଣ ଏମିତି ହେଲା ଯେ ସୀମା ଅଂଚଳର ଲୋକେ ଘର ଦ୍ୱାର ଛାଡି ପଳାଇବା ଛଡା ଉପାୟ ନ ଥିଲା । ପାକସ୍ତାନ ଭିତରରେ ଯେଉଁ ନିଆଁ ଜଳୁଛି ସେଥିପାଇଁ ଭାରତ କେବଳ ପାକସ୍ତାନକୁ ଦାୟୀ କଲା । ସେ ଭାରତ ଭିତରେ ଅଶାନ୍ତି ବଢେଇବାର ସମସ୍ତ ଚେଷ୍ଟା କଲା । କାଶ୍ମୀରରେ ଥିବା ସେମାନଙ୍କର କିଛି ଆପଣାର ଲୋକଙ୍କ ପାଖକୁ କୋଟି କୋଟି ଟଙ୍କା ହାବାଲା ଜରିଆରେ ପଠାଇ ନିର୍ଦ୍ଦେଶ ଦେଲା ଯେ କାଶ୍ମୀରର ଯୁବକମାନଙ୍କୁ ଟଙ୍କା ଦେଇ ଭାରତ ବିରୁଦ୍ଧରେ ଲଗାଅ । କାଶ୍ମୀରରେ ପାକସ୍ତାନର ପତାକା ଉଡାଅ । ଛୋଟ ଛୋଟ ପିଲା କିମ୍ବା ବୁଢାଙ୍କ ହାତରେ ପଥର ଧରାଇ ଦିଅ ଓ କୁହ ଯେ ସେମାନେ ଭାରତୀୟ ସୈନୀକ କିମ୍ବା କାଶ୍ମୀରର ପୋଲିସଙ୍କୁ ଲହୁ ଲୁହାଣ କରନ୍ତୁ । ସ୍କୁଲ କଲେଜ ଆଦିରେ ନିଆଁ ଲଗାଇ ଦିଅ । ନେତା ମନ୍ତ୍ରୀ ପୋଲିସ ସେନା ସମସ୍ତଙ୍କୁ ଟାର୍ଗେଟ କରି ପଳାଅ । ଏମିତି ଆତଙ୍କ ସୃଷ୍ଟିକର ଯେ ବିଶ୍ୱ ବୁଝିବ ଯେ ଭାରତର କାଶ୍ମୀରରେ ଲୋକେ ଭାରତ ସହ ରହିବାକୁ ଚାହୁଁ ନାହାଁନ୍ତି । ଜାତିସଂଘ ବାଧ ହୋଇ କାଶ୍ମୀର ବ୍ୟାପାରରେ ହସ୍ତକ୍ଷେପ କରିବ ।

ଏଣେ କାଶ୍ମୀର ଏବଂ ପାକସ୍ତାନର ଗରିବ ଅସହାୟ ଯୁବକ ମାନଙ୍କୁ ଧନର ପ୍ରଲୋଭନ ଦିଆଗଲା । ପ୍ରଚାର କରାଗଲା ଯେ ଯିଏ ଏହି ଜେହାଦରେ ଭାଗ ନେଇ ଶହୀଦ ହେବ ତାକୁ ଜନ୍ନତ ମିଳିବ ଏବଂ ବାସ୍ତରୀ ଜଣ କୁଆଁରୀ ସୁନ୍ଦରୀଙ୍କ ଦେହ ଭୋଗ କରିବାକୁ ମିଳିବ । ପାକସ୍ତାନ ଅଧିକୃତ କାଶ୍ମୀରରେ ମଧ୍ୟ ଏମିତି କିଛି ବ୍ୟବସ୍ଥା କରାଗଲା । ଦୂର ଦୂରାନ୍ତରୁ ସୁନ୍ଦରୀ ମାନଙ୍କୁ ଧରି ଆଣି ଏହି ଯୁବକମାନଙ୍କୁ ଉପଭୋଗ କରିବାକୁ ଦିଆଗଲା । ନାରୀ ଦେହର ଲୋଭ ଅନେକ ଯୁବକଙ୍କୁ ଆକର୍ଷିତ କଲା । ଧନ ସହ ସୁନ୍ଦରୀମାନଙ୍କର ଦେହ ଭୋଗର ସୁଖ ସେମାନଙ୍କ ପାଇଁ ବିଶେଷ ଆକର୍ଷଣ ସୃଷ୍ଟି କଲା । ସେମାନେ ଏହି

ଆତଙ୍କବାଦର ନଆଁରେ ପୋଡି ମରିବା ପାଇଁ ଲମ୍ଫ ପକାଇଲେ । ଭାରତ ଦେଖିଲା ଯେ ପାକିସ୍ତାନ ସୀମା ନିକଟବର୍ତୀ ଅଂଚଳରେ ଆତଙ୍କବାଦୀଙ୍କୁ ଜମା କରୁଛି । ଭାରତର ନିର୍ଦୋଷ ଜନତାଙ୍କୁ ହତ୍ୟା କରିବାର ସମସ୍ତ କଳ ପ୍ରୟୋଗ କରିବାକୁ ବସିଛି । ଯେତେଥର ସମ୍ମୁଖ ଯୁଦ୍ଧ କରିଛି ସେ ହାରିଛି । ତେଣୁ ଏହି ଛଦ୍ମ ଯୁଦ୍ଧ ବଳରେ କେବଳ ଭାରତର କ୍ଷତି କରିବାର ପ୍ରୟାସ ଜାରି ରଖିଛି ।

ଯଦିଓବା ପାକିସ୍ତାନ ନୃଶଂସତାର ସବୁ ସୀମା ସରହଦ୍ ପାରି କରି ଗଲିଣି । ବେଲୁଚିସ୍ତାନ, ସିନ୍ଧୁ, ଗିଲଗିଟ ଏମିତି କି ପାକ୍ ଅଧିକୃତ କାଶ୍ମୀରରେ ଲୋକଙ୍କୁ ପୋକମାଛି ପରି ଦଳି ଚକଟି ହତ୍ୟା କରୁଛି । ଝିଅ ବୋହୁ ମାଆ ମାନଙ୍କ ଦେହରୁ ବସ୍ତ୍ର ଖୋଲି ଲଙ୍ଗଳା କରୁଛି । ଗଣ ବଳାତ୍କାର କରୁଛି । ପାକିସ୍ତାନର ଏ ଚରିତ୍ର ବାଂଲାଦେଶରେ ମଧ୍ୟ ଦେଖା ଯାଇଥିଲା । ଲକ୍ଷ ଲକ୍ଷ ବଙ୍ଗାଳି ମୁସଲମାନମାନଙ୍କୁ ନିର୍ମମ ଭାବରେ ହତ୍ୟା କରିଥିଲା ପାକିସ୍ତାନ । ହଜାର ହଜାର ବଙ୍ଗାଳୀ ସୁନ୍ଦରୀଙ୍କୁ ବଳାତ୍କାର କରିଥିଲେ ସେମାନେ । ପାକିସ୍ତାନ ଭାବିଲା ଯେ ଫକୀର ଓ ବେଗମ୍ ଲଗାଇଥିବା ନିଆଁକୁ ଲିଭାଇବାକୁ ହେଲେ ଏମିତି ଭୟ ଓ ଆତଙ୍କର ବାତାବରଣ ଦେଶ ଭିତରେ ଓ ବାହାରେ ସୃଷ୍ଟି କରିବାକୁ ପଡିବ ।

ଏଣେ ଫକୀର ଓ ବେଗମଙ୍କର ସନ୍ଧାନ ପାଇଁ ଭାରତ ଓ ଭାରତ ବାହାରେ ଆଲୋଡନ ସୃଷ୍ଟି ହେଲା । ସମସ୍ତ ଦେଶରୁ ଶାନ୍ତିର ଓ ପ୍ରେମର ଦୂତ ସେହି ଫକୀର ଓ ବେଗମଙ୍କୁ ମୁକ୍ତ କରିବାର ଚାପ ପକାଲେ । କିନ୍ତୁ ପାକିସ୍ତାନ କଣ ମାନିବ ? ସେ ବିଶ୍ୱ ଜନମତ ପ୍ରତି ସାମାନ୍ୟ ଭ୍ରୁକ୍ଷେପ କଲାନାହିଁ । ତାକୁ ତାର ଏକମାତ୍ର ପଡୋଶୀ ଚୀନ ସମର୍ଥନ ଜଣାଇଲା ବେଳେ ଅନ୍ୟ ସମସ୍ତେ ବିରୋଧ କଲେ । ଚୀନ ଯେହେତୁ ଏକ ଶକ୍ତିଶାଳି ଦେଶ ଏବଂ ପାକିସ୍ତାନ ଚୀନକୁ ଆପଣା ପକ୍ଷରେ ରଖିବା ପାଇଁ ପାକିସ୍ତାନସ୍ଥିତ ବେଲୁଚିସ୍ତାନର ମୂଲ୍ୟବାନ ଖଣି ଅଂଚଳ ଓ ପାକ୍ ଅଧିକୃତ କାଶ୍ମୀରର ଅଂଚଳକୁ ଦେଇଦେଇଛି । ଏଣୁ ଚୀନ ସବୁବେଳେ ପାକିସ୍ତାନକୁ ଆଖିବନ୍ଦ କରି ସମର୍ଥନ ଜାରି ରଖିଚ । ଦ୍ୱିତୀୟରେ ଚୀନ ଭାରତର ବଢୁଥିବା ପ୍ରଭାବ ଓ ଶକ୍ତିକୁ ସହ୍ୟ କରି ପାରୁ ନ ଥିବାରୁ ମଧ୍ୟ ପାକିସ୍ତାନକୁ ସମର୍ଥନ କରୁଛି ।

ପୁଣି ଦକ୍ଷିଣ ଚୀନ ସାଗରରେ ଚୀନ ବିଶ୍ୱର ଅନ୍ୟ ଦେଶର ସ୍ୱାର୍ଥକୁ ବେଖାତିର କରି ସେ ସ୍ଥାନରୁ ତୈଳ ଶୋଷଣରେ ଲାଗି ପଡିଛି । ଆନ୍ତର୍ଜାତିକ ଟ୍ରିବ୍ୟୁନାଲକୁ ମଧ୍ୟ ସେ ବେଖାତିର କରି ଦେଇଛି । ଏମିତି ପରିସ୍ଥିତିରେ ଭାରତ କଣ କରିବ ? ଭାରତରେ ମଧ୍ୟ ଦେବୀ ପ୍ରସାଦ

ଉର୍ଫ ଫକୀର ଓ ଫରିଦା ବନାମ ବେଗମର ମୁକ୍ତିପାଇଁ ସ୍ଥାନେ ସ୍ଥାନେ ଆନ୍ଦୋଳନ ଲାଗି ରହିଛି । ଜନ ଜୀବନ ଅସ୍ତ ବ୍ୟସ୍ତ ହୋଇ ପଡିଛି ।

ଭାରତ ସେଦିନ ରାତିର ଅଂଧାରରେ ସମସ୍ତ ସତର୍କତା ସହ ଭାରତର ଅତ୍ୟାଧୁନକ ଓ ଦକ୍ଷ କେତେଜଣ ସୈନୀକଙ୍କୁ ସୀମା ସେପଟକୁ ପଠାଇଛି । ରାତିର ଅଂଧାରରେ ଏହି ଦୁର୍ଦ୍ଧର୍ଶ ସୈନୀକମାନେ ଦୀର୍ଘପଥ ବଣ ଜଙ୍ଗଲରେ ଚାଲି ଚାଲି ଯାଇ ଅଧିକାଂଶ ଆତଙ୍କବାଦୀ କ୍ୟାମ୍ପ ଧ୍ୱଂସ କରିଛନ୍ତି । ଶତାଧିକ ଆତଙ୍କବାଦୀଙ୍କୁ ହତ୍ୟା କରିଛନ୍ତି । ସେହି ଆତଙ୍କବାଦୀଙ୍କୁ ପ୍ରଶିକ୍ଷଣ ଦେବାପାଇଁ ସେ ସ୍ଥାନରେ ମହଜୁଦ୍ ଥିବା ପାକସ୍ତାନ ସୈନ୍ୟମାନେ ମଧ୍ୟ ନଜକୁ ସମ୍ଭାଳବାର ସମୟ ପାଇ ନାହାଁନ୍ତି । ବୀର ସୈନୀକମାନେ ତାପରେ ସକାଳ ହେବା ପୂର୍ବରୁ ଫେରି ଆସିଛନ୍ତି ଆପଣାର ପ୍ରୀୟ ମାତୃଭୂମୀକୁ । ପାକସ୍ତାନ ଭାରତର ଏ ଦୁଃସାହସରେ ଥରି ଉଠିଛି । ଆତଙ୍କବାଦୀମାନେ ପ୍ରାଣ ବିକଳରେ ଛନ୍ଦଭଙ୍ଗ ଦେଇ ପଳାଇ ଯାଇଛନ୍ତି ।

ଏବେ ସମଗ୍ର ପୃଥିବୀରେ ଚହଳ ପଡିଲା । ପୃଥିବୀର ଅଧିକାଂଶ ଦେଶ ପାକସ୍ତାନ ବିରୁଦ୍ଧରେ ଏହି ଅସ୍ତ୍ରୋପଚାର ଯଦ୍ଧକୁ ସମର୍ଥନ କଲାବେଳେ ଅନେକ ପାକସ୍ତାନ ସହ ସ୍ୱର ମଧ୍ୟ ମିଳାଇଲେ । ତେବେ ଅଧିକାଂଶ ବିଶ୍ୱ ଜନତା ଫକୀର ଓ ବେଗମଙ୍କୁ ମୁକ୍ତ ନ କଲେ ପାକସ୍ତାନ ଗମ୍ଭୀର ପରିଣାମ ଭୋଗିବ ବୋଲି ମଧ୍ୟ ଧମକ ଦେଲେଣି । ଏମିତି କ ରୁଷିଆ ଓ ଆମେରିକା ମଧ୍ୟ ଏଥିପାଇଁ ଏକ ସ୍ୱରରେ ବାର୍ତା ଦେଉଛନ୍ତି । ତେବେ ପାକସ୍ତାନ ନଷ୍ଚିତ ହୋଇ ଯାଇଛି ଯେ ସେ ଫକୀରକୁ ସେମିତି ଗୁପ୍ତ ସ୍ଥାନରେ ବନ୍ଦୀ କରି ରଖିବ ଓ ତା ସହ ସେ ବେଗମ୍ ମଧ୍ୟ । ସେମାନେ ଯେ ଭାରତୀୟ ଏବଂ ଭାରତୀୟ ହୋଇ ପାକସ୍ତାନରେ ପ୍ରେମ ଓ ଶାନ୍ତିର ବିପ୍ଳବ କରିଛନ୍ତି ଏଥିପାଇଁ ସେମାନଙ୍କୁ ଉଚତ୍ ଶିକ୍ଷା ମିଳବ । ସେମାନଙ୍କର ମୃତ୍ୟୁ ଅବଶ୍ୟମ୍ଭାବୀ, ମୁକ୍ତି ନୁହେଁ । ଏ କଥା ମଧ୍ୟ ଅନେକ ସାମ୍ବାଦିକ ମାନଙ୍କ ଆଗରେ ପରିପ୍ରକାଶ ମଧ୍ୟ କରିବାରେ କୁଣ୍ଠା କରୁନାହାଁନ୍ତି ।

ପାକସ୍ତାନ ଜାଣିଛି ଯେ ଭାରତ ପାକସ୍ତାନ ଉପରେ ଆକ୍ରମଣ କରିବାକୁ ଭୟ କରିବ କାରଣ ପାକସ୍ତାନ ପାଖରେ ମଧ୍ୟ ପରମାଣୁ ବୋମା ରହିଛି । ଯଦି ଯୁଦ୍ଧ ହୁଏ ତେବେ ପାକସ୍ତାନ ଭାରତ ଉପରେ କାଳେ ପରମାଣୁ ବୋମା ପ୍ରୟୋଗ କରିଦେବ ଏଥିପାଇଁ ଭାରତ ଯୁଦ୍ଧକୁ ଆସିବ ନାହିଁ । ଏଣୁ ନର୍ଭୟରେ ପାକସ୍ତାନ ତାର ଦମନ ଲିଳା ଓ ଆତଙ୍କର ଭରଣ ପୋଷଣ ଜାରି ରଖିଲା । ପାକସ୍ତାନ ସେମିତି ପୂର୍ବ ପରି ଆତଙ୍କବାଦୀଙ୍କ ଚାରଣ ଭୂମୀ ହୋଇ ରହିଲା ।

ସମଗ୍ର ବିଶ୍ୱ ଯେତେ ବୁଝାଇଲେ ମଧ୍ୟ ପାକସ୍ତାନ ବୁଝିବାକୁ ଚାହିଁଲା ନାହିଁ । ବରଂ ଭାରତର ଅସ୍ତ୍ରୋପଚାର ଜନିତ ଆକ୍ରମଣରେ ମରିଥିବା ଆତଙ୍କବାଦୀ ଓ ସୈନୀକଙ୍କ ପାଇଁ ଭାରତକୁ ଚେତାବନୀ ଦେଲା । ମୁକ୍ତ କଣ୍ଠରେ କହିଲା ଯେ ଆମେ ଯେନ ତେନ ପ୍ରକାରେଣ ଭାରତକୁ ବରବାଦ୍ କରିବୁ ।

ପାକସ୍ତାନ ସମଗ୍ର ବିଶ୍ୱକୁ ମଧ୍ୟ ଧମକ ଦେଇ କହିଲା ହେ ବିଶ୍ୱ, ଆମେ ପ୍ରେମ ଓ ଭଲ ପାଇବାରେ ବିଶ୍ୱାସ କରୁନାହୁଁ । ଆମେ କେବଳ ଭାରତଠାରୁ କାଶ୍ମୀର ଚାହୁଁ । ଆମେ ବାଂଲାଦେଶ ଯୁଦ୍ଧର ପ୍ରତିଶୋଧ ଚାହୁଁ । ଆମେ ପାକସ୍ତାନର ବରଂ ବରବାଦ୍ ହୋଇଯିବା ମଂଜୁର କରିବୁ କିନ୍ତୁ ଆମେ ସେ ଫକୀର ଓ ତାର ବେଗମଙ୍କୁ ମୁକ୍ତ କରିବୁ ନାହିଁ ।

ଆମେ ଯୁଦ୍ଧ ଚାହୁଁ । ଯୁଦ୍ଧ … ॥

କିନ୍ତୁ ଯୁଦ୍ଧ କଲେ ପରିଣାମ ଭଲ ହେବନାହିଁ । ଭାରତର ଯେତିକି କ୍ଷତି ହେବ ତା ଠାରୁ ଅଧୀକ କ୍ଷତି ହେବ ପାକସ୍ତାନର । ଏଣୁ ପାକସ୍ତାନର ଲୋକେ ପାକସ୍ତାନକୁ ଯୁଦ୍ଧରୁ ବିରତ ରହିବାକୁ ଚାପ ପକାଇଲେ । ସେମାନେ ସମଗ୍ର ପାକସ୍ତାନରେ ଆନ୍ଦୋଳନର ଡାକରା ଦେଲେ । ମହାତ୍ମା ଗାନ୍ଧି ପୁଣି ପାକସ୍ତାନରେ ଜନ୍ମ ନେଲେ । ପାକସ୍ତାନୀ ଜନତା ଅହିଂସା ଉପାୟରେ ଆରମ୍ଭ କଲେ ଜେଲ ଭରୋ ଆନ୍ଦୋଳନ । ପାକସ୍ତାନର ସମସ୍ତ ଜେଲ ସତ୍ୟାଗ୍ରହୀ ମାନଙ୍କ ଦ୍ୱାରା ପୂର୍ଣ୍ଣ ହୋଇଗଲା ।

ଏବେ ପାକସ୍ତାନ ଆନ୍ଦୋଳନକାରୀଙ୍କୁ ଘଉଡାଇବା ଶ୍ରେୟସ୍କର ମଣିଲା । ତାଙ୍କ ଉପରେ ଅତ୍ୟାଚାରକୁ ସିଦ୍ଧାନ୍ତ ମଣିଲା । ଏମିତି ଅତ୍ୟାଚାର ହେଲା ଯେ ସମଗ୍ର ବିଶ୍ୱ ଥରହର ହେଲା। ସତେ ଯେମିତି ପାକସ୍ତାନର ଶାସକ ଓ ଶାସନରେ ଥିବା ପ୍ରତ୍ୟେକ ମଣିଷ ଜଣେ ଜଣେ ଅସୁର । ସେମାନଙ୍କ ପାଖରେ ନା ଥିଲା ଦୟା ନା ଦରଦ । କେବଳ ଏକମାତ୍ର ଲକ୍ଷ୍ୟ କେମିତି ଆପଣା ଇଚ୍ଛାର ଶାସନ ଚାଲିବ । କେମିତି ସମସ୍ତେ ଭୟ ଓ ଆତଙ୍କିତ ହେବେ । କେମିତି ଭାରତ ବିରୋଧୀ ଅଭିଯାନ ପୁଣିଥରେ ଜୋର୍ ଧରିବ ।

ଫକୀର ଏବଂ ବେଗମ୍ ଯେ ପାକସ୍ତାନ ପାଇଁ ବିପଦ ଏବଂ ସେମାନଙ୍କ ଦ୍ୱାରା ପାକସ୍ତାନର ଯେ ଅନେକ କ୍ଷତି ହୋଇଛି ଏ କଥା ପାକସ୍ତାନ ସରକାର ଓ ସେନା ନିଶ୍ଚିତ ହୋଇଗଲେ । ଏଣୁ ସେମାନେ କେମିତି ପାକସ୍ତାନ କିମ୍ବା ବିଶ୍ୱଜନତାର ଆଢୁଆଳରେ ରହିବେ ଏ କଥା ଚିନ୍ତା

କରିବାକୁ ଲାଗିଲେ । ଏବେ ଏମିତି ପରିସ୍ଥିତି ସୃଷ୍ଟି ହୋଇଛି ଭାରତ ମଧ୍ୟ ପାକସ୍ତାନ ଉପରେ ସେମାନଙ୍କର ମୁକ୍ତିର ଦବାବ ଦେବାକୁ ଲାଗିଲାଣି । ସେମାନଙ୍କୁ ହତ୍ୟା ଯଦି କରି ଦିଆଯାଏ ତେବେ ହୁଏତ ଭାରତ ଏବଂ ବିଶ୍ୱର ଅନ୍ୟ ଦେଶମାନେ ଭାରତ ସହ ମିଶି ପାକସ୍ତାନ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଦେବେ ? ଏଣୁ ସେମାନଙ୍କୁ ହତ୍ୟା କରିବା ମଧ୍ୟ ଅସମ୍ଭବ । ଭାରତ ଏବେ ଏ କଥା  ଜୋରକରି ଉଠାଇଲାଣି ଦେବୀ ପ୍ରସାଦ ଓ ଫରିଦାଙ୍କୁ ତୁରନ୍ତ ମୁକ୍ତ କର । ଭାରତକୁ ଫେରାଇଦିଅ । ଆଉ ଯଦି ସେମାନଙ୍କର କିଛି ଅସୁବିଧା ହୁଏ ତେବେ ଭାରତ ଆଦୌ ବରଦାସ୍ତ କରିବ ନାହିଁ । ଦରକାର ହେଲେ ଯୁଦ୍ଧ ଘୋଷଣା କରିଦେବ ।

ପାକସ୍ତାନର ଗଳି କନ୍ଦିରେ ଏବେ ମୁକ୍ତିର ଡାକରା । ସେମାନଙ୍କୁ ମୁକ୍ତିଦିଅ, ଆମକୁ ମୁକ୍ତିଦିଅ । ଭାରତ ପାକସ୍ତାନ ଏକହୁଅ । ସରକାର ଏବଂ ସେନା ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କଲେ । ଭାରତ ପ୍ରଚାର କରୁଛି ଯେ ପାକସ୍ତାନ ଦେବୀ ପ୍ରସାଦ ଓର୍ଫ ଫକୀର ଏବଂ ଫରିଦା ଓର୍ଫ ବେଗମଙ୍କର ହତ୍ୟା କରିଛି । ଏଣୁ  ସେ ସୀମାରେ ସୈନ୍ୟବାହିନୀ ମୁତୟନ କରିବାରେ ଲାଗିଛି । ବିଭିନ୍ନ ରକେଟ ଓ ଗୁଳିଗୁଳା ଠୁଳ କଲାଣି । ଭାରତର ଏକ ଆଣବିକ ଶକ୍ତି । ଭାରତ ଯଦି ଗୋଟିଏ ଆଣବିକ ବୋମା ବିସ୍ଫୋରଣ କରେ ତେବେ ପାକସ୍ତାନର ଚିହ୍ନବର୍ଣ୍ଣ ରହିବ ନାହିଁ । ସମଗ୍ର ପାକସ୍ତାନରେ ଆଜି ଆତଙ୍କ ।

ଭାରତର ଏହି ଯୁଦ୍ଧର ଡାକରା ପାକସ୍ତାନକୁ ମଧ୍ୟ ଭୟଭିତ କଲା । ପାକସ୍ତାନ ଯେତେଥର ଭାରତ ସହ ସମ୍ମୁଖ ଯୁଦ୍ଧର ସମ୍ମୁଖୀନ ହୋଇଛି ସେତେଥର ପରାସ୍ତ ହୋଇଛି । ୧୯୭୧ ଯୁଦ୍ଧରେ ତ ପାକସ୍ତାନ ଦୁଇଫାଳ ହୋଇଗଲା । ନୂଆକରି ବାଂଲାଦେଶ ଜନ୍ମନେଲା । ଏବେ ବଲୁଚସ୍ତାନ, ସିନ୍ଧୁ, ଗିଲଗିଟ ଓ ଅଧିକୃତ କାଶ୍ମୀର ଅଂଚଳରେ ମଧ୍ୟ ପାକସ୍ତାନ ବିରୁଦ୍ଧରେ ଭୟଙ୍କର ଜନ ଆକ୍ରୋଶ ଜନ୍ମନେଇଛି । ଏଣୁ ଭାରତ ସହ ଯୁଦ୍ଧକଲେ ଭୀଷଣ  କ୍ଷତିହେବ । ତାପରେ ପାକସ୍ତାନର ଜନତା ମଧ୍ୟ ଫକୀର ଓ ବେଗମଙ୍କର ପ୍ରଭାବରେ ପାକସ୍ତାନକୁ ଭାରତ ସହ ମିଶାଇବାକୁ ଜିଦ୍ ଧରିଲେଣି । ମାଟିର ସରଗ ସ୍ଥାପନର ଏକ ନୂତନ ବ୍ୟାଖ୍ୟା ଆରମ୍ଭ ହେଲାଣି । ଜମ୍ମୁ ଓ କାଶ୍ମୀର ଯେ ପୃଥିବୀର ସରଗ ଏ କଥା ହୁଏତ ଏତେଟା ସତ ବୋଲି କୁହା ଯାଇ ନ ପାରେ କିନ୍ତୁ ଅବିଭକ୍ତ ଭାରତ ଯେ ଏ ମାଟିର ସରଗ ଏ କଥା ସମସ୍ତେ ସ୍ୱୀକାର କଲେଣି । ପାକସ୍ତାନର ଜନ୍ମ ଏକ ମସ୍ତବଡ ଭୁଲ୍ ବୋଲି ଆଲୋଚନା ହେଲାଣି । ଭାରତ,

ପାକସ୍ତାନ, ବାଂଲାଦେଶ ସମେତ ବିଶ୍ୱର ବିଭିନ୍ନ ଭୂଭାଗରେ ରହୁଥିବା ଭାରତୀୟ, ପାକସ୍ତାନୀ ଓ ବାଂଲାଦେଶୀ ଏ ବିଷୟରେ ଏକ ସ୍ୱରରେ ମତ ବ୍ୟକ୍ତ କଲେଣି ।

ଏଣେ ବାଂଲାଦେଶ ତାର ବିଗ୍ଗର ବ୍ୟକ୍ତ କରି କହିଲାଣି ଯେ ଆମେ ସହର୍ଷରେ ଆମ ପୁରୁଣା ଘରସହ ମିଶିଯିବୁ । ଘରର ପାଚେରୀ ଭାଂଗିଦେବୁ । ତେବେ ପାକସ୍ତାନ ଏ କଥା ହଜମ କରି ପାରୁନାହିଁ । ପାକସ୍ତାନ ଦିନକୁଦିନ ରକ୍ତମୁଖା ହେବାରେ ଲାଗିଛି । ବିଶେଷ ଭାବରେ ପାକସ୍ତାନର ସେନା ଯିଏ ପାକସ୍ତାନ ଅଲଗା ହେଲାଦିନରୁ ସ୍ୱତନ୍ତ୍ର କ୍ଷମତା ଭୋଗ କରିଆସିଛି, ସେ ଅବା କେମିତି ଭାରତ ପାକସ୍ତାନ କମ୍ବା ବାଂଲାଦେଶକୁ ନେଇ ମାଟିର ସରଗ ଗଢିବାର କଥା ସ୍ୱୀକାର କରିବ ? ଗଣତନ୍ତ୍ରର ମନ୍ଦିର ଭାରତରେ ସେନା ଏକ ଶୃଂଖଳିତ ସଂଗଠନ ଯିଏ ଗଣତନ୍ତ୍ରର ଅନ୍ୟତମ ପ୍ରହରୀ ଭାବରେ ବିରାଜମାନ । କନ୍ତୁ ପାକସ୍ତାନରେ ସେନା ଯେତେବେଳେ ଗ୍ରହୁଁଛି ଗଣତନ୍ତ୍ରର କଣ୍ଠରୋଧ କରି କ୍ଷମତା କବଳିତ କରୁଛି । ଅଖଣ୍ଡ ଅଧିକାର ଭୋଗ କରୁଛି । ପାକସ୍ତାନରେ ସେନାକୁ ନା ସରକାରର ଭୟ ନା ଆଇନ ବ୍ୟବସ୍ଥାର । ଆପଣା ଇଚ୍ଛାରେ ସେମାନେ ଆଇନ ଗଢନ୍ତି ଓ ଅନାୟାସରେ ଭାଂଗି ଦିଅନ୍ତି ।

ମାଟିର ସରଗର ପରିକଳ୍ପନା ପାକସ୍ତାନରେ ଯେ ଅସମ୍ଭବ ଏହା ପ୍ରମାଣ କରିବାପାଇଁ ଗ୍ଲିଲା ଅଦ୍ଭୁତ କଳ ଓ ଖେଳ କସରତ । ଗ୍ଲିଲା ଦମନଲୀଳା । ଗ୍ଲିଲା ରକ୍ତର ହୋଲି ଖେଳ । ହତ୍ୟା ବଳାତ୍କାର, ଲୁଣ୍ଠନ ଚରମ ସୀମାରେ ପ୍ରବେଶ କଲା । ନାମକୁ ମାତ୍ର ଗଣତାନ୍ତ୍ରିକ ସରକାର ରହିଲା କନ୍ତୁ ତାକୁ ବନ୍ଧକ କରି ଆପଣା ଇଚ୍ଛାରେ ଧନ ଭୋଗ, ଦେହ ଭୋଗ, ଦାନ ଭୋଗରେ ମସ୍ତ ରହିଲେ ପାକସ୍ତାନୀ ସେନାବାହିନୀ । ଭାରତରେ କେମିତି ଅଧିକ ହିଂସା ସଂଘଟିତ ହେବ, କେମିତି ସୀମା ପାରହୋଇ ଆତଙ୍କବାଦୀ ଭାରତରେ ପ୍ରବେଶକରି ନରୀହ ମଣିଷର ହତ୍ୟାକରିବେ ସେଇଥିରେହିଁ ଲାଗିପଡିଲା ପାକସ୍ତାନ ।

ସରଗ ଯେମିତି ମାଟିଠାରୁ ଦୂରେଇବାରେ ଲାଗିଲା ।

(କ୍ରମଶଃ...)

"ସୌଭାଗିନୀ", ରଟିଲୋ, ରେଞ୍ଜ, ପୁରୀ



# ନାଟକର ଶେଷ ଦୃଷ୍ୟ


ବିନୟ ମହାପାତ୍ର

ତମେ ଯିବାକୁ କହିଲ,
ସୁନା ପିଲାଟିଏ ପରି
ତମ କଥା ମାନ ମୁଁ ଚାଲି ଆସିଲି ।
କିନ୍ତୁ ତମେ ତ ସୁନା ପିଲା
ଜମାରୁ ନଥିଲ,
ନାଟ ଦେଖିବାର ଯେ ସଉକ ତୁମର ।
ଆସିଲା ବେଳେ
ମୋର ସ୍ମୃତି କାଢି ନେଲ,
ତମେ କଣ ଜାଣି ପାରିବ
ଏଠି ପହଞ୍ଚିବା ପରେ
ମୁଁ କେତେ ହନ୍ତସନ୍ତ ହେଲି?
ବିନା ପରିଚୟ ର
ଅନାଥ ଶିଶୁଟିଏ ପରି ।
ଜୀବନ ସାରା ମୁଁ ଏକ
ଅସମାଧାନାତିତ ପ୍ରଶ୍ନର
ଉତ୍ତର ଖୋଜୁଛି ।

ଏଠି ମୋତେ ନୁଆ ନାମଟିଏ
ଆଉ ନୁଆ ଠିକଣା ମିଳଲା ।

ସବୁ କିଛି ନୁଆ ଭିତରେ
ମୁଁ ବିସ୍ମୃତିର ଅନ୍ଧାର ଭିତରକୁ
ଆହୁରି ପେଲି ହୋଇଗଲି ।
ଯାହା କିଛି ବିସ୍ମୃତି ରେ
ଝାପସା ଝାପସା ଥିଲା,
ସେ ସବୁ ଅନ୍ଧାର ରେ
ବିଲୀନ ହୋଇଗଲା ।
ଏଇ ସଂସାର ର ଜଞ୍ଜାଳ
ଅକ୍ଟୋପସ ପରି ମୋତେ
ଜାବୁଡି ଧରିଛି ।
ରେସ୍ ର ଘୋଡା ଟିଏ ପରି
ମୁଁ ଅଣନଶ୍ୱାସ ଧାଉଁଛି ।
ହାରିଲି କ ଜିତିଲି ଜାଣେନା,
ଜିତିବା ହାରିବା ପାଇଁ ନୁହେଁ,
ମୁଁ ତ ଧାଉଁଛି ଖାଲି ସମୟର
କୋରଡା ମାଡର ଭୟରେ ।

ତମରି ରଚନା ଏଇ ନାଟକରେ
ମୋ ଅଭିନୟ କେମିତି ହେଲ୍
କେବଳ ତମେ ହିଁ ଜାଣିଛ ।
ତମ ଲେଖା ସଂଳାପ ଆଉ
ତମରି ନର୍ଦ୍ଦେଶନାରେ ଅଭିନୟ କଲି ।
ଯେମିତି ନଚେଇଲ
ମୁଁ ସେମିତି ନାଚଲି ।
ହେଲେ ତାର ହିସାବ କତାବ ସବୁ
କଡା ଗଣ୍ଡା ଯମ ପାଂଜି ରେ ଚଢିଲ୍ ।
ଫେରିଲେ ଜବାବ ଦେବାକୁ ହେବ ।।
ଯାହା ହେଉ ଯାହା କଛି
ମୋତେ ଦାୟିତ୍ୱ ଦେଇଥିଲ,
ଭାବୁଛି
ମୁଁ ସବୁ କଛି ନପଟାଇ ସାରିଲିଣି,
ମୋ ଚରିନ୍ର ର ଆଉ ଦରକାର ନାହିଁ ।
ପେଡି ପୋଟଳ ମୋ ସଜାଡି ନେଲିଣି
ଯେବେ ଫେରିବାକୁ କହିବ,
ତୁରନ୍ତ ମୁଁ ଗାଡି ଚଢି ଯିବି ।





ସେକ୍ଟର-୯, ପକେଟ୍-୪,
ନରେଲା, ଦିଲ୍ଲୀ

# ମୋ ଭଗବାନ



ଆଶୁତୋଷ ମେହେର

ଦିଅଁଙ୍କ ପ୍ରତିମା
କିଣିଲା ବେଳେ
ଏତେ ମୂଲଚାଲ !!
ଘରେ ସ୍ଥାପନା କରି
ପୂଜା କରି
ମାଗିଲା ବେଳକୁ
ପ୍ରଭୁ ଦିଅ ମତେ
ଅମାପ ସମ୍ପତ୍ତି ସମ୍ବଳ!!!
ମନ୍ଦିରକୁ ଯାଇ
ଜଳାଉଛି ଦୀପ
ମାଳକୁ ମାଳେ,
ନିଜ ମନ ଭିତରେ
ଯେ କେତେ ଅମାଅନ୍ଧକାର
ଶୋଚନା ନାହିଁ ତିଳେ !!!!

ଆର୍ଯ୍ୟପଲ୍ଲୀ, କଟ୍ ଛକ,ପଟିଆ, ଭୁବନେଶ୍ୱର

# ଆଇଜଲ, ମିଜୋରାମ୍

(ଚଙ୍ଗପୁଇ, କେମିତି ଅଛ ?)

(ଧାରାବାହିକ ଭ୍ରମଣ କାହାଣୀ)

ପ୍ରିୟବ୍ରତ ପାତ୍ର

ମିଜୋରାମର ରାଜଧାନୀ ଆଇଜଲ୍ ସହର। ଆମେ ରହୁଥିବା ଚଲତଲଙ୍ଗ ଅତିଥିଭବନକୁ ଲାଗିକରିଯେଉଁ ଷ୍ଟାଫ୍ କ୍ୱାଟର୍ସ ସବୁ ଥିଲା, ତାର ପ୍ରଥମଟିରେ ରହୁଥିଲେ ମିଜୋ ଯୁବକ ଖିଲପା, ତାଙ୍କ ସ୍ତ୍ରୀ ଜୋଲୁଟୀ ଓ ସେମାନଙ୍କ ଏକମାତ୍ର କାଖହେଉଥିବା ଶିଶୁପୁତ୍ର।

ଜୋଲୁଟା ଅତିଥିଭବନରେ ଟୁର ଏଣ୍ଡ୍ ଗାଇଡ୍ ଅପରେଟର୍ ଥିଲେ। ତାଙ୍କସ୍ୱାମୀ, ନିଜେ ଗଢିଥିବା ସଂସ୍କୃତି-ନବଜାଗରଣ ସଂସ୍ଥାରେ କାମ କରୁଥିଲେ। ଜୋଲୁଟୀ ଅଦ୍ଭୁତ ଭାବେ ପ୍ରାଣବନ୍ତ ଥିଲେ। ସେ ଏକାଥରେ ଅନେକଗୁଡିଏ କାର୍ଯ୍ୟକ୍ରମ ସହ ସଂଶ୍ଳିଷ୍ଟ ଥିଲେ ଯୋଉଗୁଡାକ କ ପରସ୍ପରର ପରିପୂରକ ପରି ଲାଗୁଥିଲେ। ସେସବୁ ଭିତରେ ସେ ଯେ ସମତା ବଜାୟ ରଖିପାରୁଥିଲେ, ଏଣେ ସୁଗୃହିଣୀ ପରି ଘରକୁ ଚଳାଉଥିଲେ - ଏହା ହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ବୈଚିତ୍ର୍ୟ। ପ୍ରଥମେ ପ୍ରଥମେ ଭାବୁଥିଲି, ଜଣେ ପ୍ରାକ୍ତନ ରାଜନୈତିକ ହସ୍ତୀର କନ୍ୟା ହୋଇଥିବାରୁ, ତାଙ୍କ ହାତରେ ଅନେକ ସଂସ୍ଥାର ଗୁରୁ ଦାୟିତ୍ୱ ସମର୍ପି ଦିଆଯାଇଛି। କିନ୍ତୁ ପରେ ଦେଖିଲି, ତାଙ୍କ ଭିତରେ ଏକ ବିଚିତ୍ର ସଂହତି ରହିଛି। ସଦା ପ୍ରଫୁଲ୍ଲ ଓ ସଦା ହସହସ କର୍ମଚଞ୍ଚଳ ମୁହଁଟି ଏବେ ବି ମୋର ମନେପଡିଯାଏ। ସବୁଠୁ ବଡ କଥା ଥିଲା, ତାଙ୍କୁ ମିଶିବାପରେ ଅତୀତରୁ ଏଯାବତ୍ ପୂର୍ବ ମିଜୋରାମର ନାରୀମାନଙ୍କ ବିଷୟରେ ଏକ ସ୍ୱଷ୍ଟ ଧାରଣା ଆସିଯାଇଥିଲା।

ସେଦିନ ସେହି ପରିବାର ସହ ମିଶିବୁ ବୋଲି ତାଙ୍କ ଘରକୁ ଗଲୁ। ଆମ ସାଙ୍ଗରେ ଥିଲେ ଆଉଜଣେ ମିଜୋବନ୍ଧୁ। କବାଟରେ ତାଲା ଲାଗିନଥିଲା, ସଉଦା ପାଇଁ ସମସ୍ତେ ବାହାରକୁ ଚାଲି ଯାଇଥିଲେ। ବିନା ସଂକୋଚରେ ମିଜୋବନ୍ଧୁ କବାଟ ଖୋଲି ବସିଲେ ଏବଂ ଟିଭି ଅନ୍ କରି ଆମକୁ ମଧ୍ୟ ବସିବାକୁ କହିଥିଲେ। ଆଶ୍ଚର୍ଯ୍ୟ ହେଉଥିଲି ଏଯାବତ୍ ମିଜୋମନରେ ଚୋରୀଚୋରୀ କଥା ପଶିନାହିଁ। ତାର କାରଣ ହେଲା ମିଜୋମାନେ ଏଯାବତ୍ ଏକ ଉଗ୍ର ଲୋଲୁପତାର ବଶବର୍ତ୍ତୀ ହୋଇ ସଞ୍ଚୟ କରିବାକୁ ଜୀବନର ଧ୍ୟେୟ ବୋଲି ଭାବୁନାହାନ୍ତି। ମିଜୋବନ୍ଧୁ ଆମକୁ ଛାଡି ନିଜ କାମରେ ବାହାରିଗଲେ।

ଜୋଲୁଟୀଙ୍କ ବୈଠକଖାନାରେ ଭରି ରହିଥିଲା ଅନେକ ଚିତ୍ର । ବିଶିଷ୍ଟ ଗରିଲା ଯୋଦ୍ଧା ତଥା ମିଜୋରାମର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଲାଲଡେଙ୍ଗା, ଜେରୁଜେଲମର କୌଣସି ଏକ ସିନାଗଗ୍ ବା ଇହୁଦୀଙ୍କ ଉପାସନା ମନ୍ଦିର, ଅଙ୍ଗସାନ୍ ସୁ-କି-ମ୍ୟାନମାରର ନେତ୍ରୀ, ଚିରା ବା ବାଉଁଶନାଚରେ ମଗ୍ନ ଜଣେ ମିଜୋଝିଅ, ପ୍ରେସବାଇଟେରିଆନ୍ ଚର୍ଚ୍ଚ ତରଫରୁ ଦିଆଯାଇଥିବା ଏକ ମାନପତ୍ର ଇତ୍ୟାଦି ଫଟୋରେ ଭର୍ତ୍ତିଭର୍ତ୍ତି ଲାଗୁଥିଲା ସେଇ କୋଠରୀ । ଟି-ପୟ ଉପରେ ମହିଳାକୈନ୍ଦ୍ରିକ ପତ୍ରିକା "ରୁନଲୁନ୍"ର କିଛି ପୁରୁଣା ଇସ୍ୟୁ ପଡିଥିଲା । ରୁନଲୁନ୍ ର ଅର୍ଥ ଗୃହୀଣୀ ବା ଯିଏ ଘର ଚଳାଏ । ମାଗାଜିନ୍ କୁ ମାଡିବସି ପେପର ୱେଟ୍ ପରି ରହିଥିଲା ଘରର ମୁରବୀଙ୍କ ବାଉଁଶପାତିର ଟୋପି ।

କିଛି ସମୟ ପରେ ଜୁଲ୍ଲେଟୀ କିଛି ସାମାନପତ୍ର, ପରିବା ନେଇ ଆସିଲେ । ତାଙ୍କର ଅନୁପସ୍ଥିତିରେ ତାଙ୍କ ଘରେ ବସି ଟିଭି ଦେଖୁଛୁ ବୋଲି ସେ ମୋଟେ ଆଶ୍ଚର୍ଯ୍ୟ ହୋଇନଥିଲେ - ଏବଂ ଏହାହିଁ ମୋ ପାଇଁ ସବୁଠୁ ଆଶ୍ଚର୍ଯ୍ୟ ଥିଲା । ଟିଭି ପରଦାରେ ସୁ-କି କିଛି ଗୋଟେ ନିବେଦନ ପାଠ କରୁଥିଲେ । ମ୍ୟାନମାରରେ ଗୃହଯୁଦ୍ଧ ତଥା ସାମରିକ ଶାସନ କାଳରେ ଦେଶାନ୍ତରୀ ହୋଇଥିବା ଚୀନ୍-ବର୍ମିଜ୍ ଶରଣାର୍ଥୀମାନେ ପୁଣିଥରେ ମିଆନମାର ଫେରି ଆସନ୍ତୁ ବୋଲି ସୁ-କିଙ୍କ ଆକୁଳ ନିବେଦନ ଥିଲା । ଜୋଲ୍ଲେଟୀ ଟିଭି ଦେଖି ଦଣ୍ଡେ ଠିଆ ହୋଇଗଲେ । ନୀଳରଙ୍ଗର ଲୁଙ୍ଗି ଆକୃତିର ପୁଆନ୍ ସାଙ୍ଗକୁ ଟି ସାର୍ଟ, ହାତରେ ଗୋଟିଏ ସୁନାରଙ୍ଗର ଘଡି ଓ ଆଙ୍ଗୁଠିରେ ଗୋଟିଏ ମୁଦି । ଏହା ହିଁ ସାରା ଆଇଜଲ୍ ରେ ମହିଳାମାନଙ୍କ ବେଶ ଓ ଫେସନ । କାନରେ, ନାକରେ ବା ଗଳାରେ ଅଳଙ୍କାର, ମୁଣ୍ଡରେ ଫୁଲ, ପାଦରେ ପାଉଁଜି ବା ଛାତିରେ ମଙ୍ଗଳସୂତ୍ର ଆଦି ଦେଖାଯାଏନି । ମୁଁ ଏ ଭିତରେ ଦିଜନେ ଖଣ୍ଡେ ମିଜୋଶବ୍ଦ ଶିଖିଯାଇଥିଲି । KAPU କୁଆଡେ ଗଲେ ବୋଲି ପଚାରିଲି । ମିଜୋ ଭାଷାରେ KAPUର ଅର୍ଥ ସାର୍ । ଉତ୍ତର ମିଳିଲା - ସେ ଜଣେ ଚବିଶି ଘଣ୍ଟିଆ DUHLIAN, ଯାହାର ଅର୍ଥ ହେଲା ଚବିଶିଘଣ୍ଟିଆ ସ୍ୱେଚ୍ଛାସେବୀ । ପ୍ରତ୍ୟେକ ମିଜୋ ନିଜନିଜ ସମର୍ଥ ଅନୁସାରେ ବିନା ପାରିଶ୍ରମିକରେ ନିଜ ଗୋଷ୍ଠୀ ପାଇଁ କିଛି ନା କିଛି କରିଥାନ୍ତି । ଭଦ୍ର ମହିଳାଙ୍କ ସ୍ୱାମୀ, ସହର ଭିତରେ ଗୋଟିଏ ସାଂସ୍କୃତିକ କଳା ପରିଷଦ ଚଳାଉଛନ୍ତି ଏବଂ ମିଜୋରାମରେ ହଜି ଯାଇଥିବା ବେଶ ପରମ୍ପରା, ନୃତ୍ୟଗୀତ ଆଦିର ପୁନଃଜାଗରଣ ପାଇଁ ଅହରହ ଚେଷ୍ଟା ଚଳାଉଛନ୍ତି । ସେଇ ଅନୁଷ୍ଠାନରେ ଜୁଲ୍ଲେଟୀ ଜଣେ ନୃତ୍ୟଶିଳ୍ପୀ ଓ କଣ୍ଠଶିଳ୍ପୀ ରୂପେ କାମ ମଧ୍ୟ କରୁଥିଲେ ।

ଏଥର ଜୋଲୁଟୀ ଘର ଭିତରକୁ ଜଳଯୋଗ ପ୍ରସ୍ତୁତି ପାଇଁ ଚାଲିଗଲେ । ଆମେ କେତେ ସମୟ ଗପସପ କରିବୁ ତାର କିଛି ଠିକଣା ନଥିଲା । ତେଣୁ ପିଲାଟିକୁ କିଛି ଖୁଆଇ ଦେବା ବି ଜରୁରୀ ଥିଲା । ତାଙ୍କ ବିଷୟରେ କିଛି କିଛି ଧାରଣା ମୁଁ ସଂଗ୍ରହ କରି ନେଇଥିଲି ।

ଜୋଲୁଟୀଙ୍କ ବାପାଙ୍କ ଜନ୍ମ ବେଳକୁ (୧୯୫୫) ମିଜୋରାମରେ ଚାଲିଥାଏ, ଆଗାମୀ ବାଉଁଶମଡକ ମଉଟମ୍ କୁ ସାମନା କରିବା ପାଇଁ ପ୍ରାକ୍ ପ୍ରସ୍ତୁତି । ଘନେଇ ଆସୁଥିବା ଦୁର୍ଭିକ୍ଷକୁ ପ୍ରତିହତ କରିବା ପାଇଁ ବିଭିନ୍ନ ସଂଗଠନ ମୁଣ୍ଡଟେକ ଉଠୁଥିଲେ, ପ୍ରତିବାଦ ସଭା କରୁଥିଲେ । ୧୯୫୮ରେ ସେଇ ବାଉଁଶମଡକ ଆସିଲା ଏବଂ କ୍ଷୁଧାରେ ଲୋକ ପୋକମାଛି ପରି ମରିଗଲେ । ଜୋଲୁଟୀଙ୍କ ବାପା ଅନାଥ ହୋଇଗଲେ ଏବଂ ପରିସ୍ଥିତିକ୍ରମେ ପହଞ୍ଚିଲେ କୌଣସି ଏକ ଅନାଥ ଆଶ୍ରମରେ । ସେ ବଡ ହୋଇ ଯୁବାବସ୍ଥାରେ ପହଞ୍ଚିଲା ବେଳକୁ ଲାଲଡେଙ୍ଗାଙ୍କ ନେତୃତ୍ୱରେ ମିଜୋରାମରେ ଚାଲିଥାଏ ଭୟଙ୍କର ସଶସ୍ତ୍ର ସଂଗ୍ରାମ । ସେ ମଧ ଗରିଲା ଯୁଦ୍ଧରେ ସାମିଲ ହୋଇଗଲେ ଏବଂ ଲାଲଡେଙ୍ଗାଙ୍କ ଜଣେ ଘନିଷ୍ଠ ସହଯୋଗୀ ହୋଇଗଲେ । ଏମିତି ଛାୟାଯୁଦ୍ଧ ଚାଲିଥିଲାବେଳେ ଘରକୁ ଥରେ ଭାରତୀୟ ସେନା ଆକ୍ରମଣ କଲେ । ଜୋଲୁଟିଙ୍କୁ ସେତେବେଳେ ମାତ୍ର ପାଞ୍ଚବର୍ଷ । ଗୁଳଗୋଳା ବିନିମୟ ବେଳେ ବାପା ଧରା ପଡିଗଲେ, ଏଣେ ମା ଆଗରୁ ଗୀର୍ଜାଘରକୁ ଚାଲିଯାଇଥିଲେ । ମିଲିଟାରୀ ଅଫିସର୍ ଜଣକ କଣ ଭାବିଲେ କେଜାଣି ସାନ ଝିଅଟିକୁ ଉଠେଇ ନେଇ ସିଲଂ ଚାଲିଗଲେ । ସାମାଜିକ ସ୍ଥିତି ଥିଲା ଉଦବେଗମୟ ଓ ବିଭୀଷିକାପୂର୍ଣ୍ଣ । ଜୋଲୁଟୀ ବଢିଲେ ସେଇ ହିନ୍ଦୁ ମିଲିଟାରୀ ଅଫିସରଙ୍କ ଘରେ, ମା କୁଆଡେ ଚାଲିଗଲେ, ବାପାଙ୍କୁ କୌଣସି ଅଜ୍ଞାତ ସ୍ଥାନରେ ପୁଲିସ୍ କଏଦ କରି ରଖିନେଲା । ୧୯୮୬ରେ ମିଜୋରାମକୁ ଶାନ୍ତି ଫେରିଆସିଲା ଏବଂ ଅନେକ ସଂଗ୍ରାମୀ ଜେଲରୁ ମୁକୁଳି ନିଜନିଜ ପରିବାରକୁ ଚାଲିଗଲେ । ବାପା ମା ମିଶିଲେ ସତ, କିନ୍ତୁ ଜୋଲୁଟୀ କେଉଁଠି ମରିଯାଇଛି ବୋଲି ଧରିନେଲେ । ଏ ଭିତରେ ହିନ୍ଦୁ ଅଫିସର୍ ଜଣକ ଜୋଲୁଟୀଙ୍କୁ ଧରି ଆଇଜଲରେ ପୂରା ସପ୍ତାହେ ରହି ଅନେକ ଖୋଜାଖୋଜି ପରେ ପିତାମାତାଙ୍କ ପାଖରେ ଜୋଲୁଟୀକୁ ଅର୍ପଣ କରିଥିଲେ । ସେତେବେଳକୁ ଜୋଲୁଟୀଙ୍କ ବାପା ଜଣେ ବିଖ୍ୟାତ୍ ଜନପ୍ରିୟ ରାଜନେତା ହୋଇ ସାରିଥିଲେ । ଏ ଘଟଣା ପରେ ପରେ ବାପାଙ୍କର ଭାରତ ତଥା ହିନ୍ଦୁମାନଙ୍କ ପ୍ରତି ରହିଥିବା ଘୃଣା ବଢିଯାଇଥିଲା ।

୧୮୭୧ ମସିହାର କଥା । ଇଂରେଜମାନେ ଲୁସାଇ ପାର୍ବତ୍ୟାଞ୍ଚଳର ଗୋଟିଏ ପରେ ଗୋଟିଏ ଜନପଦକୁ ନିଜ ଅକ୍ତିଆରକୁ ନେଇ ଚାଲିଥାନ୍ତି । ଆଲେକଜେଣ୍ଡ୍ରିଆପୁର ନାମକ ଏକ ଇଂରେଜ ସେନା ଛାଉଣୀକୁ ବେଙ୍ଗକୁଇଆ ନାମରେ ଜଣେ ମିଜୋ ଦଳପତି, ନିଜ ଦଳବଳ ନେଇ

ଆକ୍ରମଣ କରିନେଲେ । ଯୁଦ୍ଧରେ ସେନାପତି James Winchestaଙ୍କ ମୃତ୍ୟୁ ହଟିଲା ଏବଂ ତାଙ୍କର ଗୋଟିଏ ୫ ବର୍ଷର ଶିଶୁକନ୍ୟାକୁ ଦଳପତି ବେଙ୍ଗଖୁଏଆ ନିଜ ସହ ନେଇ ଆସିଲେ । ମିଜୋମାନଙ୍କ ଗହଣରେ ଖେଳବୁଲି, ଝରଣାରେ ଗାଧେଇ ପହଁରି ଇଂରେଜ ପିଲାଟି ବଢିବାରେ ଲାଗିଲା । ସେତେବେଳେ ତାର ମିଜୋ ନାଁ ଜୋଲୁଟୀ ରଖାଯାଇଥିଲା । ଏ ଦୁର୍ଘଟଣାର ଗୋଟିଏ ବର୍ଷ ପରେ ଚଟାଗଞ୍ଜରୁ ଗୋଟିଏ ବଡ ସୈନ୍ୟଦଳ, ବିଦ୍ରୋହୀ ମିଜୋମାନଙ୍କୁ ଦମନ କରିବା ପାଇଁ ବାହାରିଲେ । ବିନା କୌଣସି ଗୁଳିଗୋଳା ବିନିମୟରେ ବେଙ୍ଗଖୁଇଆ ଜୋଲୁଟୀକୁ ଇଂରେଜମାନଙ୍କ ହାତରେ ଅର୍ପଣ କରିଦେଇଥିଲେ ।

ସେ ସମୟରେ ଆକ୍ରମଣରେ ଭାଗନେଇଥିବା ଜଣେ ଇଂରେଜ ସୈନ୍ୟଙ୍କ ଲେଖାରୁ ଜଣାପଡେ ଯେ ଜୋଲୁଟୀ କୁଆଡେ ତାର ସାଙ୍ଗସାଥୀମାନଙ୍କୁ ଖୋଜୁଁନଥିଲା । ବର୍ଷେକାଳ ମିଜୋମାନେ ପିଲାଟିର ଯତ୍ନ ନେବା ସାଥେ ସାଥେ ତାକୁ ଅନେକ ମିଜୋଗୀତ ବି ଶିଖେଇ ଦେଇଥିଲେ । ସାଙ୍ଗସାଥୀ, ପର୍ବତଟାପୁ, ଗାଢ ଅନ୍ଧାର ରାତି, ବାଉଁଶ ବଣର ସନ୍ ସନ୍ ଶବ୍ଦ, ଛଳଛଳ ନଈ ଆଦି ସବୁକିଛି ସ୍ୱପ୍ନପରି କଟିଗଲା ପରେ ଇଂଲଣ୍ଡ ଫେରିଯାଇ ଜୋଲୁଟୀ କୁଆଡେ ଢେର ଦିନଯାଏ ଅନ୍ୟମନସ୍କ ରହିଥିଲା ।

ଇତିହାସର ସେଇ ଘଟଣାଟିକୁ ମନେ ପକାଇ, ନିଜ ଟିକି ଝିଅଟିକୁ ଫେରିପାଇବା ପରେ ବାପା ତା ନାଁ ରଖିଥିଲେ ଜୋଲୁଟୀ । ବୟସ ସେତେବେଳକୁ ଥିଲା ମାତ୍ର ୫ ବର୍ଷ । ପୋଷାକ ବଦଳେଇ ସାଥିରେ କିଛି ସରବତ୍ ଓ କଟା ଫଳ ଆଣିଲା ବେଳକୁ ଆମେ ଦେଖୁଥିଲୁ ୩୦ ବର୍ଷ ବୟସ୍କ ଜୋଲୁଟୀଙ୍କୁ । ସେ ସଙ୍କୋଚହୀନ ଭାବେ କରମର୍ଦ୍ଦନ କରି ସିଧାସଳଖ ଭାବେ କଥା ଆରମ୍ଭ କରିଦେଲେ । କେବଳ ରାଜନୀତି ସହ ସଂଶ୍ଲିଷ୍ଟ ମହିଳାମାନେ ହିଁ ଏପରି କଥାବାର୍ତ୍ତାରେ ନୈପୁଣ୍ୟ ଦେଖାଇ ପାରନ୍ତି । ପରେ ପରେ ଶୁଣିଲି ଯେ, କୁଆଡେ ପିତାଙ୍କ ଖ୍ୟାତିକ୍ରମେ ଅନେକ ନେତା ତାଙ୍କୁ ନିଜ ପାର୍ଟିର ସଭ୍ୟଭାବେ ନିର୍ବାଚନରେ ଲଢିବାକୁ କହୁଛନ୍ତି, କିନ୍ତୁ ରାଜନୀତିରେ କୌଣସି ଆଗ୍ରହ ନଥିବା କାରଣ ଦର୍ଶାଇ ସେ ସମସ୍ତଙ୍କୁ ଫେରେଇ ଦେଉଛନ୍ତି । ତା ନ ହୋଇଥିଲେ ମିଜୋ ନ୍ୟାସନାଲ୍ ଫ୍ରଣ୍ଟ୍ ତରଫରୁ ସେ କେବେଠୁ ଟିକେଟ୍ ପାଇ ଶାସକ ଦଳରେ ସାମିଲ ହୋଇଥାନ୍ତେ । କହିବା ବାହୁଲ୍ୟ ତାଙ୍କ ଭଳି ଲୋକପ୍ରିୟ ବ୍ୟକ୍ତିତ୍ୱଙ୍କ ପ୍ରତ୍ୟାବର୍ତ୍ତନକୁ ମିଜୋ ଫ୍ରଣ୍ଟ୍ ଏବେ ବି ରାହିଁ ରହିଛି ।

ପ୍ରସଙ୍ଗକ୍ରମେ ସେ ନିଜ ବିବାହ କଥା କହିଲେ । ଆଇଜଲ୍ ୟୁନିଭରସିଟିରେ ପାଠ ପଢୁଥିବା ବେଳେ ପ୍ରଥମ ଦେଖାରେ ହିଁ ସେ ଭାଲପାଙ୍କ ସହ ପ୍ରେମରେ ପଡିଯାଇଥିଲେ । ଅଲଗା ଆଦର୍ଶ ନେଇ ବେସାଲିସ୍ ଜୀବନ ବଞ୍ଚୁଥିବା ଭାଲପାଙ୍କ ଭିତରେ ସେ ଏକ ପ୍ରଚଣ୍ଡ ସମ୍ଭାବନା

ଦେଖିପାରୁଥିଲେ । ମିଜୋରାମରେ ଝିଅପୁଅଙ୍କ ସମ୍ମତି ବିନା ବିବାହ ଅସମ୍ଭବ । କଟ୍ ସିପ୍, ଏଙ୍ଗେଜମେଣ୍ଟ ଭଳି ବିଭିନ୍ନ ସୋପାନ ଅତିକ୍ରମ କଲାପରେ ଯାଇ ବିବାହ ହୋଇଥାଏ ।ବିବାହ ବେଳେ ବରପକ୍ଷରୁ କନ୍ୟାଘରକୁ ଯୌତୁକ ବା କନ୍ୟାସୁନା ଦେବାକୁ ପଡିଥାଏ ଏବଂ ବାପା-ମା-ବନ୍ଧୁବାନ୍ଧବଙ୍କ ଗହଣରେ ବିବାହ ହୋଇଥାଏ, ଯାହାକୁ ପାଲ୍ଇ କୁହାଯାଏ । ଯେଉଁ ଝିଅ ଯେତେ ସୁନ୍ଦରୀ, ସ୍ୱାସ୍ଥ୍ୟବତୀ, ଉଚ୍ଚଶିକ୍ଷିତା ତଥା ସମ୍ଭ୍ରାନ୍ତ ଘରର କନ୍ୟା ତଦନୁସାରେ ତା ର ଚାହିଦା ଅଧିକା, ତେଣୁ କନ୍ୟା ସୁନା ବି ଅଧିକା । ଜୋଲୁଟୀଙ୍କ ପାଖରେ ସବୁ ଗୁଣ ଥିଲା । ଏଣେ ଭାଲପା ଥିଲେ କପର୍ଦ୍ଦକଶୂନ୍ୟ ଯୁବକ । ସେ ବାକବକର ହୋଇ କନ୍ୟାସୁନା ଦେଇଥିଲେ । ଜୋଲୁଟୀ ଥଟ୍ଟାକରି କହୁଥିଲେ - ଏପର୍ଯ୍ୟନ୍ତ ବାକ ସୁଝା ହୋଇନ । ମୋ ପୁଅ ବଡ ହେଲେ ସେସବୁ ଶୁଝିବ ।

କାନ୍ଥରେ ଲାଗିଥିବା ଜଣେ ସୁନ୍ଦରୀ ଝିଅର ଫଟୋଟିକୁ ଆମେ ନଜର ଆନ୍ଦାଜ କରି ରହିପାରିଲୁ ନାହିଁ । ସୁନ୍ଦରୀ ବୋଲି ପ୍ରଶଂସା ଶୁଣିଲେ କୋଉ ଝିଅ ପାଟି ଚୁପ୍ କରି ବସିବେ ଯେ ଜୋଲୁଟୀ ସେଥିରୁ ବାଦ୍ ପଡିବେ । ସେଇଟା କୁଆଡେ ଥିଲା ତାଙ୍କ କଲେଜ ପଢିଲା ବେଳର ଫଟୋ । କଲେଜରେ ଡ୍ରାମା ଚାଲିଥାଏ ଏବଂ ଜୋଲୁଟୀଙ୍କୁ ମିଳଥାଏ ମୁଖ୍ୟ ନାୟିକାର ରୋଲ୍ । କଲେଜ ପଡିଆରେ ହିଁ ଫଟୋଟି ଉଠାଯାଇଥାଏ । ଡ୍ରାମାରେ ସେ ହୋଇଥିଲେ - ଚୁଆନଜ୍ୱାଲ୍ ଗାଁର ସୁନ୍ଦରୀ ଝିଅ ଚଙ୍ଗ୍ ପୁଇ । ୧୯୩୨ ମସିହାରେ ତରୁଣ ମିଜୋ ଲେଖକ କାଫିଲିଆଙ୍କ ଦ୍ୱାରା ଲେଖାଯାଇଥିବା ଏକ ଉପନ୍ୟାସ ଥିଲା ଡ୍ରାମାର କଥାବସ୍ତୁ । କହିବା ବାହୁଲ୍ୟ ତା ପରଠୁ କଲେଜ ପିଲାଙ୍କ ଗହଣରେ ଜୋଲୁଟୀଙ୍କ ନୂଆ ନାମ ଚଙ୍ଗ୍ ପୁଇ ହୋଇଯାଇଥିଲା ।

କାଫିଲିଆ ମାତ୍ର ବଞ୍ଚିଥିଲେ ତିରିଶ ବର୍ଷ (୧୯୧୦-୧୯୪୦) ଏବଂ ଉପନ୍ୟାସଟି ଲେଖା ଯାଇଥିଲା ୧୯୩୯ ମସିହାରେ । ଲେଖକ ଚଙ୍ଗପୁଇର ପ୍ରେମିକ ଭାବେ କାପଲୁଆଙ୍ଗା ନାମକ ଏକ କାଳ୍ପନିକ ଚରିତ୍ର ସୃଷ୍ଟି କରିଥିଲେ ଏବଂ ସେ ଚରିତ୍ର ଭିତରେ ନିଜକୁ ଏପରି ଭାବେ ହଜେଇ ଦେଇଥିଲେ ଯେ ଚଙ୍ଗପୁଇର ମୃତ୍ୟୁ କଥା ଲେଖିବାପରେ ଖୋଦ୍ ଲେଖକ ବି ଆଉ ବେଶୀଦିନ ବଞ୍ଚିବାକୁ ଚାହିଁଲେ ନାହିଁ । ଏହା ଥିଲା ମିଜୋ ଭାଷାରେ ଲେଖା ଯାଇଥିବା ପ୍ରଥମ ଉପନ୍ୟାସ, ଯାହାକୁ ବିଶ୍ୱବିଦ୍ୟାଳୟରେ ଏବେ ପଢାଯାଉଛି । ଆମେ ସମସ୍ତେ କାଫିଲିଆଙ୍କ ସେ ଉପନ୍ୟାସଟି ବିଷୟରେ ଶୁଣିବାକୁ ଚାହିଁଥିଲୁ ଏବଂ ଶୁଣିଲୁ ମଧ୍ୟ - ତାହା ପୁଣି ଚଙ୍ଗପୁଇ ଚରିତ୍ରରେ ଅଭିନୟ କରିଥିବା କଳାକାରଙ୍କଠାରୁ ।

ମିଜୋରାମର ଅତୀତ ଥିଲା ବିଭିନ୍ନ ଜନଜାତି ଓ ଗାଁ ଗାଁ ମଧ୍ୟରେ ଲାଗିଥିବା ଯୁଦ୍ଧ ଓ ବିଭୀଷିକାର ଅନ୍ଧାକାର ସମୟ । କେବେ ପୂର୍ବ ପଶ୍ଚିମ ଭିତରେ ଯୁଦ୍ଧ ଲାଗୁଥିଲା ତ କେବେ

ଉତ୍ତର ଓ ଦକ୍ଷିଣ ଭାଗରେ ରହୁଥିବା ଜନପଦମାନଙ୍କ ଭିତରେ । ଗୋଟିଏ ଗାଁ ଆଉ ଗୋଟିଏ ଗାଁକୁ ଆକ୍ରମଣ କରୁଥିଲା । ଘରଦ୍ୱାର ଜାଳପୋଡି ଧ୍ୱଂସ କରୁଥିଲା, ଲୋକଙ୍କୁ ହତ୍ୟା କରୁଥିଲା ଓ ହାରିଯାଇ ବଞ୍ଚିଥିବା ଲୋକଙ୍କୁ ଧରି ଆଣି ନିଜ ଗାଁରେ ସାରା ଜୀବନ ଦାସ କରି ରଖୁଥିଲା । ଟାପିଜ୍ ଗାଁର ଲୋକେ ରୁଆନଜ୍ୱାଲ୍ ଗାଁ ଉପରେ ଆକ୍ରମଣ କଲେ । ରୁଆନଜ୍ୱାଲ୍ ର ଲୋକେ ଯେବେ ନିଜ ଗାଁର ବାଉଁଶ ଘେରା ଦୁର୍ଗରୁ ବାହାରି ଜଙ୍ଗଲ ଦିଗେ ବା ଚାଷଜମି ଦିଗେ ବାହାରିଲେ, ଟାପିଜ୍ ର ଯୋଦ୍ଧାମାନେ ସେମାନଙ୍କୁ ହତ୍ୟା କଲେ । ପରେ ରୁଆନଜ୍ୱାଲ୍‌କୁ ପୋଡିଜାଳ ଦିଆଗଲା ଏବଂ ଗଣହତ୍ୟା ଚାଲିଲା । ସେ ଭିତରେ ଥିଲେ ଚଙ୍ଗପୁଇ ନାମକ ଜଣେ ଅସମାନ୍ୟ ସୁନ୍ଦରୀ, ମିଷ୍ଟଭାଷୀ ଯୁବତୀ । ଟାପିଜ୍ ର ଯୋଦ୍ଧାମାନେ ଚଙ୍ଗପୁଇଙ୍କୁ ମଧ୍ୟ ହତ୍ୟା କରିଥିଲେ । ଏହି ଐତିହାସିକ କଥାବସ୍ତୁକୁ ଭିତ୍ତିକରି କାଫିଲିଆ ତାଙ୍କର ଉପନ୍ୟାସଟି ଲେଖିଥିଲେ ।

ଆମେ ଲୋଭ ସମ୍ବରଣ ନକରି ପାରି ଜୁଲୋଟୀଙ୍କୁ ଅନୁରୋଧ କଲୁ ଯେ ସେ ସେହି ନାଟକର କିଛି ସଂଳାପ ବା ସଂଗୀତ ଆମକୁ ଶୁଣାନ୍ତୁ । ବିନା ସଂକୋଚରେ, ହାତ ହଲାଇ ଜୋଲୁଟୀ ଗୀତଟିଏ ଗାଇବା ଆରମ୍ଭ କଲେ । ବିଜୟୀ ଟାପିଜ୍ ର ଯୋଦ୍ଧାମାନେ, ପରାଜିତ ଚଙ୍ଗପୁଇ ଗାଁ ଲୋକଙ୍କୁ ଗୀତ ମାଧ୍ୟମରେ କିଛି କହୁଛନ୍ତି । ଗୀତଟିର ଓଡିଆ ଭାବାନୁବାଦ ନିମ୍ନ ପ୍ରକାରେ ହେବ-

ଆମେ ତାଙ୍କୁ ହତ୍ୟାକରି ଚିରଦିନ ଲାଗି ଶୁଆଇଦେଲୁ
ଆମେ ସାହସୀ ଯୋଦ୍ଧାମାନେ ଖଣ୍ଡା ବୁଲାଇଲୁ
ଏବଂ ତୁମ ଚଙ୍ଗପୁଇର ବାପା ମା କାନ୍ଦିବାକୁ ବାଧ୍ୟ ହେଲେ ।
ତୁମେ କହିଲ - ତୁମେ ପ୍ରାଚ୍ୟବାସୀ ଭାରୀ ସାହସୀ !
ହାଏ...ଯୁଦ୍ଧ କରୁ କରୁ ତୁମେ ଖସାଇ ଦେଲ
ତୁମର ଗର୍ବ ଓ ଖୁସିବାସିଆ ଚଙ୍ଗପୁଇ ପକ୍ଷୀକୁ ।

ଜୋଲୁଟୀଙ୍କ କୋଳରେ ବସି, ମା ମୁହଁକୁ ବଲବଲ ଅନାଉଥିବା ତାଙ୍କ ଟିକପୁଅଟି ମଧ୍ୟ ଗୀତର ମଜା ନେଉଥିଲା । ଚଙ୍ଗପୁଇର ଅପମୃତ୍ୟୁ ନେଇ ମୁଁ ଅବଶ୍ୟ ଚିନ୍ତିତ ଥିଲି । ଅସଲ କଥା ହେଲା ଚଙ୍ଗପୁଇମାନେ କେବେ ହେଲେ ମରନ୍ତି ନାହିଁ । କାବ୍ୟରେ, କବିତାରେ, କାହାଣୀରେ ବା କିଛି ନହେଲେ ସ୍ମୃତିରେ ବି ବଞ୍ଚିରହନ୍ତି ।

ଭାରତୀୟ ଜୀବନବୀମା ନିଗମ, କୋରାପୁଟ, ଓଡିଶା

# କପାଳ ଲିଖନ



ଲିନା ମହାନ୍ତି

ତୋ ଦୋଷ ନୁହେଁ ଏତ କପାଳ ଲିଖନ,
ତଥାପି ମିଶି ଯାଇଥିଲା ଏଇ ଦୁଇ ମନ..
ନା ଥିଲା ଦୁରେଇବାର ଦୁଃଖ..
ସେଥିପାଇଁ ମନରେ ଥିଲା ସ୍ୱପ୍ନ ଅନେକ..
ଟିକେ ତତେ ଦେଖିଦେଲେ ଓଠରେ,
ଫୁଟି ଉଠୁଥିଲା ହସର ଜୁଆର,
ସବୁ ସୁଖ ଦୁଃଖରେ ତୁ ଥିଲୁ ନଜଠୁ ବି ନଜର..
ଏତେ ଆପଣାର ହେଇଯାଇଥିଲୁ ଯେ,
ଥିଲା ସବୁ ଅଭିମାନ ତୋରି ପାଖରେ,
ହାତ ଧରି ଚ଼ାଲିବାକୁ ବାଛି ନେଇଥିଲି, ତୋରି ସାଥିରେ...
ହଠାତ ସେ ହାତ କଏ ମୋଠୁ ଛଡେଇନେଲା,
ଲାଗିଲା ଯେମିତି କଏ ମତେ ଶକ୍ତ ଧକ୍କା ଦେଲା..
ତଥାପି ମୁଁ ହାରିଯାଇନଥିଲି,
ସେଇ ରାସ୍ତାରେ ମୁଁ ତୋ ବାଟକୁ ଅନେଇ ବସିଥିଲି..
ଖୋଜୁଥିଲି ତୋର ସେଇ ପ୍ରେମର ପରଶ...
ଥିଲା ମୋ ଭଲ ପାଇବାରେ ପ୍ରଗାଢ ବିଶ୍ୱାସ..
ଫେରିବୁ ତୁ ଦିନେ ସାଜି ମୋ ରାଜକୁମାର,
ସବୁଦିନ ପାଇଁ ହେଇଯିବୁ ମୋ ନଜଠୁ ନଜର..
ହଜିଯାଇଥିଲା ମନ ତୋରି ପାଖରେ,

ରହୁଥିଲି ପ୍ରତିକ୍ଷଣ ତୋ ଅପେକ୍ଷାରେ..

ହେଲେ ତୁ ଫେରିଲୁନ..

ଦୁନିଆ ଆଗରେ ସିନା ମୋ ଲୁହ ଲୁଚେଇ ଦଉଥିଲି,

ନିତି ମୁଁ ନିରବରେ ମୋ ତକିଆ ଭିଜାଉଥିଲି,

ପୁଣି ମନେ ପଡିଯାଉଥିଲା,

ତତେ କାଳେ କଷ୍ଟ ହେଉନଥିବ ତ..

ପୋଛି ପକାଉଥିଲି ମୋ ଆଖିର ଲୁହକୁ,

ମୋ ଯନ୍ତ୍ରଣାରୁ ବୁଝିଯାଉଥିଲି ତୋ ଯନ୍ତ୍ରଣାକୁ..

ନଥିଲା ତୋ ଫେରିବାର ଆଉ ଟିକେ ବି ବିଶ୍ୱାସ,

କେବଳ ଅପେକ୍ଷା ଥିଲା ମୋ ଜୀବନର ଶେଷ ନିଶ୍ୱାସ..

**"ବେଦାନ୍ତୀ ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ଫେବୃୟାରୀ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା: vedantimagazine@gmail.com"**

# ଉଠ୍ ରେ ପୁତା ଉଠ୍



ଫିରୋଜ କୁମାର ପଟେଲ

ଅନ୍ଧାର ଗିଲିଦଉ ନୀଲିଆ ଆକାଶ
ଲିଭିଯାଉ ଜନ ତର୍
କଲ୍‌ମେଘ ଆସୁ ଗରଜି ଗରଜି
ପଡୁ ଶ୍ରାବଣର୍ ଧାର୍
ଡରବୁ ନାଇଁ, ହାରବୁ ନାଇଁ
ଆଶ୍ ଆର୍ ବିଶ୍ୱାସ୍ କେ ଧରି
ଗ୍ଲୁଥା ଜୀବନ୍ ସାର୍ ।

ନଜର୍ ହଇ ଯାଉ ନ ପର
ଲୁଟି ଯାଉ ର୍ଜଘର
ଝର୍‌ବୁ ନାଇଁ ଆଁଖଲ୍
ନଜର ଲୋକର ଚକ୍ରବିହ୍ୟୁନେ
ଅମିମନ୍ୟୁ ମିତାର...ତୁଇ
ବିପଦର ସାମ୍ନା କର ।

ବସିଗଲେ ନାଇଁ ମିଲେ କଛି
ସୁଖର ପଖାଲ୍ ଖାଇକାଞ୍ଜେ
ସଂସାର ଢେଁଙ୍କିନ ତୋର
ଜୀବନକେ
ଥର୍ ଥର୍ କରି କୁଟ୍
ଉଟ୍ ରେ ପୁତା ଉଠ୍ ।

ଅବନକେଲା, ସୁନ୍ଦରଗଡ, ଓଡିଶା

# ଲାଭ



ଇଂ. ସାରଦା ପ୍ରସାଦ ପରିଡା

ରବିବାର ର ସନ୍ଧ୍ୟା । ସହରର ମୁଖ୍ୟ ବଜାରରେ ଲାଗିଥାଏ ଗହଳ ଚହଳ । ମୁଖ୍ୟ ବଜାର ର ରାସ୍ତା ରେ ଲାଗିଥାଏ ଉଠାଦୋକାନୀ ମାନଙ୍କର ଆସର । ତା'ରି ଭିତରେ ଜେନେତେନେ ଜାଗା ଖଣ୍ଡେ ନେଇ ବସିଥାନ୍ତି ଜଣେ ଦୃଷ୍ଟିହୀନ ବୃଦ୍ଧ ବ୍ୟକ୍ତି । ଏକ ଛୋଟ ପାଲ ଉପରେ ସଜେଇ ରଖିଥାନ୍ତି ଅଳ୍ପକିଛି ଖେଳଣା ଓ ମନୋରଞ୍ଜନ ଧର୍ମୀ କିଛି କ୍ଷୁଦ୍ର ପୁସ୍ତକ । ତା'ରି ପାଖରେ ରଖିଥାନ୍ତି ଏକ ଶରୀର ଓଜନ ମାପ ଯନ୍ତ୍ର । ଅନେକ ଦୃଷ୍ଟିହୀନ ବ୍ୟକ୍ତି ଭିକ୍ଷା କରୁଥିଲେ ମଧ୍ୟ, ବୃଦ୍ଧ ବ୍ୟକ୍ତି ଜଣକ ନିଜର ସ୍ୱାଭିମାନ ହେତୁ ଗୁଜୁରାଣ ମେଣ୍ଟେଇବା ପାଇଁ ଏଇ ପଥ ଟି ଆଦରି ନେଇ ଥାନ୍ତି । ବୃଦ୍ଧ ବ୍ୟକ୍ତି ଜଣଙ୍କ ଓଜନ ମାପିବା ପାଇଁ ସର୍ବନିମ୍ନ ମୂଲ୍ୟ ୪ ଟଙ୍କା ନିର୍ଦ୍ଧାରଣ କରିଥାନ୍ତି । ସେତିକିବେଳେ ଜଣେ ବଳିଷ୍ଠ ଭଦ୍ର ବ୍ୟକ୍ତି ଓଜନ ମାପିବା ପାଇଁ ଆସି ଛିଡା ହେଲେ । ଓଜନ ମାପି ସାରି ବୃଦ୍ଧ ବ୍ୟକ୍ତିଙ୍କୁ ପାଉଣା ପଚାରନ୍ତେ, ବୃଦ୍ଧ ବ୍ୟକ୍ତି ଜଣଙ୍କ ଚାରି ଟଙ୍କା ବୋଲି ଉତ୍ତର ଦେଲେ । ବୋଧେ ସେ ଭଦ୍ର ବ୍ୟକ୍ତି ଜଣଙ୍କୁ ମୂଲ୍ୟ କିଛି ଅଧିକା ଲାଗିଲା। ତହୁଁ ଭଦ୍ର ବ୍ୟକ୍ତି ଜଣଙ୍କ ୫ ଟଙ୍କା ବଢାଉ ବଢାଉ ବୃଦ୍ଧ ବ୍ୟକ୍ତି ଜଣଙ୍କ ଉଦ୍ଦେଶ୍ୟ ରେ ଅତ୍ୟନ୍ତ କାଟୁ ବାକ୍ୟ ପ୍ରୟୋଗ କଲେ, "ଅନ୍ୟ ଆଡେ ତ ସମସ୍ତେ ୩ ଟଙ୍କା ନେଉଛନ୍ତି, ତୁମର କାହିଁ ଏତେ ପଇସା । ମିଛରେ ଲୋକଙ୍କୁ ଠକ ନାଟକ କରୁଛ ...... । "

ଠିକ ସେତିକି ବେଳକୁ ଭଦ୍ର ବ୍ୟକ୍ତି ଜଣଙ୍କର ମୋବାଇଲ ଫୋନ ଟି ବାଜି ଉଠିଲା । ବାବୁ ଆଜ୍ଞା ମୋବାଇଲ ଫୋନରେ କଥା ହେଉ ହେଉ ବୋଧେ ତାଙ୍କର କେଉଁ ଭୃତ୍ୟଙ୍କୁ ନିର୍ଦ୍ଦେଶ ଦେବା ଢଙ୍ଗୀରେ କହୁଥାନ୍ତି, "ନା ନା ଯେତିକି କହିଛି ସେତିକି, ସେଥିରୁ ଟଙ୍କାଟିଏ ବି କମ ହେଲେ ମନା କରିଦିଅ, ମୁଁ ଗଲେ ବୁଝିବି । ଦର ଦାମ ଯାହା ହେଲାଣି ଦି ଚାରି ଟଙ୍କା ଲାଭ ନହେଲେ ସଂସ୍ଥା କେମିତି ଚଳିବ ?"

ମୁଁ ପାଳ ଭୁତ ଭଳି ଖାଲି ମୁଟ ମୁଟ ଚାହିଁ ଏ କଥୋପକଥନ ଶୁଣୁଥିଲି । ଏବେ ବିଚାର ଆପଣଙ୍କର ।

ଅଧ୍ୟାପକ, କୋଣାର୍କ ବିଜ୍ଞାନ ଓ କାରିଗରୀ ମହାବିଦ୍ୟାଳୟ, ଜଟଣୀ



# ମୁଁ

ପ୍ରବୋଧ ଚନ୍ଦ୍ର ମୁଦ୍ରା

ଏକାକ୍ଷର ଶବ୍ଦ ଉତ୍ପତି ନାମ ଅଟେ "ମୁଁ" କାର ।
ଶବ୍ଦ ଉଚ୍ଚାରଣ ମାତ୍ରକେ ଲାଗେ ଗୁରୁ-ଗମ୍ଭୀର ।।
ପ୍ରଥମ ପୁରୁଷ ଅଟଇ ବ୍ୟାକରଣ ଶାସ୍ତ୍ରର ।
କର୍ତ୍ତା ରୂପେ ବାକ୍ୟେ ପ୍ରୟୋଗ ହୁଏ ମୁଁ ନିରନ୍ତର ।।
ମୁଁ କାର ଶବ୍ଦଟି ସର୍ବଦା ଅହଂ ଭାବ ପ୍ରତୀକ ।
ଗର୍ବ ଅହଂ କାରେ ମନୁଷ୍ୟ ହୁଅଇ ଅବିବେକ ।।
କର୍ତ୍ତା ମୁହିଁ ବୋଲି ନିଜକୁ କରେ ବୃଥାଭିମାନ ।
ମଦମତ୍ତ ହୋଇ ସଭିଙ୍କୁ କରେ ସେ ଅପମାନ ।।
ଅସହିଷ୍ଣୁ-ଆତ୍ମବଡିମା- ପରଶ୍ରୀକାତରତା ।
ମୁଁକାର ଶବ୍ଦର ଅଟନ୍ତି ଏମାନେ ଜନ୍ମଦାତା ।।
ଅନର୍ଥ ଶବ୍ଦଟି ମୁଁକାର ସେ ମହାଭୟଙ୍କର ।
ଧନ-ଯୌବନ-ପ୍ରଭୁତ୍ୱ ଏ ସବୁ ତା' ସହୋଦର ।।
ମୁଁକାର ରୁ ମହାଭାରତ-ରାମାୟଣର ସୃଷ୍ଟି ।
ଗର୍ବଗାରିମାରେ ରାବଣ ହେଲା ତ୍ରିଲୋକପତି ।।
ମହାମାନୀ ଦୁର୍ଯ୍ୟୋଧନ ଯେ ହେଲେ ହସ୍ତିନାପତି ।
ମୁଁ କାର ପଣରୁ ଉଭୟେ ହୋଇଗଲେ ଯେ ଇତି ।।
ପ୍ରବଳପ୍ରତାପୀ କଂସର ଥିଲା ମୁଁ କାର ଭାବ ।
ଦର୍ପ-ଔଦ୍ଧତ୍ୟକୁ ବିନାଶ କରିଲେ ବାସୁଦେବ ।।
ବିଶ୍ୱାମିତ୍ର ଅହମିକାକୁ ଧ୍ୱଂସ କଲେ ବଶିଷ୍ଠ ।
ଶାନ୍ତ ଓ ଉଦାର ଗୁଣରେ ଯଶ କଲେ ସ୍ଥାପିତ ।।
ଅହମିକା ସହ ମମତ୍ୱ ଭାବ ଅଟେ ନିକୃଷ୍ଟ ।
ସଙ୍କୀର୍ଣ୍ଣତା ଥାଏ ମମତ୍ୱେ ବୁଦ୍ଧି ହୁଏ ବିନଷ୍ଟ ।।
ସ୍ୱେଚ୍ଛାଚାର ଅଟେ ଜନକ ଗର୍ବ-ଅହଙ୍କାରର ।
ଗୁରୁ-ଗୁରୁଜନ ସଭିଙ୍କୁ କରେ ସେ ହତାଦର ।।

ମୁଁ କାର ଭାବଟି ବ୍ୟକ୍ତିର ଅଟଇ ତାମସିକ ।
ନୀଚ-ଘୃଣ୍ୟ କାର୍ଯ୍ୟ କରିଣ ହୁଏ ଅସାମାଜିକ ।।
ସାଧୁତା ଗୁଣଟି ସର୍ବଦା ଅଟେ ମୁଁ କାର ଶୂନ୍ୟ ।
ମାନବରୁ ହୁଏ ମହାତ୍ମା ସର୍ବେ ଦିଅନ୍ତୁ ଧ୍ୟାନ ।।
ଗର୍ବୀ-ଅହଙ୍କାରୀ ମନୁଷ୍ୟ ଅଟେ ମହାନାସ୍ତିକ ।
ନ ରଖି ଈଶ୍ୱରେ ବିଶ୍ୱାସ କରେ ପାପ ଅନେକ ।।
ଅର୍ଜୁନଙ୍କ ଅହଂ ଭାବକୁ ପ୍ରଭୁ କରିଲେ କ୍ଷମା ।
"ମୁଁ" ନ ମଲେ ଅର୍ଜୁନ!ମୋତେ ତୁ ନ ପାଇବୁ ଜମା ।।
ଅହଙ୍କାରୀ ହିଟଲର୍ ର ଥିଲା ସ୍ୱେଚ୍ଛାଶାସନ ।
ନରହନ୍ତା ରୂପେ ବିଶ୍ୱରେ ହେଲା ପରିଗଣନ ।।
ହିଟଲର୍ ର ଅହଂ ଦୁର୍ଗ ଟି ହେଲା ଅଧୋପତନ ।
ତା' ସାମ୍ରାଜ୍ୟ ହେଲା ବିଧ୍ୱଂସ ନଜେ ହୋଇଲା ଚୂର୍ଣ୍ଣ ।।
ରବି-ଶଶୀ-ତାରା ଉର୍ଦ୍ଧ୍ୱରେ ସଦା ବିରାଜୁଥାନ୍ତି ।
ନିରହଂକାରେ ସଭିଙ୍କୁ ଜ୍ୟୋତି ପ୍ରକାଶୁଥାନ୍ତି ।।
ମୁଁ କାରର ପରିଭାଷା ଯେ ଅଟଇ ନିର୍ବୋଧତା ।
ଏହି ଦୁର୍ଗୁଣକୁ ତ୍ୟଜିଲେ ନର ହୁଏ ସାଧୁତା ।।
ଅହଂ-ମମତ୍ୱର ଚନ୍ତାରୁ ହୁଏ ଯିଏ ମୁକତ ।
ମହାତ୍ମା ଭାବରେ ଏ ଭବେ ସେହି ହୁଏ ପୂଜିତ ।।
ମୁଁ କାରର ସ୍ରଷ୍ଟା ଅଟଇ ଷଡରିପୁ ନର ର ।
ମହାବ୍ୟାଧି ହୋଇ ତାହାକୁ ନାଶ କରେ ସତ୍ୱର ।।
ମୁଁ କାରକୁ ତ୍ୟଜି ଉଦାର ଯେବେ ହୋଇବ ନର ।
ଈଶ୍ୱର କୃପାରେ ମହାନ ହେବ ସେ ନିରନ୍ତର ।।

ସାଙ୍କୁଡା,ଗଞ୍ଜାମ, ଓଡିଶା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com

# ତୁମ ପାଇଁ



ପ୍ରଦେଶ କୁମାର ପ୍ରଧାନ

କଛି ସ୍ୱପ୍ନ ଦେଖିବାକୁ
କଛି ପଥ ଗ୍ଭଲିବାକୁ
ଆଜି କାହିଁ ଇଛା ହୁଏ
ତୁମକୁ ସାଥି ସାଥେ ନେଇ,
ଜୀବନର ଶେଷ ବିନ୍ଦୁରେ
କରି ପୂର୍ଣ୍ଣ ଭରଷା
ଓଦା କାନ୍ଥେ ଯିବା ପାଇଁ ଶୋଇ ।
ତୁମକୁ ସାଥି ସାଥେ ନେଇ ।
ସ୍ମୃତିର ଫର୍ଦ୍ଦ ଓଲଟାଇ
ପ୍ରେମର ଗୀତି ଗାଇ
ଆଜି କାହିଁ ଇଛା ହୁଏ
ଆଉଥରେ ଜିଇଁବାକୁ,
ଦିନଗ୍ଭତି ଏକା କରି
ସମର୍ପିତ ପ୍ରାଣ ଭରି
କେବଳ ତୁମକୁ ସାଥି
ମନଭରି ଆଉଥରେ ଦେଖିବାକୁ ।
ଇଛା ହୁଏ
ତୁମକୁ ହିଁ ଭଲପାଏ କହିବାକୁ ।

ନଇଗୁଆଁ, ଅସ୍ତରଙ୍ଗ, ପୁରୀ

# ପ୍ରେମ



ସଚ୍ଚିଦା ନନ୍ଦ ବାରିକ

ଶୁନଶାନ ଖର୍‌ବେଳ ହେଉ କ
କୁହୁଡି ଆଚ୍ଛାଦିତ ଶୁଭ୍ର ସକାଳ
ସବୁ ଠି ଅଛି ପ୍ରେମ
ଏ ପ୍ରେମ କେତେ ସତ୍ୟ ଓ ଚରନ୍ତନ
ପ୍ରେମ କରୁଥିବା ଲୋକ ହିଁ କହି ପାରିବ କେବଳ ॥
ଆଜିକାଲି ର ବ୍ୟସ୍ତତା ଭର୍‌ ଜୀବନ ରେ
ଲୋକଙ୍କ ପାଖରେ ସମୟର ଘୋର ଅଭବ
ପରିସ୍ଥିତି ର କଷାଘାତ ରେ
ବୁଝି ହୁଏ ନାହି ପ୍ରେମ ଟା ସତ ନା ଛଳନା
ପ୍ରେମ ରେ ଆନ୍ତରିକତାର ଅଭାବ ନା
ପ୍ରେମିକା ଟି ସତ ନା
ମୋ ପ୍ରେମୀ ହୃଦୟ ପାଇଁ
ସେ ଏକ ସୁନ୍ଦର ମୁଖା ପିନ୍ଧା ଅବୟବ ॥
ଆଜିକାଲି ପ୍ରେମଟା ଅଙ୍କୁରିଅ ହୁଏ
ବର୍ଷସାର୍‌ ସବୁ ସମୟରେ
କଲେଜ କ୍ୟାମ୍ପସ ବସ୍‌ ଷ୍ଟପ ଆଉ
ପାର୍କରେ ଦିନର ଟାଣ ଖର୍‌ରେ
ସଞ୍ଜ ଲାଇଟର ଛାଇ ଅନ୍ଧାର ରେ ॥

ଅନେକ କଲେଜ ପଢୁଆ ସାଥିଟିଏ
ଖୋଜନ୍ତି
ଟାଇମ ପାସ୍‌ ମଉଜ ମଜଲିସ ପାଇଁ
ଲାଜ ସରମକୁ ଜଳାଞ୍ଜଳି ଦେଇ ମଜ୍ଜି
ଯାଆନ୍ତି
ଚୁଇଙ୍ଗମ ଭଳି ଜୀବନକୁ ଉପଭୋଗ
କରିବା ବାହାନାରେ
ଏଠି ବହୁତ କଛି ହେଇଯାଏ
ସମ୍ପର୍କର ରୂପରେଖ ହଠାତ୍‌ ବଦଳଯାଏ
ପ୍ରେମ କରିବା ଆଳରେ
ଅଭିନୟ କରିବାକୁ ପଡେ
କେବେ ସାଠିଟିଏ କେବେ ଜଗୁଆଳଟିଏ
ହୋଇ
ବେଳେବେଳେ ଅନେକ କାମ
ହୋଇଯାଏ ଆପେଆପେ
ବିନା ଖର୍ଚ୍ଚରେ ॥

ବାପୁଜୀ ନଗର, ଭୁବନେଶ୍ୱର

# ରାଶିରୁ ଜାଣନ୍ତୁ: କେମିତି କଟିବ ୨୦୧୭

## ବାର୍ଷିକ ରାଶିଫଳ-୨୦୧୭



### ମେଷ

ଦୃଢ଼ ସଂକଳ୍ପ ଓ ସ୍ଥିରଚିତ୍ତ ଆପଣଙ୍କୁ ଧୀରେ ଧୀରେ ସଫଳତା ଆଡ଼କୁ ଆଗେଇ ନେଇଯିବ। ଅପ୍ରେଲରୁ ଜୁଲାଇ ଓ ନଭେମ୍ବର ମାସରେ ବ୍ୟବସାୟରେ ସାମାନ୍ୟ ପରିବର୍ତ୍ତନ ଆଣି ଯଥେଷ୍ଟ ଲାଭ ପାଇବେ। ଯେଉଁମାନେ ନୂଆ ବ୍ୟବସାୟ ଉଦ୍ୟୋଗ କରିବାକୁ ଯୋଜନା କରି ରହିଛନ୍ତି ସେମାନେ ଅପ୍ରେଲ, ମଇ ମାସରେ ସରକାରୀ ସହଯୋଗ ପାଇପାରିବେ। ସେୟାର୍ ବଜାରରେ ଆପଣଙ୍କୁ ନିରାଶ ମିଳିପାରେ। ଚାକିରିଆଙ୍କ ପାଇଁ ବର୍ଷର ପ୍ରଥମାର୍ଦ୍ଧ ଏକ ମନଲାଖି ପରିବର୍ତ୍ତନ ଆଣିଦେବ। ପଦୋନ୍ନତି ବା ଦରମା ବୃଦ୍ଧି ହେବା ସହିତ ମନ ଚାହୁଁଥିବା ଅଞ୍ଚଳକୁ ବଦଳି ହୋଇପାରିବେ। ରାଜନୀତି କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କ ପାଇଁ ବର୍ଷଟି ଭଲ ରହିବ। ଦଳ ଓ ସଂଗଠନରେ ଆପଣଙ୍କର ସ୍ଥିତି ମଜଭୁତ ହେବ। ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହିତ ସାମୟିକ ମତଭେଦ ସତ୍ତ୍ୱେ ସମ୍ବନ୍ଧ ମଧୁର ରହିବ। ବର୍ଷର ଦ୍ୱିତୀୟାର୍ଦ୍ଧରେ ନୂଆ ଘର ବା ଯାନବାହନ କିଣିବେ। ଅବିବାହିତମାନଙ୍କ ପାଇଁ ଜୁନ୍, ଅଗଷ୍ଟ ଓ ନଭେମ୍ବର ମାସରେ ପ୍ରେମ ଓ ରୋମାନ୍ସ୍ ଅପେକ୍ଷା କରି ରହିଛି। ଛାତ୍ରଛାତ୍ରୀ ଚମତ୍କାର ଫଳାଫଳ କରିବେ। ବିଶେଷକରି ଡାକ୍ତରୀ ଏବଂ ଏମ୍.ବି.ଏ. ଛାତ୍ର। ସାଧାରଣ ଭାବେ ସ୍ୱାସ୍ଥ୍ୟ ଭଲ ରହିବ। ଶୁଭରଙ୍ଗ: ଲାଲ୍, ଫିକା ହଳଦିଆ ଓ ନାରଙ୍ଗୀ। ଶୁଭସଂଖ୍ୟା: ୧, ୨, ୩, ୬ ଓ ୯। ଶୁଭରାଶି: ସିଂହ ଓ ଧନୁରାଶି। ଶୁଭରତ୍ନ: ରକ୍ତପ୍ରବାଳ, ମାଣିକ୍ୟ ଓ ପଖୋରାଜ। ପୂଜାର୍ଚ୍ଚନା: କାର୍ତ୍ତିକେୟ ଓ ପ୍ରଭୁ ହନୁମାନ। ଶୁଭଯନ୍ତ୍ର: ମଙ୍ଗଳ ଯନ୍ତ୍ର।



### ବୃଷ

ଏ ବର୍ଷଟି ଆପଣଙ୍କ ଲାଗି ଧନାଗମ ଓ ନୂତନ ସୁଯୋଗର ପଥ ଉନ୍ମୁକ୍ତ କରିଦେବ। ମଇ, ଜୁନ୍ ମାସ ବେଳକୁ କୌଣସି ବୈଦେଶିକ ବେପାର ବାଣିଜ୍ୟର ସୁବିଧା ପାଇପାରିବେ। ଯେଉଁମାନେ ନୂଆ ବ୍ୟବସାୟ କରିବାକୁ ଆଗ୍ରହୀ, ସେମାନେ ସରକାରୀ ସହଯୋଗ ମଧ୍ୟ ପାଇପାରିବେ। ପ୍ରଫେସନାଲ୍ ବ୍ୟବସାୟୀମାନେ କୌଣସି ପୁରସ୍କାର ଦ୍ୱାରା ସମ୍ମାନିତ ହୋଇପାରନ୍ତି। ଚାକିରିଜୀବୀଙ୍କ ପାଇଁ ବର୍ଷର ପ୍ରଥମାର୍ଦ୍ଧ ଓ ସେପ୍ଟେମ୍ବର, ଅକ୍ଟୋବର ଦି'ମାସ ଦରମା ବୃଦ୍ଧି ବା ପଦୋନ୍ନତି ଲାଗି ସମୟ ଅନୁକୂଳ ରହିବ। ଚାକିରି ଖୋଜୁଥିବା ବ୍ୟକ୍ତିଙ୍କୁ ଏବର୍ଷ ବଢ଼ିଆ ଚାକିରି ମିଳିବ। ରାଜନୀତି କ୍ଷେତ୍ରରେ ଥିବା ବ୍ୟକ୍ତି ଫେବ୍ରୁଆରି ଓ ଜୁନ୍ ମାସରେ କୌଣସି ଉଚ୍ଚପଦକୁ ମନୋନୀତ ହୋଇପାରନ୍ତି। ବାପା ବା କୌଣସି ଆତ୍ମୀୟଙ୍କର ଅସୁସ୍ଥତା, ଛୋଟ ଭାଇ ଭଉଣୀ ଓ ଜୀବନସାଥୀଙ୍କ ସହିତ ସାମୟିକ ଝଗଡ଼ା ଆପଣଙ୍କ ମନକୁ ଅଶାନ୍ତ କରି ତୋଳିବ। ୨୪ରୁ ୩୩ ବର୍ଷ ବୟସର ଯୁବତୀଙ୍କ ପାଇଁ ବିବାହ ସୁଯୋଗ ରହିଛି। କିନ୍ତୁ ଜୀବନସାଥୀ ମନୋନୟନ କରିବାରେ

ବିଳମ୍ବ କରିପାରନ୍ତି। ଏବର୍ଷ ଛାତ୍ରୀମାନେ ଭଲ କରିବେ। ପ୍ରତିଯୋଗିତା ପରୀକ୍ଷାରେ ଆପଣ ଖୁବ୍ ଭଲ କରିବେ। ଯେଉଁମାନଙ୍କର ପେଟରୋଗ ଅଛି ସେମାନେ ଖାଦ୍ୟପେୟ ପ୍ରତି ସଜାଗ ରହନ୍ତୁ। ଗର୍ଭବତୀ ମହିଳାମାନେ ଅଗଷ୍ଟ ଓ ଡିସେମ୍ବର ମାସରେ ସତର୍କ ରହିବେ। ଶୁଭରଙ୍ଗ: ଧଳା, କ୍ରିମ୍ ଓ ନୀଳ। ଶୁଭସଂଖ୍ୟା: ୪, ୫, ୬ ଓ ୮। ଶୁଭରାଶି: ମକର, କନ୍ୟା ଓ ବୃଷରାଶି। ଶୁଭରତ୍ନ: ହୀରା ଓ ପାନ୍ନା। ପୂଜାର୍ଚ୍ଚନା: ମହାଲକ୍ଷ୍ମୀ ଓ ଧନପତି କୁବେର। ଶୁଭଯନ୍ତ୍ର: ଲକ୍ଷ୍ମୀ ଯନ୍ତ୍ର ଓ ଶ୍ରୀଯନ୍ତ୍ର।



## ମିଥୁନ

ଏ ବର୍ଷଟି ଆପଣଙ୍କ କ୍ୟାରିୟର୍ ଓ ଅର୍ଥାଗମ ଦୃଷ୍ଟିରୁ ଖୁବ୍ ଭଲ। ବେଶି ଲାଭ ପାଇଁ ଅଧିକ ମନୋଯୋଗରେ ସବୁ କାମ କରିବେ। ଜାନୁଆରି, ଅପ୍ରେଲ ଓ ଜୁନ୍ ମାସରେ ବହୁ ବ୍ୟାବସାୟିକ ସୁଯୋଗ ପାଇବେ। ବ୍ୟବସାୟ ବା ପେସାରେ ଢିଲା ହୁଅନ୍ତୁ ନାହିଁ। ଅଗଷ୍ଟ ସେପ୍ଟେମ୍ବର ଦି'ମାସ ସତର୍କ ନ ରହିଲେ ଅସୁବିଧାରେ ପଡ଼ିଯାଇପାରନ୍ତି। ଚାକରିରେ ଜାନୁଆରି, ଜୁଲାଇରୁ ଅଗଷ୍ଟ ମାସ ମଧ୍ୟରେ ମନ ଚାହୁଁଥିବା ଅଞ୍ଚଳକୁ ବଦଳ ହେବା ସହିତ ପଦୋନ୍ନତି ମିଳପାରେ। ରାଜନୀତି କରୁଥିବା ବ୍ୟକ୍ତିମାନେ ଏବର୍ଷ କେନ୍ଦ୍ରୀୟ ମନ୍ତ୍ରୀ ଓ ଦଳର ସର୍ବୋଚ୍ଚପଦରେ ଅଧିଷ୍ଠିତ ବ୍ୟକ୍ତିଙ୍କ ସହିତ କାମ କରିବାର ସୁଯୋଗ ପାଇବେ। ପାରିବାରିକ ଜୀବନ ସୁଖମୟ ଓ ଶାନ୍ତିମୟ ହେବ। ଜୁନ୍‌ରୁ ଡିସେମ୍ବର ମାସ ଭିତରେ ନୂଆ ଘର ବା କାର୍ କଣିବା ପାଇଁ ପ୍ରବଳ ଯୋଗ ରହିଛି। ମାର୍ଚ୍ଚ, ମଇ ଓ ଜୁନ୍ ମାସରେ ସପରିବାର ବାହାରକୁ ଛୁଟି କଟାଇବାକୁ ଯାଇପାରନ୍ତି। ଅବିବାହିତମାନେ ମଇ ଅକ୍ଟୋବର ଓ ନଭେମ୍ବର ମାସରେ ବିବାହ କରିବାର ସମ୍ଭାବନା ରହିଛି। ୨୩ରୁ ୩୨ ବର୍ଷର କୁମାରୀମାନେ ବିଦେଶରେ ବିବାହ କରି ପାରନ୍ତି। ଖେଳାଳିମାନେ ଜାତୀୟ ଦଳରେ ସ୍ଥାନ ବଜାୟ ରଖିବା ପାଇଁ କଠିନ ପରିଶ୍ରମ କରନ୍ତୁ। ଛାତ୍ରଛାତ୍ରୀ ନିଜ ନିଜର ପରିଶ୍ରମ ଅନୁସାରେ ସଫଳତା ପାଇବେ। ସାଧାରଣ ଭାବେ ସ୍ୱାସ୍ଥ୍ୟ ଭଲ ରହିବ। ଶୁଭରଙ୍ଗ: ଧଳା ଓ ସବୁଜ। ଶୁଭସଂଖ୍ୟା: ୧,୫, ୬ ଓ ୮। ଶୁଭରାଶି: ସିଂହ, କନ୍ୟା, ତୁଳା ଓ କୁମ୍ଭରାଶି। ଶୁଭରତ୍ନ: ପାନ୍ନା, ହୀରା ଓ ନୀଳା। ପୂଜାର୍ଚ୍ଚନା: ଧନପତି କୁବେର ଓ ଭଗବାନ ବିଷ୍ଣୁ। ଶୁଭଯନ୍ତ୍ର: ବୁଧ ଯନ୍ତ୍ର ଓ ଲକ୍ଷ୍ମୀ ଯନ୍ତ୍ର।



## କର୍କଟ

ଏବର୍ଷ ଆପଣ ସବୁ ଦିଗରୁ ସଫଳତା ଓ ଲାଭ ପାଇପାରିବେ। ବର୍ଷର କିଛି ମାସରେ ଆପଣଙ୍କ ଉପାର୍ଜନ ଆପଣଙ୍କ ଆଶାକୁ ମଧ୍ୟ ଟପିଯିବ। ଗତବର୍ଷରୁ ଯେଉଁମାନେ ନୂଆ ବ୍ୟବସାୟ ଉଦ୍ୟୋଗ କରିବାକୁ ଯୋଜନା କରିଛନ୍ତି ସେମାନେ ଏବର୍ଷ ସରକାରୀ ସହଯୋଗ ପାଇପାରିବେ। ଫେବ୍ରୁଆରିରୁ ଜୁନ୍ ମାସ ଭିତରେ ଚାକରିଜୀବୀଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ସେମାନେ ଏଇ ସମୟରେ ପଦୋନ୍ନତି ପାଇପାରିବେ। ମହିଳା ଶିଳ୍ପୋଦ୍ୟୋଗୀମାନେ ଏବର୍ଷ ଖୁବ୍ ଭଲ କରିପାରିବେ। ଏବର୍ଷ ରାଜନୀତି କ୍ଷେତ୍ରରେ ଥିବା ବ୍ୟକ୍ତିମାନେ ପୂରା ସକ୍ରିୟ ରହିବେ। ଶକ୍ତି ପ୍ରଦର୍ଶନ, ଧାରଣା ଓ ଆନ୍ଦୋଳନରେ ଆପଣଙ୍କର ଭୂମିକା ପ୍ରମୁଖ ରହିବ। ପାରିବାରିକ ଜୀବନ ହସିଲା ଫୁଟିଲା ଲାଗିବ।

ଅବିବାହିତମାନେ ସେପ୍ଟେମ୍ବରରୁ ଡିସେମ୍ବର ମାସ ଭିତରେ ରୋମାନ୍ସ୍‌ର ସୁଯୋଗ ପାଇବେ। ଛାତ୍ରଛାତ୍ରୀଙ୍କ ପାଇଁ ବର୍ଷଟି ଖୁବ୍ ଭଲରହିବ। ପରୀକ୍ଷାରେ ଯଥେଷ୍ଟ ସଫଳତା ହାସଲ କରିବେ। ସ୍ୱାସ୍ଥ୍ୟ ଭଲ ରହିବ। ରକ୍ତଗ୍ରୁପ ଓ ହୃଦ୍‌ରୋଗୀ ସ୍ୱାସ୍ଥ୍ୟର ଯତ୍ନ ନଅନ୍ତୁ। ଶୁଭରଙ୍ଗ: ଧଳା, ଫିକା ହଳଦିଆ ଓ ଲାଲ। ଶୁଭସଂଖ୍ୟା: ୧, ୨ ଓ ୯। ଶୁଭରାଶି: ବିଛା ଓ ମୀନରାଶି। ଶୁଭରତ୍ନ: ମୁକ୍ତା, ରକ୍ତପ୍ରବାଳ ଓ ପଖୋରାଜ। ପୂଜାର୍ଚ୍ଚନା: ହର ପାର୍ବତୀ। ଶୁଭଯନ୍ତ୍ର: ମଙ୍ଗଳ ଯନ୍ତ୍ର ଓ ଲକ୍ଷ୍ମୀ ଯନ୍ତ୍ର।



## ସିଂହ

ଅର୍ଥନୈତିକ ଦୃଷ୍ଟିରୁ ଏ ବର୍ଷଟି ଆପଣଙ୍କ ପାଇଁ ଚମତ୍କାର। ବିଶେଷ କରି ଜାନୁଆରି, ଫେବ୍ରୁଆରି, ଅପ୍ରେଲ, ଅଗଷ୍ଟ, ସେପ୍ଟେମ୍ବର ଓ ନଭେମ୍ବର ମାସରେ ପାଣ୍ଠି ବିନଯୋଗର ସୁଯୋଗ ଆସିବ। ଏଥିପାଇଁ ବୈଦେଶିକ ସୁବିଧାର ଆମନ୍ତ୍ରଣ ପାଇ ପାରନ୍ତି। ଶିଳ୍ପୋଦ୍ୟୋଗୀମାନେ ସେପ୍ଟେମ୍ବର ଓ ନଭେମ୍ବର ମାସରେ କୌଣସି ପୁରସ୍କାର ଦ୍ୱାରା ସମ୍ମାନିତ ହୋଇପାରନ୍ତି। ଚାକିରିଜୀବୀଙ୍କ ପାଇଁ ଅଗଷ୍ଟରୁ ଅକ୍ଟୋବର ମାସ ମଧ୍ୟରେ ପଦୋନ୍ନତିର ପ୍ରବଳ ଯୋଗ ରହିଛି। ବର୍ଷର ପ୍ରଥମାର୍ଦ୍ଧରେ ଚାକିରିରେ କିଛି ପରିବର୍ତ୍ତନ ବା ବଦଳ ହୋଇପାରନ୍ତି। ରାଜନୀତି କରୁଥିବା ବ୍ୟକ୍ତି ଏବର୍ଷ କୌଣସି ଉଚ୍ଚପଦକୁ ମନୋନୀତ ହେବେ। ଦାମ୍ପତ୍ୟ ଜୀବନରେ ମଧୁରତା ଆସିବ। ଅଗଷ୍ଟ ମାସ ବେଳକୁ ଗୃହ ପରିବର୍ତ୍ତନ ସମ୍ଭାବନା ରହିଛି। ବଦେଶ ଭ୍ରମଣର ସୁଯୋଗ ରହିଛି। ପ୍ରେମିକ ପ୍ରେମିକାମାନେ ଏବର୍ଷ ବିବାହସୁଖ ଲାଭ କରିବେ। ଛାତ୍ରମାନେ ଚମତ୍କାର ଫଳାଫଳ କରିବେ। ବିଶେଷକରି ଇଞ୍ଜିନିୟରିଂ ଓ ଡାକ୍ତରୀ ଛାତ୍ର। ସାଧାରଣ ଭାବେ ସ୍ୱାସ୍ଥ୍ୟ ଭଲ ରହିବ। ଯେଉଁମାନଙ୍କର ପେଟରୋଗ ଅଛି, ସେମାନେ ଦୃଷ୍ଟି ଦିଅନ୍ତୁ। ଖାଦ୍ୟ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ। ଶୁଭରଙ୍ଗ: ଗୋଲାପୀ, ଲାଲ ଓ ହଳଦିଆ। ଶୁଭସଂଖ୍ୟା: ୧, ୨, ୩, ୫ ଓ ୯। ଶୁଭରାଶି: ମେଷ, ସିଂହ ଓ ଧନୁରାଶି। ଶୁଭରତ୍ନ: ମାଣିକ୍ୟ ପଖୋରାଜ ଓ ରକ୍ତପ୍ରବାଳ। ପୂଜାର୍ଚ୍ଚନା: ବାବା ଆଖଣ୍ଡଳମଣି ଓ ସୂର୍ଯ୍ୟଦେବ। ଶୁଭଯନ୍ତ୍ର: ମହାମୃତ୍ୟୁଞ୍ଜୟ ଯନ୍ତ୍ର, ସୂର୍ଯ୍ୟ ଯନ୍ତ୍ର ଓ କନକଧାରା ଯନ୍ତ୍ର।



## କନ୍ୟା


ବର୍ଷ ପ୍ରାରମ୍ଭରୁ ଆପଣ ନିଜ କାର୍ଯ୍ୟ ଓ ଅର୍ଥନୈତିକ ପରିସ୍ଥିତି ପ୍ରତି ସଚେତନ ରହନ୍ତୁ। କଠିନ ପରିଶ୍ରମ ସତ୍ତ୍ୱେ ସେତେ ସଫଳ ହେବାର ସମ୍ଭାବନା ନାହିଁ। ଏପରିକି ଯେଉଁ ଯୋଜନା କରିଥିବେ ତାହା ହାତଛଡ଼ା ହୋଇଯାଇପାରେ। ଅନ୍ୟମାନଙ୍କର ଅସହଯୋଗ ଓ ଅର୍ଥାଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହେବ। କିନ୍ତୁ ଜୁଲାଇ ଅଗଷ୍ଟ ମାସ ବେଳକୁ ଗ୍ରହଚଳନ ଦୃଷ୍ଟିରୁ ହଠାତ୍ ପରିବର୍ତ୍ତନ ହେବ ଏବଂ କ୍ୟାରିୟର୍‌ରେ ସଫଳତା ଆସିବ। ଦୁଇରୁ ପାଞ୍ଚବର୍ଷ ପାଇଁ ବୈଦେଶିକ ବେପାର ବଣିଜର ସୁବିଧା ପାଇ ପାରିବେ। ଯେଉଁମାନେ ନୂଆ ବ୍ୟବସାୟ କରିବାକୁ ଆଗ୍ରହୀ, ସେମାନେ ସରକାରୀ ସହଯୋଗ ମଧ୍ୟ ପାଇପାରିବେ। ମଇରୁ ଅଗଷ୍ଟ ମାସ ଭିତରେ ଚାକିରିରେ ଏକ ମନଲାଖି ପରିବର୍ତ୍ତନ ହୋଇପାରେ। ରାଜନୀତି କରୁଥିବା ବ୍ୟକ୍ତିମାନଙ୍କୁ ଏବର୍ଷ ଭାଗ୍ୟ ପୂରା ସାଥ ଦେବ। ସେମାନେ ନିଜର ସୌଭାଗ୍ୟ ସ୍ଥଳରେ ପହଞ୍ଚିପାରିବେ। ଦାମ୍ପତ୍ୟ ସମ୍ବନ୍ଧରେ

ମଧୁରତା ବଜାୟ ରହିବ। ଆପଣଙ୍କର ବିବାହଯୋଗ୍ୟ କନ୍ୟା/ପୁତ୍ରଙ୍କର ବିବାହ ଉତ୍ସବ ସଂପନ୍ନ ହୋଇଯିବ। ୨୮ରୁ ୩୨ ବର୍ଷର କେତେକ ଯୁବକ ଯୁବତୀ ବିଦେଶରେ ବିବାହ କରିବେ। ଛାତ୍ରଛାତ୍ରୀ ଏ ବର୍ଷ ଖୁବ୍ ସଫଳତା ହାସଲ କରିପାରିବେ। ଯେଉଁମାନଙ୍କର ଗଣ୍ଠିବାତ, ପାଦପୀଡ଼ା, ଦନ୍ତ ଓ ଚକ୍ଷୁରେ ସମସ୍ୟା ଲାଗି ରହିଛି ସେମାନେ ସ୍ୱାସ୍ଥ୍ୟରେ ଯତ୍ନ ନଅନ୍ତୁ। ଶୁଭରଙ୍ଗ: ସବୁଜ ଓ ଧଳା। ଶୁଭସଂଖ୍ୟା: ୫, ୬ ଓ ୮। ଶୁଭରାଶି: ମିଥୁନ, କନ୍ୟା ଓ ମକରରାଶି। ଶୁଭରତ୍ନ: ପାନ୍ନା। ପୂଜାର୍ଚ୍ଚନା: ଭଗବାନ ବିଷ୍ଣୁ ଓ ମାଆ ଲକ୍ଷ୍ମୀ। ଶୁଭଯନ୍ତ୍ର: ଶ୍ରୀ ଯନ୍ତ୍ର ଓ କୁବେର ଯନ୍ତ୍ର।



## ତୁଳା

ଏକ ଚମତ୍କାର ସୌଭାଗ୍ୟର ବର୍ଷ ଆପଣଙ୍କୁ ଅପେକ୍ଷା କରି ରହିଛି। ଆପଣଙ୍କ କ୍ୟାରିୟର୍ ପାଇଁ ନୂଆ ସୁଯୋଗ। ଆୟ ବୃଦ୍ଧି, ନୂଆ ଚାକରି ସବୁକିଛି ଆପଣ ଏ ବର୍ଷଟିରେ ପାଇପାରିବେ। ବ୍ୟବସାୟରେ ପ୍ରଥମ ଚାରିମାସ ପ୍ରଚୁର ଲାଭ ପାଇବେ। ଆପଣ ବେପାର ବୃତ୍ତିରେ ଢିଲା ହୁଅନ୍ତୁ ନାହିଁ। ବିଶେଷକରି ମଇ, ଜୁନ୍, ଅକ୍ଟୋବର ଓ ନଭେମ୍ବର ମାସରେ ଟିକେ ସତର୍କ ନ ରହିଲେ ହଇରାଣରେ ପଡ଼ିଯାଇପାରନ୍ତି। ଚାକରିରେ ପଦୋନ୍ନତି ମିଳିବ। ଏଥିପାଇଁ ବର୍ଷର ପ୍ରଥମ ତିନମାସ ଓ ଜୁଲାଇ, ନଭେମ୍ବର ଦି'ମାସ ସମୟ ଅନୁକୂଳ ରହିବ। ମଇ ଅକ୍ଟୋବର ଓ ନଭେମ୍ବର ମାସରେ ଚାକରିରେ କିଛି ପରିବର୍ତ୍ତନ ବା ବଦଳି ହୋଇପାରନ୍ତି। ରାଜନୀତି କ୍ଷେତ୍ରରେ ଥିବା ବ୍ୟକ୍ତି ବର୍ଷର ଶେଷ ତିନମାସ ମଧ୍ୟରେ କୌଣସି ଉଚ୍ଚପଦକୁ ମନୋନୀତ ହୋଇପାରନ୍ତି। ପରିବାରରେ ସୁଖ ଓ ଶାନ୍ତି ବଜାୟ ରହିବ। ଅବିବାହିତମାନେ ଜାନୁଆରି, ଅଗଷ୍ଟ ଓ ଅକ୍ଟୋବର ମାସରେ ରୋମାନ୍ସ୍ ପାଇଁ ସୁଯୋଗ ପାଇବେ। ହେଲେ କୌଣସି ସ୍ଥିର ସଂପର୍କ ସୃଷ୍ଟି ହେବାର ସମ୍ଭାବନା ନାହିଁ। ଛାତ୍ରଛାତ୍ରୀ ଏକାଗ୍ରତା ସହିତ ପ୍ରଥମ କେତେମାସ ଅଧିକ ପରିଶ୍ରମ କରନ୍ତୁ। ଏଇ ରାଶିର କେତେକ ଛାତ୍ରଛାତ୍ରୀ ସେପ୍ଟେମ୍ବର, ଅକ୍ଟୋବର ମାସ ମଧ୍ୟରେ ଉଚ୍ଚଶିକ୍ଷା ଲାଗି ବିଦେଶ ଯାତ୍ରା କରିପାରନ୍ତି। ସ୍ୱାସ୍ଥ୍ୟ ଭଲ ରହିବ। ମଇ, ଜୁନ୍ ମାସରେ ବାହାର କାମରେ ଗଲାବେଳେ ଗାଡ଼ି ସାବଧାନ ସହ ଚଳାନ୍ତୁ। ଶୁଭରଙ୍ଗ: କ୍ରିମ୍, ଆକାଶୀ ନୀଳ ଓ ଫିକା ସବୁଜ। ଶୁଭସଂଖ୍ୟା: ୫, ୬ ଓ ୮। ଶୁଭରାଶି: ତୁଳା, ମିଥୁନ ଓ ମକରରାଶି। ଶୁଭରତ୍ନ: ହୀରା ଓ ଶ୍ୱେତବୈକ୍ରାନ୍ତମଣି। ପୂଜାର୍ଚ୍ଚନା: ମାଆ ଲକ୍ଷ୍ମୀ ଓ ଶ୍ରୀଗଣେଶ । ଶୁଭଯନ୍ତ୍ର: ଲକ୍ଷ୍ମୀ ଯନ୍ତ୍ର ଓ କୁବେର ଯନ୍ତ୍ର।



## ବିଛା

ଗ୍ରହମାନଙ୍କ ଶୁଭଦୃଷ୍ଟି ହେତୁ ଏ ବର୍ଷ ଆପଣ ଅର୍ଥନୈତିକ ସଫଳତା ପାଇବା ସାଙ୍ଗେ ସଙ୍ଗେ ବୃତ୍ତିଗତ ଉନ୍ନତି ମଧ୍ୟ କରିପାରିବେ। ପ୍ରଥମ ଦୁଇମାସ ମଧ୍ୟ ଅର୍ଥଗତ ସଫଳତା ପ୍ରଚୁର ମିଳିପାରିବ। ଜୁନ୍‌ରୁ ଅକ୍ଟୋବର ମଧ୍ୟରେ ଆୟ ବୃଦ୍ଧି ଓ ଅନ୍ୟାନ୍ୟ ସୁଯୋଗ ମିଳିବ। ଚଳଚ୍ଚିତ୍ର, ପ୍ରସାଧନ ସାମଗ୍ରୀ ଓ ହୋଟେଲ୍ ରେସ୍ତୋରାଁ ବ୍ୟବସାୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ନିଜ ନିଜର ସୌଭାଗ୍ୟ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ। ଚାକରିଜୀବୀଙ୍କ ପାଇଁ ବର୍ଷଟି ଭଲ। ଯଦିଓ ସହକର୍ମୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି ହୋଇପାରେ। ତଥାପି ଆପଣଙ୍କର ପଦୋନ୍ନତି ହେବ। ଜୁନ୍, ଜୁଲାଇ ଓ ଅକ୍ଟୋବରରୁ

ଡିସେମ୍ବର ମାସ ଭିତରେ ଚାକିରିରେ କିଛି ପରିବର୍ତ୍ତନ ବା ବଦଳ ହୋଇପାରନ୍ତି। ରାଜନୀତି କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କ ପାଇଁ ବର୍ଷଟି ଭଲ ରହିବ। ଦେଶର ଜଣାଶୁଣା ନେତାଙ୍କସହିତ ସଂପର୍କ ମଜଭୁତ ହେବ। ଆପଣ ନଜ କ୍ଷେତ୍ରରେ ବିକାଶ କାର୍ଯ୍ୟ କରିବାରେ ସଫଳ ହେବେ। ପାରିବାରିକ ଜୀବନ ସୁଖମୟ ହେବ। ପରିବାରରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହୋଇପାରେ। ଗ୍ରହ ଚଳନ ଦୃଷ୍ଟିରୁ ଜୁନ୍‌ରୁ ଅଗଷ୍ଟ ମାସ ଭିତରେ ଜୀବନସାଥୀଙ୍କ ସହିତ ଉତ୍ତମ ବୁଝାମଣାର ଅଭାବ ରହିବ। ଅବିବାହିତମାନେ ଫେବ୍ରୁଆରି ଓ ନଭେମ୍ବର ମାସରେ ନୂଆ ରୋମାନ୍ସର ସୁଯୋଗ ପାଇପାରିବେ। ସ୍ୱାସ୍ଥ୍ୟ ଭଲ ରହିବ। ହୃଦ୍‌ରୋଗୀ ଜାନୁଆରି ଫେବ୍ରୁଆରି ମାର୍ଚ୍ଚ ଓ ମଇ ମାସରେ ସତର୍କ ରହନ୍ତୁ। ଶୁଭରଙ୍ଗ: ଲାଲ, ଫିକା ହଳଦିଆ ଓ କ୍ରିମ୍। ଶୁଭସଂଖ୍ୟା: ୩, ୨ ଓ ୯। ଶୁଭରାଶି: କର୍କଟ, ମୀନରାଶି। ଶୁଭରତ୍ନ: ରକ୍ତପ୍ରବାଳ, ପୋଖରାଜ ଓ ମୁକ୍ତା। ପୂଜାର୍ଚ୍ଚନା: ମାଆ ବଗଳାମୁଖୀ ଓ ମାଆ ଭୈରବୀ। ଶୁଭଯନ୍ତ୍ର: ମଙ୍ଗଳ ଯନ୍ତ୍ର ଓ ବଗଳାମୁଖୀ ଯନ୍ତ୍ର।




## ଧନୁ

ଆପଣଙ୍କ ପାଇଁ ଏହା ଏକ ଫଳପ୍ରଦ ବର୍ଷ। ଧନ, ସଂପତ୍ତି ସବୁ କ୍ଷେତ୍ରରେ ସୁଫଳାଫଳ ଅପେକ୍ଷା କରି ରହିଛି। ଉଦ୍ୟୋଗ, କର୍ପୋରେଟ୍ ଓ ଜମି କ୍ରୟବିକ୍ରୟ ବ୍ୟବସାୟ କରୁଥିବା ଧନୁରାଶିର ବ୍ୟକ୍ତି ପ୍ରଚୁର ଲାଭ ପାଇବେ। ହେଲେ ଆଇନ ବିରୁଦ୍ଧରେ କିଛି କାମ କରନ୍ତୁ ନାହିଁ। ମାର୍ଚ୍ଚରୁ ଅଗଷ୍ଟ ମାସ ମଧ୍ୟରେ ଆୟକର ଓ ବାଣିଜ୍ୟକର ଅଧିକାରୀ ତଦାରଖ କରିପାରନ୍ତି। ଚାକିରିରେ ଏ ବର୍ଷଟି ଆପଣଙ୍କ ମନ ଚାହୁଁଥିବା ସ୍ଥାନକୁ ବଦଳ ବା ପରିବର୍ତ୍ତନ ଆଣିଦେବ। ଅକ୍ଟୋବର ମାସରେ ନୂଆ ଚାକିରିର ସୁଯୋଗ ରହିଛି। ଟେଲି ଓ ସିନେ କଳାକାରଙ୍କ ପାଇଁ ବର୍ଷଟି ଢେର୍ ଶୁଭଫଳ ଆଣିଦେବ। ବଡ଼ ପ୍ରଡକ୍ସନ୍ ସଂସ୍ଥାରେ କାମ କରିବାର ସୁଯୋଗ ମିଳବ। ରାଜନୀତି କ୍ଷେତ୍ରରେ ଥିବା ବ୍ୟକ୍ତି ଅପେକ୍ଷା କରନ୍ତୁ, ଅକ୍‌ଟୋବରରୁ ଡିସେମ୍ବର ମାସ ମଧ୍ୟରେ ଆପଣଙ୍କୁ କୌଣସି ପ୍ରଦେଶ ସ୍ତରର ପଦ ମିଳପାରେ। ପରିବାରରେ ହର୍ଷ ଉଲ୍ଲାସ ତଥା ଖୁସିର ବାତାବରଣ ରହିବ। ପ୍ରେମିକ ପ୍ରେମିକାମାନେ ଅକ୍ଟୋବରରୁ ଡିସେମ୍ବର ମାସ ମଧ୍ୟରେ ବିବାହସୁଖ ଲାଭ କରିବେ। ଖେଳାଳମାନେ କେତେକ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରି ଦଳକୁ ବିଜୟୀ କରାଇବେ। ଛାତ୍ରଛାତ୍ରୀଙ୍କ ପାଇଁ ବର୍ଷଟି ଖୁବ୍ ଭଲ। ଏଇ ରାଶିର କେତେକ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପାଇଁ ବିଦେଶ ମଧ୍ୟ ଯାଇପାରନ୍ତି। ସ୍ୱାସ୍ଥ୍ୟ ଦୃଷ୍ଟିରୁ ଏବର୍ଷ କୌଣସି ବିଶେଷ ସମସ୍ୟା ସୃଷ୍ଟି ହେବ ନାହିଁ। ଶୁଭରଙ୍ଗ: ଫିକା ହଳଦିଆ, ଗୋଲାପୀ ଓ ଲାଲ। ଶୁଭସଂଖ୍ୟା: ୩, ୧ ଓ ୯। ଶୁଭରାଶି: ଧନୁ, ମେଷ ଓ ସିଂହରାଶି। ଶୁଭରତ୍ନ: ପୋଖରାଜ ଓ ମାଣିକ୍ୟ। ପୂଜାର୍ଚ୍ଚନା: ସୂର୍ଯ୍ୟଦେବ ଓ ବାବା ଗୁପ୍ତେଶ୍ୱର। ଶୁଭଯନ୍ତ୍ର: ବୃହସ୍ପତି ଯନ୍ତ୍ର ଓ କୁବେର ଯନ୍ତ୍ର।



## ମକର

ଅର୍ଥ ଓ ବ୍ୟବସାୟ ଦୃଷ୍ଟିରୁ ଏ ବର୍ଷଟି ଆପଣଙ୍କ ପାଇଁ ସ୍ମରଣୀୟ। ଏଥିପାଇଁ ଫେବୃଆରି, ମାର୍ଚ୍ଚ ଓ ଜୁନ୍‌ରୁ ଅକ୍ଟୋବର ମାସ ବିଶେଷ ଲାଭପ୍ରଦ। ଉଦ୍ୟୋଗପତି, ମିଲ୍ ମାଲିକ ସୁନାଗହଣା ବ୍ୟବସାୟ ଓ ବୈଦେଶିକ ବେପାର କ୍ଷେତ୍ରରେ କାମ କରୁଥିବା ବ୍ୟକ୍ତିମାନେ ପ୍ରଚୁର ଲାଭ ପାଇପାରିବେ। ଚାକିରିଆଙ୍କ ପାଇଁ ବର୍ଷଟି ଭଲ ରହିବ। ଅପ୍ରେଲ, ଜୁଲାଇ ଅକ୍ଟୋବର ରୁ ଡିସେମ୍ବର ମାସ ଭିତରେ ପଦୋନ୍ନତି ବା ଦରମା ବୃଦ୍ଧି ହେବ। ବର୍ଷର ପ୍ରଥମ ପାଞ୍ଚ ମାସରେ ଚାକିରିରେ ଏକ ମନଲାଖି ପରିବର୍ତ୍ତନ ହେବାର ପ୍ରବଳ ଯୋଗ ରହିଛି। ମନ ଚାହୁଁଥିବା ଅଞ୍ଚଳକୁ ବଦଳି ମଧ୍ୟ ହୋଇପାରନ୍ତି। ଏଇ ରାଶିର କେତେକ ବ୍ୟକ୍ତି ବିଦେଶରେ ଚାକିରି ପାଇବେ। ରାଜନୀତି କ୍ଷେତ୍ରରେ ଥିବା ବ୍ୟକ୍ତିମାନେ ଦଳରେ ଆଧିପତ୍ୟ ବଢ଼ାଇବେ। ଆପଣ କ୍ୟାବିନେଟ, ରାଜ୍ୟମନ୍ତ୍ରୀ ଥିଲେ, ଆପଣଙ୍କ ବିଭାଗ ବଦଳାଇ ଆପଣଙ୍କୁ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ଅର୍ପଣ କରାଯାଇପାରେ। କଳାକାରଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ବଡ଼ ପ୍ରଡକ୍ସନ୍ ସଂସ୍ଥାର ଫିଲ୍ମ ଓ ଟେଲି ଧାରାବାହିକ ପାଇଁ ଅନୁବନ୍ଧ ମିଳିବ। ଛାତ୍ରଛାତ୍ରୀଙ୍କ ପାଇଁ ଏ ବର୍ଷଟି ଭଲ। ସାକ୍ଷାତକାର ଓ ପରୀକ୍ଷାରେ ଆପଣ ଖୁବ୍ ଭଲ କରିବେ। ଖେଳାଳିମାନେ ସଫଳତା ପାଇବେ। ଜୁନ୍‌ରୁ ଅକ୍ଟୋବର ମାସ ଭିତରେ ଦୁର୍ଘଟଣାରେ ଶିକାର ହୋଇପାରନ୍ତି। ଅଜୀର୍ଣ୍ଣ ଓ ୟୁରିନାରି ଇନ୍‌ଫେକ୍‌ସନ୍‌ର ସମ୍ଭାବନା ରହିଛି। ସାଧାରଣ ଭାବେ ସ୍ୱାସ୍ଥ୍ୟ ଭଲ ରହିବ। ଶୁଭରଙ୍ଗ: କଳା, ଆକାଶୀ ନୀଳ ଓ ଫିକା ସବୁଜ। ଶୁଭସଂଖ୍ୟା: ୪, ୬ ଓ ୮। ଶୁଭରାଶି: ବୃଷ, ତୁଳା ଓ କନ୍ୟାରାଶି। ଶୁଭରତ୍ନ: ନୀଳା, ହୀରା ଓ ପାନ୍ନା। ପୂଜାର୍ଚ୍ଚନା: ବାବା ଚନ୍ଦନେଶ୍ୱର ଓ ଧନପତି କୁବେର। ଶୁଭଯନ୍ତ୍ର: କୁବେର ଯନ୍ତ୍ର ଓ କନକଧାରା ଯନ୍ତ୍ର।



## କୁମ୍ଭ

ଧନସମ୍ପଦ ଓ ଚାକିରି ବୃଦ୍ଧି ଦୃଷ୍ଟିରୁ ଏ ବର୍ଷଟି ଆପଣଙ୍କ ମନ ସିଲଟରେ ଅଲେଖା କାଳିରେ ଲେଖିହୋଇ ରହିଯିବ। ବ୍ୟବସାୟରେ ପ୍ରଚୁର ଲାଭ ପାଇବେ। ଯେଉଁମାନେ ଗତ ବର୍ଷରୁ ନୂଆ ବେପାର ଉଦ୍ୟୋଗ କରିବାକୁ ଯୋଜନା କରି ରହିଛନ୍ତି, ସେମାନେ ଏ ବର୍ଷ ସବୁ ଦିଗରୁ ସାହାଯ୍ୟ ସହଯୋଗ ପାଇପାରିବେ। ଆପଣଙ୍କୁ ବେପାର ବୃଦ୍ଧି କ୍ଷେତ୍ରରେ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଜାନୁଆରି, ଫେବୃଆରି, ମଇ ଓ ଜୁନ୍ ମାସରେ ଟିକେ ସତର୍କ ନ ରହିଲେ ଅସୁବିଧାରେ ପଡ଼ିଯାଇପାରନ୍ତି। ଚାକିରିଆଙ୍କର ଅପ୍ରେଲ ଓ ଅକ୍ଟୋବର ରୁ ଡିସେମ୍ବର ମାସ ଭିତରେ ପଦୋନ୍ନତି ବା ଦରମା ବୃଦ୍ଧି ହୋଇପାରେ। ବ୍ୟକ୍ତିଗତ ଜୀବନରେ ଗତବର୍ଷ ଯେଉଁ ସମସ୍ୟାର ମେଘ ସୃଷ୍ଟି ହୋଇଥିଲା, ତାହା ଏ ବର୍ଷ ଅପସରି ଯିବ ଏବଂ ନୂତନ ବୁଝାମଣା ମଧ୍ୟ ସୃଷ୍ଟି ହୋଇପାରିବ। ଗତବର୍ଷ ଯେଉଁମାନେ ପ୍ରେମ ଓ ପ୍ରଣୟରେ ଅସଫଳ ହୋଇଥିଲେ ସେମାନେ ନୂଆ ରୋମାନ୍‌ସ୍‌ର ସୁଯୋଗ ପାଇବେ। ଯୁବଦମ୍ପତିମାନେ ନୂଆ ପରିବାର ଗଢ଼ିବାର ସୁଯୋଗ ପାଇପାରିବେ। ଖେଳାଳିମାନେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ

ଅଧିକ ସମୟ ଅଭ୍ୟାସ କରନ୍ତୁ। ଛାତ୍ରଛାତ୍ରୀ ନିଜ ନିଜର ଯୋଗ୍ୟତା ଅନୁସାରେ ସଫଳତା ହାସଲ କରିବେ। ସାଧାରଣ ଭାବେ ସ୍ୱାସ୍ଥ୍ୟ ଭଲ ରହିବ। ମହିଳାମାନେ ସ୍ୱାସ୍ଥ୍ୟ ପ୍ରତି ଟିକେ ସତର୍କ ରହନ୍ତୁ। ଶୁଭରଙ୍ଗ: ନୀଳ ଓ ଫିକା ସବୁଜ। ଶୁଭସଂଖ୍ୟା: ୪, ୬ ଓ ୮। ଶୁଭରାଶି: ମିଥୁନ ଓ ତୁଳାରାଶି। ଶୁଭରତ୍ନ: ନୀଳା ଓ ପାନ୍ନା। ପୂଜାର୍ଚ୍ଚନା: ମାଆ ଭଦ୍ରକାଳୀ ଓ ବାବା ଲିଙ୍ଗରାଜ। ଶୁଭଯନ୍ତ୍ର: ଶନି ଯନ୍ତ୍ର ଓ ବଗଳାମୁଖୀ ଯନ୍ତ୍ର।



## ମୀନ

ଆପଣଙ୍କ ପାଇଁ ଏ ବର୍ଷଟି ଉଲ୍ଲେଖନୀୟ ହେବ। ଆପଣ ପ୍ରତିଟି କାର୍ଯ୍ୟ ଉତ୍ସାହର ସହିତ କରିବେ। ଶିକ୍ଷଣ ସଂସ୍ଥାନ, ଚିକିତ୍ସାଳୟ ଓ ଔଷଧ ବ୍ୟବସାୟ କ୍ଷେତ୍ରରେ ଥିବା ବ୍ୟକ୍ତିମାନେ ବର୍ଷର କିଛି ମାସ ପ୍ରଚୁର ମାତ୍ରାରେ ଲାଭ ପାଇପାରିବେ। ଚାକିରିଜୀବୀଙ୍କ ପାଇଁ ଜାନୁଆରି, ଫେବ୍ରୁଆରି, ମଇ ଓ ଡିସେମ୍ବର ମାସ ଅନୁକୂଳ ରହିବ। ଏ ସମୟ ଅଫିସ୍‌ରେ ଆପଣଙ୍କର କର୍ତ୍ତୃତ୍ୱ ବଢ଼ିବ ଏବଂ ଉଚ୍ଚାଧିକାରୀଙ୍କ ସହିତ ସଂପର୍କ ମଜଭୁତ ହେବ। ଜୁନ୍‌ରୁ ଅକ୍ଟୋବର ମାସ ଭିତରେ ଟିକେ ସତର୍କ ନ ରହିଲେ ହଇରାଣରେ ପଡ଼ିଯାଇପାରନ୍ତି। ଜାନୁଆରି ଓ ଫେବ୍ରୁଆରି ମାସରେ ନୂଆ ଚାକିରିର ସୁଯୋଗ ରହିଛି। ରାଜନୀତି କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କ ପାଇଁ ବର୍ଷଟି ଭଲ ରହିବ। ଦଳରେ ଆପଣଙ୍କ ପରାମର୍ଶକୁ କେହି ବିରୋଧ କରିବା ପାଇଁ ସାହସ କରି ପାରିବେ ନାହିଁ। କଳା, ସାହିତ୍ୟ ଓ ଅଭିନୟ କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କୁ ଏ ବର୍ଷଟି ସୁଖଦ ପରିଣାମ ଆଣିଦେବ। ଖେଳାଳିମାନେ କ୍ରୀଡ଼ା କ୍ଷେତ୍ରରେ ଭଲ ପ୍ରଦର୍ଶନ କରି ଦଳରେ ନିଜର ସ୍ଥାନ ମଜଭୁତ କରିନେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅକ୍ଟୋବର ମାସ ବେଳକୁ ଗୃହ ପରିବର୍ତ୍ତନର ସମ୍ଭାବନା ରହିଛି। ବିପରୀତ ଲିଙ୍ଗ ଲୋକଙ୍କ ଦ୍ୱାରା ଆପଣ ଗୁଜବର ଶିକାର ହୋଇପାରନ୍ତି ଓ ଏହା ପ୍ରେମକୁ ମଧ୍ୟ ଆକ୍ରାନ୍ତ କରିବ। ଛାତ୍ରମାନେ ଗ୍ରହର ଶୁଭଦୃଷ୍ଟି ହେତୁ ଅନ୍ୟ କୌଣସି ପ୍ରତିଭା ପାଇଁ ସମ୍ମାନିତ ହୋଇପାରନ୍ତି। ସାଧାରଣ ଭାବେ ସ୍ୱାସ୍ଥ୍ୟ ଭଲ ରହିବ। ଯେଉଁମାନଙ୍କର ପେଟରୋଗ ଅଛି, ସେମାନେ ଖାଦ୍ୟପାନୀୟ ପ୍ରତି ସଜାଗ ରହନ୍ତୁ। ଶୁଭରଙ୍ଗ: ଧଳା, ଫିକା ହଳଦିଆ ଓ ଲାଲ। ଶୁଭସଂଖ୍ୟା: ୨, ୩ ଓ ୯। ଶୁଭରାଶି: କର୍କଟ, ବିଛା ଓ ଧନୁରାଶି। ଶୁଭରତ୍ନ: ପଖୋରାଜ, ରକ୍ତପ୍ରବାଳ ଓ ମୁକ୍ତା। ପୂଜାର୍ଚ୍ଚନା: ସତ୍ୟନାରାୟଣ। ଶୁଭଯନ୍ତ୍ର: ବୃହସ୍ପତି ଯନ୍ତ୍ର ଓ କୁବେର ଯନ୍ତ୍ର।

# ଫେବୃୟାରୀ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୨/୨୦୧୭ | ଶ୍ରୀପଞ୍ଚମୀ, ସରସ୍ୱତୀ ପୂଜା, ଶ୍ରୀମନ୍ଦିରରେ ବସନ୍ତୋତ୍ସବ |
| ୦୩/୦୨/୨୦୧୭ | ମାଘ ସପ୍ତମୀ ଓ ଚନ୍ଦ୍ରଭଗା ତୀର୍ଥେ ସ୍ନାନ |
| ୦୪/୦୨/୨୦୧୭ | ଭୀଷ୍ମାଷ୍ଟମୀ |
| ୦୭/୦୨/୨୦୧୭ | ଭୈମୀ ଏକାଦଶୀ, ବରାହ ଦ୍ୱାଦଶୀ ଓ ହଳ ନିଷେଧ |
| ୦୯/୦୨/୨୦୧୭ | ନିତ୍ୟାନନ୍ଦ ଗୋସ୍ୱାମୀଙ୍କ ଜନ୍ମୋତ୍ସବ, ଶିବଚତୁର୍ଦ୍ଦଶୀ, ଉପବାସ ଓ ବେଢା |
| ୧୦/୦୨/୨୦୧୭ | ଅଗ୍ନ୍ୟୁତ୍ସବ ପୂର୍ଣ୍ଣିମା ଓ ଯୋରନ୍ଦା ମେଳା, ଚନ୍ଦ୍ରପୂଜା |
| ୧୨/୦୯/୨୦୧୭ | କୁମ୍ଭ ସଂକ୍ରାନ୍ତି ଓ ହଳ ନିଷେଧ |
| ୨୨/୦୨/୨୦୧୭ | ପଙ୍କୋଦ୍ଧାର ଏକାଦଶୀ, ଉପବାସ, ବ୍ରତ |
| ୨୩/୦୨/୨୦୧୭ | ଶରଣ ଆରମ୍ଭ |
| ୨୪/୦୨/୨୦୧୭ | ଶିବରାତ୍ରି (ଜାଗର), ଶିବଚତୁର୍ଦ୍ଦଶୀ ଉପବାସ, ବ୍ରତ ଓ ବେଢା ପରିକ୍ରମା |
| ୨୬/୦୨/୨୦୧୭ | ଅମାବାସ୍ୟା, ସୂର୍ଯ୍ୟମହତ୍ ସ୍ନାନ, ଚନ୍ଦ୍ରକ୍ଷୟ, ନିଶିପାଳନ |
| ୨୭/୦୨/୨୦୧୭ | ଶରଣ ଶେଷ |
| ୨୮/୦୨/୨୦୧୭ | ଚନ୍ଦ୍ରଦର୍ଶନ, ଉପବାସ ଓ ପୂଜା |

# ଟିକଏ ହସନ୍ତୁ

| | |
|---|---|
| | ପିଣ୍ଟୁ – ସାଙ୍ଗ, ଗୋଟେ ଝିଅକୁ ପ୍ରୋପୋଜ୍ କରିବା ପାଇଁ ସବୁଠୁ ସେଫ୍ ଜାଗା କେଉଁଠି କହୁଲୁ ?<br>ପପୁ – ମନ୍ଦିର<br>ପିଣ୍ଟୁ – କାହିଁକି ?<br>ପପୁ – ସେଠି ସେ ଚପଲ ପିନ୍ଧି ନଥିବ ! |
| | ସ୍ୱାମୀ ସ୍ତ୍ରୀକୁ – ତୁମ ବାପାଙ୍କର କଟା ଘା ରେ ଚୂନ ଲଗେଇବାର ଅଭ୍ୟାସ ଏବେ ସୁଦ୍ଧା ଯାଇନାହିଁ ।<br>ସ୍ତ୍ରୀ – କଣ ହେଲା କ ?<br>ସ୍ୱାମୀ – ଆଜି ବି ପଚାରୁଥିଲେ, ମୋ ଝିଅ ସହ ବାହା ହୋଇ ଖୁସିରେ ଅଛ ତ ? |
| | ଶିକ୍ଷକ – କହିଲ ଦେଖି, ସବୁଠୁ ଚତୁର ପଶୁ କିଏ ?<br>ନଟୁ – ହରିଣ<br>ଶିକ୍ଷକ – କେମିତି ?<br>ନଟୁ – ଇଏ ସତ୍ୟ ଯୁଗରେ ରାମଙ୍କୁ ଫସେଇଲା ଆଉ କଳିଯୁଗରେ ସଲମାନକୁ!!! |
| | ଶିକ୍ଷକ – କହିଲ ଦେଖି ତୁମ ଭିତରୁ ସ୍ୱର୍ଗ କିଏ ଯିବ ?<br>(କେବଳ ଗୋଟିଏ ଛୋଟ ଝିଅକୁ ଛାଡି ଅନ୍ୟମାନେ ସମସ୍ତେ ହାତ ଉଠାଇଲେ)<br>ଶିକ୍ଷକ- ତୁ କଣ ସ୍ୱର୍ଗକୁ ଯିବାକୁ ଚାହୁଁନୁ ?<br>ଛୋଟ ଝିଅ – ସାର୍, ବୋଉ କହିଛି, “ଯଦି ସ୍କୁଲରୁ ସିଧା ସିଧା ଘରକୁ ନଆସୁ, ତେବେ ତୋର ଗୋଡ ଭାଙ୍ଗି ଦେବି”!!! |

***

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com



କେତେଯେ ସପନ ମନରେ ସାଜିଛି,
ଆଶା ଅସୁମାରୀ ଉଛୁଳା ନଇ,
ଗ୍ରାମଦେବତୀଙ୍କୁ ସାକ୍ଷୀ କରି ଆଜି,
ଆଶିଷ ମାଗୁଛି ମୋ ସ୍ୱାମୀ ପାଇଁ,
ଶଙ୍ଖା ସିନ୍ଦୁର ମୋ ବଜର ହେଉ,
ଶଙ୍ଖା ନାଇଦିଅ, ହେ ଶଙ୍ଖାରୀ ଭାଇ !!

(ବିଜେତା: ମୀନକ୍ଷୀ ପାଢ଼ୀ, ଥାନେ, ମହାରାଷ୍ଟ୍ର)

ଚୂଡି ବିକୁଅଛି କାଚର୍ ଭାଇ,
ବିପଣୀ ସଜାଇ ବସିଛି ଗୁହିଁ,
ନୂଆ ବରଷରେ ନୂଆଚୂଡି ପିନ୍ଧି
ପ୍ରଭୁ ପାଦେ ଯିବା ଆଳତି ଦେଇ ।

(ବିଜେତା-ସୁମିତ୍ରା ପଣ୍ଡା, ଶିଳ୍ପାଞ୍ଚଳ, ମଞ୍ଚେଶ୍ୱର, ଭୁବନେଶ୍ୱର)

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – vedantimagazine@gmail.com

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଷୟର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: **vedantimagazine@gmail.com**। ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**https://www.facebook.com/vedantiemagazine**

**http://vedantimagazine.wordpress.com**

**http://vedanti.wextarinteractive.com**

ବେଦାନ୍ତୀ